

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୨୦ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 20 JUNE 2022
Vol.No. 35 ■ No. 159 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


## ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ପୋପଙ୍କୁ ଭେଟିବେ ନବୀନ



ଭୁବନେଶ୍ୱର, ୧୯/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋମ ଗସ୍ତ ଓ ପୋପ ଫ୍ରାନସିସଙ୍କୁ ସାକ୍ଷାତ କରିବା ନେଇ ଉତ୍କଣ୍ଠା ବଢୁଛି । ମୁଖ୍ୟମନ୍ତ୍ରୀ ଭାଟିକାନ ସିଟିରେ ପୋପଙ୍କ ସହ ଦେଖାକରିବେ । ଭାରତର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ନବୀନ ଏହି ସାକ୍ଷାତ କରିବାକୁ ଯାଉଥିବାବେଳେ ରୋମରେ ପ୍ରବାସୀ ଓଡିଆଙ୍କ ସହ ମଧ ଆଲୋଚନା କରିବେ । ପ୍ରଥମ ମୁଖ୍ୟମନ୍ତ୍ରୀ ଭାବରେ ପୋପଙ୍କୁ ଭେଟିବାକୁ ଯାଉଛନ୍ତି ନବୀନ । ଭାଟିକାନ୍ ସିଟିରେ ହେବାକୁ ଥିବା ଏହି ସାକ୍ଷାତ ଆଲୋଚନା ଇତିହାସ ସୃଷ୍ଟି କରିବାକୁ ଯାଉଛି । ବିଶ୍ୱ ଜନସଂଖ୍ୟାର ପ୍ରାୟ ଏକ ଷଷ୍ଠାଂଶ ଲୋକଙ୍କ ଧର୍ମଗୁରୁ ପୋପ୍ ଫ୍ରାନ୍ସିସଙ୍କ ସହ ଏହି ଆଲୋଚନାକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି ।

## କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଓଡିଶା ଗସ୍ତ



ଭୁବନେଶ୍ୱର, ୧୯/୦୬ (ନି.ପ୍ର): ରେଳ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶା ଗସ୍ତରେ ଆସି ୨୧ ଜୁନ୍ ୨୦୨୨ ରେ ଆନ୍ତର୍ଜାତୀୟ ଯୋଗ ଦିବସରେ ଯୋଗଦେବେ । ୨୧ ଜୁନ୍, ୨୦୨୨ ରେ, ରେଳ ମନ୍ତ୍ରୀ କୋଣାର୍କ ମନ୍ଦିର ଐତିହ୍ୟ ସ୍ଥଳରେ ଆନ୍ତର୍ଜାତୀୟ ଯୋଗ ଦିବସର ନେତୃତ୍ୱ ନେବେ ଯେଉଁଠାରେ ସାଧାରଣ ଜନତା, ଛାତ୍ର ଏବଂ ବିଶେଷଜ୍ଞଙ୍କ ସହ ସମସ୍ତ କେନ୍ଦ୍ର ସରକାରୀ ଅନୁଷ୍ଠାନ ଅଂଶଗ୍ରହଣ କରିବେ । କୋଣାର୍କ ମନ୍ଦିରରେ କାର୍ଯ୍ୟକ୍ରମ ପ୍ରାୟ ସକାଳ ଛଅ ଘଟିକାରୁ ଆରମ୍ଭ କରାଯାଇ ପୂର୍ବାହ୍ନ ୮ଘ.୩୦ମି. ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ହେବ । କୋଣାର୍କ ମନ୍ଦିର ଠାରେ ଆୟୋଜିତ ଆନ୍ତର୍ଜାତୀୟ ଯୋଗ ଦିବସରେ ପ୍ରାୟ ୨ ହଜାର ଅଂଶଗ୍ରହଣକାରୀ ଯୋଗଦେବେ ବୋଲି ଆଶା କରାଯାଉଛି । ଦେଶର ୭୫ ଟି ଐତିହ୍ୟ ସ୍ଥାନରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି ଯେଉଁଠାରେ ଓଡିଶାର କୋଣାର୍କ ମନ୍ଦିରକୁ ମନୋନୀତ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମହୀଶୂର ଠାରୁ ଆନ୍ତର୍ଜାତୀୟ ଯୋଗ ଦିବସରେ ଅଂଶଗ୍ରହଣ କରିବେ ।

# ପ୍ରତ୍ୟାହାର ହେବନି 'ଅଗ୍ନିପଥ' ଯୋଜନା



ନୂଆଦିଲ୍ଲୀ, ୧୯/୦୬ : ଅଗ୍ନିପଥ ଯୋଜନାକୁ ନେଇ ସାରା ଦେଶରେ ନିଆଁ ଜଳୁଥିବାବେଳେ ଭାରତୀୟ ସେନା କଡା ଆଭିମୁଖ୍ୟ ଦେଖାଇଛି । ବିକ୍ଷୋଭକାରୀଙ୍କୁ କଡା ଚେତାବନୀ ଦେଇ ସେନା କହିଛି, କୌଣସି ପରିସ୍ଥିତିରେ ବି ଯୋଜନାକୁ ପ୍ରତ୍ୟାହାର କରାଯିବ ନାହିଁ । ପ୍ରତିବାଦକାରୀଙ୍କ ଉପରେ ହୋଇଥିବା ପ୍ରଶ୍ନର ଉତର ଦେଇ ସେନା ଅଧିକାରୀମାନେ କହିଛନ୍ତି, ଯେଉଁ ଆଶାୟୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବ, ସେମାନଙ୍କୁ ନିଯୁକ୍ତି ମିଳିବ ନାହିଁ । ସେମାନଙ୍କୁ ପୁଲିସ ସାର୍ଟିଫିକେଟ ଆଣିବାକୁ ପଡିବ । ଭାରତୀୟ ସେନାର ଏହି ଅଧିକାରୀମାନେ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟକରି କହିଛନ୍ତି ଭାରତୀୟ ସେନାର ହାରାହାରି ବୟସ କମ ହେବା ଦରକାର । ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ସାରା ଦେଶରେ ନିଆଁ ଜଳୁଥିବା ବେଳେ ଆଭିମୁଖ୍ୟ ସ୍ପଷ୍ଟ କରିଛି ପ୍ରତିରକ୍ଷା ମନ୍ତ୍ରାଳୟ । ତିନି ବାହିନୀର ପ୍ରମୁଖଙ୍କ ସହ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଲୋଚନା କରିବା ପରେ ଏପରି ନିଷ୍ପତି ନିଆଯାଇଛି । ପ୍ରେସମିଟରେ ମିଲିଟାରୀ ବ୍ୟାପାର ଅତିରିକ୍ତ ସଚିବ ଲେଫ୍ଟନାଣ୍ଟ ଜେନେରାଲ ଅନୀଲ ପୁରୀ କହିଛନ୍ତି – "ଯଦି କୌଣସି ଆଶାୟୀଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଥିବ, ସେମାନଙ୍କୁ ନିଯୁକ୍ତି ମିଳିବ ନାହିଁ.. ଆନ୍ଦୋଳନରେ ସାମିଲ ହୋଇନାହାନ୍ତି ବୋଲି ଏନରୋଲମେଂଟ୍ ଫର୍ମରେ ସେମାନଙ୍କୁ ଲେଖିବାକୁ ପଡ଼ିବ..ଏ ନେଇ ଶତ ପ୍ରତିଶତ ପୁଲିସ ଭେରିଫିକେସନ୍ କରାଯିବ.." । ଅଗ୍ନିପଥ ଯୋଜନାକୁ ବିରୋଧ କରି ଦେଶର ବିଭିନ୍ନ ଅଂଚଳରେ ନିଆଁ ଜଳୁଥିବା ବେଳେ ଦ୍ୱନ୍ଦ୍ୱ ଦୂର କରିବାକୁ ପ୍ରୟାସ ▶▶ପୃଷ୍ଠା ୭

# ଦିନେ ଦୁଇ ଦିନ ମଧ୍ୟରେ ମୌସୁମୀ ସମଗ୍ର ରାଜ୍ୟକୁ ଅଗ୍ରସର ହେବାର ସମ୍ଭାବନା



ଭୁବନେଶ୍ୱର, ୧୯/୦୬ (ନି.ପ୍ର): ରାଜ୍ୟର ପାଗ ଏବେ ଅନୁକୂଳ ରହିଥିବାରୁ ଆସନ୍ତା ଦିନେରୁ ଦୁଇଦିନ ମଧ୍ୟରେ ମୌସୁମୀ ସମଗ୍ର ରାଜ୍ୟକୁ ଅଗ୍ରସର ହେବାର ସମ୍ଭାବନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ତମାମ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ଜନିତ ଝଡ଼ବର୍ଷାର ସମ୍ଭାବନା ରହିଛି । ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହା କୁହା ଯାଇଛି । କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଆଗାମୀ ୨୪ ଘଂଟା ମଧ୍ୟରେ ଅର୍ଥାତସୋମବାର ମଧ୍ୟାହ୍ନ ସୁଦ୍ଧା ଓଡିଶାର ଜିଲ୍ଲାଗୁଡ଼ିକରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ବିଶେଷ କରି ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ନୟାଗଡ଼ ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି କରିଛି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଏହି ସମୟ ମଧ୍ୟରେ ଆଭ୍ୟନ୍ତରୀଣ ଓଡିଶାର ଜିଲ୍ଲା ଏବଂ ଉପକୂଳ ଓଡିଶାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ମଧ୍ୟ ସତର୍କ କରାଯାଇଛି ।

# ଆସାମର ୩୨ ଜିଲ୍ଲା ବନ୍ୟାଘେରରେ

## ୩୦,୯.୭୬୨ ଲୋକ ପ୍ରଭାବିତ, ଏବେ ପର୍ଯ୍ୟନ୍ତ ୬୨ଜଣଙ୍କ ମୃତ୍ୟୁ



ଗ୍ୱୋହାଟୀ,୧୯/୦୬ : ଆସାମର ୩୨ ଜିଲ୍ଲା ବନ୍ୟା ଏବଂ ଭୂ-ସ୍ଖଳନ ଘେରରେ ଆସିଯାଇଛି । ଏହାଦ୍ୱାରା ୩୦,୯.୭୬୨ ଲୋକ ପ୍ରଭାବିତ ହୋଇଛନ୍ତି । ଆସାମ ରାଜ୍ୟ ବିପର୍ଯ୍ୟୟ ପ୍ରବନ୍ଧନ ପ୍ରାଧିକରଣ(ଏଏସ୍‌ଡିଏମ୍‌ଏ) ଉଦ୍ଧାର କାର୍ଯ୍ୟରେ ଲାଗିଯାଇଛନ୍ତି । ଉଦ୍ଧାର ଅଭିଯାନ ପାଇଁ ଅତିରିକ୍ତ ସଂସାଧନୋକୁ ଜୁଟାଯାଇଛି । ଗମ୍ଭୀର ରୂପରେ ବନ୍ୟା ପ୍ରଭାବିତ ଜିଲ୍ଲାରେ ଗତ ୨୪ ଘଂଟା ମଧ୍ୟରେ(ଗତ ରାତି ପର୍ଯ୍ୟନ୍ତ) ଆଠଜଣଙ୍କ ମୃତ୍ୟୁ ହୋଇଛି । ବନ୍ୟା ଏବଂ ଭୂସ୍ଖଳନ ମଧ୍ୟରେ ଏପର୍ଯ୍ୟନ୍ତ ୬୨ ଲୋକଙ୍କ ମୃତ୍ୟୁ ହୋଇସାରିଛି । ଏଏସ୍‌ଡିଏମ୍‌ଏ ଅନୁଯାୟୀ ବନ୍ୟା ଏବଂ ଭୂସ୍ଖଳନରେ ଗତ ୨୪ ଘଂଟା ମଧ୍ୟରେ ୩୨ ଜିଲ୍ଲାର ୪,୨୯୬ ଗାଆଁର ମୋଟ ୩୦,୯୯,୭୬୨ ଲୋକ ପ୍ରଭାବିତ ହୋଇଛନ୍ତି । ଗତ ୨୪ ଘଂଟାରେ ବନ୍ୟାରେ ମୋଟ ୬୬୪୫୫.୮୨ ହେକ୍ଟର ଫସଲ ଜମି ପ୍ରଭାବିତ ହୋଇଛି । ଗତ ୨୪ ଘଂଟାରେ ୮ଜଣଙ୍କ ମୃତ୍ୟୁ ହୋଇଛି ଏବଂ ଏବେ ପର୍ଯ୍ୟନ୍ତ ରାଜ୍ୟରେ ମୋଟ ୬୨ ଲୋକ(ବନ୍ୟାରେ ୫୧ ଏବଂ ଭୂସ୍ଖଳନରେ ୧୧ ଜଣ)ଙ୍କ ମୃତ୍ୟୁ ହୋଇସାରିଛି । ସମସ୍ତ ପ୍ରଭାବିତ ଅଂଚଳରେ ୫୧୪ ରାହତ ଶିବିର ଏବଂ ୩୦୨ ରାହତ ବିତରଣ କେନ୍ଦ୍ର ଖୋଲାଯାଇଛି । ଏହି ରାହତ ଶିବିରରେ ମୋଟ ୧,୫୬,୩୬୫ ପ୍ରଭାବିତ ଲୋକ ରହିଛନ୍ତି । ଲଗାତାର ବର୍ଷା କାରଣରୁ ପରିସ୍ଥିତି ଉପରେ ପ୍ରଶାସନ ପକ୍ଷରୁ କଡ଼ା ଦୃଷ୍ଟି ରଖାଯାଇଛି ।

# ମଝି ଆକାଶରେ ଯାତ୍ରୀବାହୀ ବିମାନରେ ଅଗ୍ନିକାଣ୍ଡ




ନୂଆଦିଲ୍ଲୀ, ୧୯/୦୬ : ଯାତ୍ରୀବାହୀ ବିମାନରେ ଅଗ୍ନିକାଣ୍ଡ । ମଝି ଆକାଶରେ ବିମାନରେ ଲାଗିଲା ନିଆଁ । ଫଳରେ ଉକ୍ତ ବିମାନକୁ ଜରୁରୀକାଳୀନ ଅବତରଣ କରାଯାଇଛି । ବିହାର ପାଟନା ବିମାନ ବନ୍ଦରରେ ଏଭଳି ଏକ ବିମାନ ଦୁର୍ଘଟଣା ଘଟିଛି । ରିପୋର୍ଟ ମୁତାବକ, ବିମାନଟି ପାଟନାର ଜୟପ୍ରକାଶ ଇଣ୍ଟରନ୍ୟାସନାଲ ବିମାନ ବନ୍ଦରରୁ ୧୨ଟା ୧୦ ମିନିଟ୍‌ରେ ଦିଲ୍ଲୀ ଅଭିମୁଖେ ଉଡାଣ ଭରିଥିଲା । ତେବେ ଟେକ୍ ଅଫ୍‌ର କିଛି ମିନିଟ୍ ପରେ ବିମାନର ଗୋଟିଏ ଡେଣାରେ ନିଆଁ ଲାଗିଯାଇଥିଲା । ତେବେ ଆଶ୍ଚର୍ଯ୍ୟଜନକ କଥା ଯେ, ବିମାନରେ ଲାଗିଥିବା ନିଆଁକୁ ତଳେ ଥିବା କିଛି ଲୋକେ ଦେଖିଥିଲେ । ଏହାପରେ ପାଟନା ପୁଲିସକୁ ଏନେଇ ସୂଚନା ଦିଆଯାଇଥିଲା । ଏହାପରେ ବିମାନ ଅଧିକାରୀଙ୍କୁ ଏନେଇ ପୁଲିସ ସୂଚିତ କରାଯାଇଥିଲା । ଏହାପରେ ବିମାନଟିକୁ ଜରୁରୀକାଳୀନ ଲ୍ୟାଣ୍ଡିଂ କରାଯାଇଥିଲା । ପାଟନା ଡିଏମ କହିଛନ୍ତି ଯେ ବିମାନରେ ୧୮୫ ଜଣ ଯାତ୍ରୀ ଥିଲେ । ଡିଏମ ଅନୁଯାୟୀ ସମସ୍ତ ଯାତ୍ରୀ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି । ସ୍ଥାନୀୟ ଲୋକ ଏହି ଘଟଣା ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ସୂଚନା ଦେଇଥିଲେ । ଯାହା ପରେ ପ୍ରଶାସନ ବିମାନବନ୍ଦର ଅଧିକାରୀଙ୍କୁ ସତର୍କ କରାଇଥିଲା । କେଉଁ କାରଣରୁ ବିମାନରେ ନିଆଁ ଲାଗିଲା ତାହା ତଦନ୍ତ ପରେ ଜଣାପଡିବ । ବିମାନରେ କୌଣସି ଯାନ୍ତ୍ରିକ ତ୍ରୁଟି ଥାଇପାରେ ବୋଲି ପାଟନା ଡିଏମ୍ କହିଛନ୍ତି । ସେପଟେ ଇଞ୍ଜିନିଅରିଂ ଟିମ୍ ଏହି ଘଟଣାର ତଦନ୍ତ ଜାରି ରଖିଛନ୍ତି । ବିମାନର ଯାତ୍ରୀଙ୍କ କହିବା ମୁତାବକ, ବିମାନଟି ଟେକ୍ ଅଫ୍ କରିବା ବେଳେ ହିଁ ଏଥିରେ କିଛି ତ୍ରୁଟି ଭଳି ମନେ ହେଉଥିଲା । ରନ୍‌ୱେରେ ଥିବା ବେଳେ ହିଁ ବିମାନରେ ପ୍ରବଳ ଶବ୍ଦ ସୃଷ୍ଟି ହୋଇଥିଲା ।

# ମୁହଁ ଖୋଲିଲେ ବିଧାୟକ ବିଜୟ ଶଙ୍କର ଦାସ: କହିଲେ, ପ୍ରେମିକାଙ୍କୁ ବାହା ହେବାକୁ ଅଛନ୍ତି ରାଜି



ଭୁବନେଶ୍ୱର, ୧୯/୦୬ (ନି.ପ୍ର): ପ୍ରେମିକାଙ୍କ ସୋମାଲିକାଙ୍କ ସହ ବିବାହକୁ ନେଇ ବଡ ବିବାଦରେ ଛନ୍ଦି ହେବା ପରେ ଶେଷରେ ମୁହଁ ଖୋଲିଛନ୍ତି ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ । ବିଜୟ ଶଙ୍କର କହିଛନ୍ତି, ସେ ସୋନାଲିକାଙ୍କୁ ବିବାହ କରିବାକୁ ରାଜି ଅଛନ୍ତି । ବିଧାୟକ ଥିବାରୁ ତାଙ୍କୁ ବଦନାମ କରିବାକୁ ଉଦ୍ୟମ ହେଉଛି । ସୋନାଲିକାଙ୍କ ପରିବାରକୁ ଧମକ ଦିଆଯାଉନି , ବରଂ ତାଙ୍କ ପରିବାରକୁ ଧମକ ମିଳୁଛି ବୋଲି ସେ ପାଲଟା ଅଭିଯୋଗ ଆଣିଛନ୍ତି । ବିବାହ କରିବାକୁ ତାଙ୍କୁ ଦେଢମାସ ସମୟ ଦରକାର । ବିଧାୟକଙ୍କ ବିରୋଧରେ ସୋନାଲିକାଙ୍କ ଅଭିଯୋଗ ଚର୍ଚ୍ଚାର ବିଷୟ ହୋଇଥିଲା । କୁହାଯାଉଥିଲା, ସୋନାଲିକାଙ୍କ ବୟାନ ରେକର୍ଡ ପରେ ବିଧାୟକଙ୍କୁ ବି ପଚରାଉଚରା କରିପାରେ ପୁଲିସ । ଏବେ ବିଜୟଙ୍କ ସଫେଇ ପରେ ମାମଲା ଭିନ୍ନମୋଡ ନେଇଛି । ବିଧାୟକ ସେକ୍ସ ର୍ୟାକେଟ ଚଳାଉଛନ୍ତି ବୋଲି ସଙ୍ଗୀନ ତଥା ଗୁରୁତର ଅଭିଯୋଗ ଆଣିଥିଲେ ପ୍ରେମିକା ସୋମାଲିକା ଦାସ । ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସୋମାଲିକା ଲିଖିତ ଅଭିଯୋଗରେ ଦର୍ଶାଇଥିଲେ ବିଧାୟକ ଝିଅଙ୍କୁ ଏହି କାରବାରରେ ନିୟୋଜିତ କରି ସେଥିରୁ ସଂଗୃହୀତ ଅର୍ଥ ନିର୍ବାଚନରେ ଖର୍ଚ୍ଚ କରୁଛନ୍ତି । ଅଭିଯୋଗ ଆଧାରରେ ପୁଲିସ ଆଇପିସିର ଧାରା ୪୨୦, ୧୯୫-ଏ, , ୫୦୬-ବି,୨୯୪, ୫୦୯, ୩୪୧, ୧୨୦ ▶▶ପୃଷ୍ଠା ୭

## ଜଳେଶ୍ୱର ବିଡିଓ ଅଶ୍ୱିନୀ କୁମାର ଦାସ ଭିଜିଲାନ୍ସ ଦ୍ୱାରା ଗିରଫ

ଭୁବନେଶ୍ୱର, ୧୯/୦୬ (ନି.ପ୍ର): ଆୟବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଜଳେଶ୍ୱର ବିଡିଓ ଅଶ୍ୱିନୀ କୁମାର ଦାସ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ଭିଜିଲାନ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ପ୍ରାୟ ୫ କୋଟି ଟଙ୍କାର ସମ୍ପତି ଠାବ ପରେ ଗିରଫ କରାଯାଇଛି । ନିଜସ୍ୱ ଆୟ ଠାରୁ ୪୫୦% ଅଧିକ ସମ୍ପତି ଆହରଣ କରିଥିବା ଜଣା ପଡିଛି ।

# ବର୍ଷା ଯୋଗୁଁ ସିରିଜ ବରାବର କଲେ ଭାରତ-ଦକ୍ଷିଣ ଆଫ୍ରିକା



ନୂଆଦିଲ୍ଲୀ, ୧୯/୦୬ : ଭାରତ-ଦକ୍ଷିଣ ଆଫ୍ରିକା ପଞ୍ଚମ ଟି-୨୦ରେ ବର୍ଷା ସାଜିଲା ବାଧକ । ୨-୨ ସିରିଜ ବରାବର । ଶେଷ ଟି-୨୦ ମ୍ୟାଚରେ ବର୍ଷା କାରଣରୁ ରଦ୍ଦ ହୋଇଛି ମ୍ୟାଚ୍ । ଏହା ସିରିଜର ଶେଷ ମ୍ୟାଚ୍ ଥିବା ବେଳେ ଏଥିରେ ବିଜୟୀ ହୋଇ ସିରିଜ୍ କବଜା କରିବା ଲକ୍ଷ୍ୟରେ ଥିଲେ ଉଭୟ ଦଳ । କିନ୍ତୁ ଲଗାଣ ବର୍ଷା କାରଣରୁ ମ୍ୟାଚକୁ ଅଧାରୁ ବାତିଲ କରାଯାଇଛି । ଶେଷ ଟି-୨୦ ମ୍ୟାଚରେ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଦକ୍ଷିଣ ଆଫ୍ରିକା । କିନ୍ତୁ ପ୍ରଥମରୁ ଆକ୍ରମଣାତ୍ମକ ଖେଳିଥିଲା ଭାରତ । ପ୍ରଥମ ଓଭରରେ ହିଁ ୨ଟି ଛକା ମାରି ବଡ ସ୍କୋର କରିବାର ସଂକେତ ଦେଇଥିଲା ଟିମ୍ ଇଣ୍ଡିଆ । କିନ୍ତୁ ୨ ଓଭରରୁ ହିଁ ଖେଳର ମୋଡ ଦକ୍ଷିଣ ଆଫ୍ରିକା ସପକ୍ଷକୁ ବୁଲିଥିଲା । ଏନଗିଡି ଲଗାତାର ୨ ଓଭରରେ ଦୁଇ ୱିକେଟ ନେଇ ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଥିଲା । ଆଉ ଏହି ସମୟରେ ▶▶ପୃଷ୍ଠା ୭

# ବ୍ରେକ ନଥିବା ସ୍କୁଟିକୁ ନେଇ ବଙ୍ଗୀୟ ଯୁବତୀଙ୍କୁ ଚାପୁଡ଼ା

## ପୁରୀରେ ପର୍ଯ୍ୟଟକଙ୍କୁ ଶୋଷଣ ସୀମା ଡେ଼ଇଁଲାଣି

ପୁରୀ,୧୯/୦୬ (ନି.ପ୍ର): ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର ଶ୍ରୀକ୍ଷେତ୍ର । ସୁଖଦ ଅନୁଭୂତି ନେଇ ଭକ୍ତ ଫେରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ପୁରୀରେ ବିଭିନ୍ନ ସ୍ଥାନରେ ପର୍ଯ୍ୟଟକଙ୍କୁ ଶୋଷଣ କରାଯାଉଥିଲେ ମଧ୍ୟ ପୋଲିସ ନିରବଦ୍ରଷ୍ଟା ସାଜିଥିବା ପର୍ଯ୍ୟଟକଙ୍କୁ ବାଧୁଛି । ବଙ୍ଗୀୟ ଯୁବତୀ ଶୀତଲ ସାହା ଗତକାଲି ପୁରୀ ବୁଲିବାକୁ ଆସିଥିଲେ । ସହର ବୁଲିବା ପାଇଁ ଗୋଟିଏ ସ୍କୁଟି ଭଡ଼ାରେ ନେଇଥିଲେ । ସ୍କୁଟିର ବ୍ରେକ ନଥିବାରୁ ୪ଟି ସ୍ଥାନରେ ଦୁର୍ଘଟଣାରୁ ବର୍ତିଲେ ପର୍ଯ୍ୟଟକ ଏ ସମ୍ପର୍କରେ ସ୍କୁଟି ନେଇଥିବା ଦୋକନରେ ଅଭିଯୋଗ କରିବାରୁ ବଙ୍ଗୀୟ ଯୁବତୀଙ୍କୁ ଏକ ଶକ୍ତ ଚାପୁଡ଼ା ମାରିଥିବା ଅଭିଯୋଗ କରିଛନ୍ତି ଯୁବତୀ । ଏ ସମ୍ପର୍କରେ ଥାନାରେ ଅଭିଯୋଗ କଲେ ମଧ୍ୟ ପୋଲିସ ହାଲୁକା ମନଭାବ ପର୍ଯ୍ୟଟକଙ୍କୁ ବ୍ୟଥିତ କରିଛି । ଏଠାରେ ସୂଚନା ଯୋଗ୍ୟଯେ, ପୁରୀକୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ବିଭିନ୍ନ ଆଳ ଦେଖାଇ ଶୋଷଣ କରାଯାଉଛି । ଦିନକ ପାଇଁ ରୁମ ମାଗିଲେ ଦୁଇ ଦିନର ଭଡ଼ା ନିଆଯାଉଛି । ଟୁରିଷ୍ଟ ବସରେ ମଧ୍ୟ ଅଧିକ ଅର୍ଥ ଦାବି କରାଯାଉଛି । ଚିଲିକା ବୁଲାଇବାକୁ କହି ଅଧିକ ଅର୍ଥ ଦାବି କରାଯାଉଛି । ଯେଉଁ ହୋଟେଲରେ ରହୁଛନ୍ତି ସେହି ହୋଟେଲରେ ଖାଇବା ପାଇଁ ଚାପ ପକାଉଛନ୍ତି । ଅଟୋ ଭଡ଼ା, ଖଜା କିଣିବା ଓ ଅବଢା କିଣି ପର୍ଯ୍ୟଟକଙ୍କୁ ଯୋଗାଇବା ସହ ଅଧିକ ଅର୍ଥ ଦାବି କରାଯାଉଛି । ଯାହାଫଳରେ ପର୍ଯ୍ୟଟକ ସବୁ ତୀର୍ଥକ୍ଷେତ୍ର ବୁଲି ଶେଷରେ ପୁରୀରେ ମନିପର୍ସ ଖାଲି ହୋଇଯାଉଥିବା ଅଭିଯୋଗ ମିଳୁଛି ।

# ପାକିସ୍ତାନର ହୋସ୍ ଉଡାଇଲା ଅଗ୍ନିପଥ



ନୂଆଦିଲ୍ଲୀ, ୧୯/୦୬ : ସେନାରେ ନିଯୁକ୍ତିର ନୂଆ ପ୍ରକ୍ରିୟା ଅଗ୍ନିପଥ ଯୋଜନାକୁ ନେଇ ଦେଶରେ ବିଭିନ୍ନ ସ୍ଥାନରେ ବିରୋଧ ପ୍ରଦର୍ଶନ ଚାଲିଛି । ସେପଟେ ପାକିସ୍ତାନ ମିଡିଆରେ ମୋଦୀ ସରକାରଙ୍କ ଏହି ମାଷ୍ଟର ଷ୍ଟ୍ରୋକକୁ ନେଇ ଆଲୋଚନା ଓ ବିତର୍କ ଚାଲିଛି । ଭାରତୀୟ ସେନାରେ ନିଯୁକ୍ତିକୁ ନେଇ ମୋଦୀ ସରକାରଙ୍କ ଅଗ୍ନିପଥ ଯୋଜନା ପଡୋଶୀ ପାକିସ୍ତାନର ହୋସ ଉଡାଇଦେଲାଣି । ପାକିସ୍ତାନ ମିଡିଆରେ ଅଗ୍ନିପଥ ଯୋଜନାକୁ ନେଇ ଜୋରଦାର ଆଲୋଚନା ଓ ବିତର୍କ ହେଉଛି । ଭାରତରେ ଅଗ୍ନିପଥ ଯୋଜନାକୁ ନେଇ ଯେଭଳି ଚର୍ଚ୍ଚା ଚାଲିଛି, ପଡୋଶୀ ପାକିସ୍ତାନରେ ମଧ୍ୟ ତର୍କ ବିତର୍କ ଦେଖିବାକୁ ମିଳିଛି । ପାକିସ୍ତାନୀ ଟିଭି ଚ୍ୟାନେଲରେ ଭାରତ ସରକାରଙ୍କ ଅଗ୍ନିପଥ ଯୋଜନାକୁ ନେଇ ବିତର୍କ କାର୍ଯ୍ୟକ୍ରମ ହେଉଛି । ପାକିସ୍ତାନ ରାଜନେତା ଓ ସାମରିକ ବିଶାରଦ ଆଲୋଚନାରେ ଭାଗ ନେଇ ଶଙ୍କା ଜାହିର କରୁଛନ୍ତି, ପିଓକେ ଦଖଲ ପାଇଁ ଭାରତ ହୁଏତ ଏହି ଯୋଜନା କରିଥାଇପାରେ । ପାକିସ୍ତାନୀ ଟିଭି ଡିବେଟରେ, ଭାରତର ସୈନ୍ୟଶକ୍ତିକୁ ଯୁବଶକ୍ତିରେ ପରିଣତି କରିବାକୁ ଆରମ୍ଭ ହୋଇଥିବା ଯୋଜନାର କୁପରିଣାମ ପାକିସ୍ତାନକୁ ଭୋଗିବାକୁ ପଡିବ, ଏଭଳି ଆଶଙ୍କା କରୁଛନ୍ତି ପାକିସ୍ତାନ ନେତା । ତେବେ ପରିବର୍ତିତ ପରିସ୍ଥିତିକୁ ଦେଖି ପାକିସ୍ତାନ କାହିଁକି ପଦକ୍ଷେପ ନେଇପାରୁ ନାହାନ୍ତି ବୋଲି ଡିବେଟରେ ସରକାରଙ୍କୁ ପ୍ରଶ୍ନ କରୁଛନ୍ତି । ଭାରତର ପଡୋଶୀ ପାକିସ୍ତାନ ସଦାସର୍ବଦା ଭାରତରେ, ବିଶେଷ କରି କାଶ୍ମୀର ଘାଟିରେ ଅସ୍ଥିରତା ସୃଷ୍ଟି କରିବାର ମନ୍ଦ ଉଦ୍ଦେଶ୍ୟ ନେଇ କାମ କରି ଆସୁଛି । ଆଉ ଏବେ ଅଗ୍ନିପଥ ଯୋଜନା ଜରିଆରେ ଯୁବ ଶକ୍ତିଙ୍କୁ ସାମିଲ ଉଦ୍ୟମକୁ ସହଜରେ ଗ୍ରହଣ କରିପାରୁ ନାହିଁ ପାକିସ୍ତାନ ।

# ବୃଦ୍ଧ ଦମ୍ପତିଙ୍କ ପାଇଁ ସରକାରୀ ଯୋଜନା ସାତସପନ

ଜୟପୁର,୧୯/୦୬ (ନି.ପ୍ର): ଗରିବ ଗୁରୁବା ଏବଂ ଅସହାୟଙ୍କ ପାଇଁ ମାଳ ମାଳ ଯୋଜନା କରୁଛନ୍ତି ସରକାର। ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ, ବୃଦ୍ଧ ବୃଦ୍ଧା, ବିଧବାଙ୍କ ପାଇଁ ମାସିକ ଭତା, ବାସହରାଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ କରାଯାଉଛି। ଏସବୁ ଯୋଜନା ସ୍ୱତ୍ୱେ ଆଜି ବି ଅନେକ ହିତାଧିକାରୀ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି। ଏଇ ଯେମିତି କୋରାପୁଟ ଜିଲ୍ଲା ରାମପାତ୍ରପୁଟ ଗ୍ରାମର ବାସହରା ବୃଦ୍ଧଦମ୍ପତି ଖାଇବା ରହିବା ପାଇଁ ସଂଘର୍ଷ କରୁଛନ୍ତି। ପରିଣତ ବୟସରେ ଜୀବନ ଜିଇବା ପାଇଁ ସଂଘର୍ଷ। ମୁଣ୍ଡ ଗୁଞ୍ଜିବା ପାଇଁ ଛାତ, ପେଟର ଭୋକ ମେଂଟାଇବା ପାଇଁ ଖାଦ୍ୟ ଯୋଗାଡ଼ ଚିନ୍ତାରେ ଅସହାୟ ବୃଦ୍ଧ ଦମ୍ପତି । ଏହି ବୃଦ୍ଧ ଦମ୍ପତି ହେଉଛନ୍ତି କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ନାରୀଗାଁ ପଂଚାୟତ ଅନ୍ତର୍ଗତ ରାମପାତ୍ରପୁଟ ଗ୍ରାମର ପଦୁ ଓ ମଙ୍ଗୁଳି। ବୟସ ପାଖାପାଖି ୭୦ ଛୁଇଁଲାଣି । ସ୍ତ୍ରୀ ମଙ୍ଗୁଳିଙ୍କୁ ନେଇ ଚାଲିଛି ପଦୁଙ୍କ ସଂସାର । ବୟସର ଅପରାହ୍ନରେ ଏହି ସ୍ୱାମୀ ସ୍ତ୍ରୀଙ୍କୁ ଆଜିବି ପେଟ ପାଇଁ ସଂଘର୍ଷ କରିବାକୁ ପଡୁଛି । ବଳଦ ଧରି ଗାଁ କୁ ଗାଁ ଘରକୁ ଘର ବୁଲିଲେ ଏହି ଦମ୍ପତିଙ୍କର ପେଟକୁ ଦୁଇମୁଠା ଆହାର ଯାଉଛି । ଏମାନଙ୍କ ଘର ନଥିବାରୁ ପର ଲୋକଙ୍କ ଘରରେ ହିଁ ଏମାନେ ମୁଣ୍ଡ ଗୁଞ୍ଜନ୍ତି। ସରକାରଙ୍କ କୌଣସି ଯୋଜନା ଏହି ବୃଦ୍ଧାଦମ୍ପତିଙ୍କ ପାଖେ ପହଂଚି ପାରିନି। ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ, ଆବାସ ଯୋଜନାରେ ବାସଗୃହ, ବାର୍ଦ୍ଧକ୍ୟ ଭତା ଏମାନଙ୍କ ପାଇଁ ସାତ ସପନ ହୋଇପଡିଛି । ଥିଲାବାଲାଙ୍କୁ ସରକାରଙ୍କ ତରଫରୁ ଘର ମିଳୁଛି, କିନ୍ତୁ ଏଭଳି ଅସହାୟ ଅବସ୍ଥାରେ ଜୀବନ କାଟୁଥିବା ଲୋକଙ୍କ ଉପରେ ପ୍ରଶାସନର ଦୃଷ୍ଟି ପଡୁନାହିଁ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଦେହ ବି ଆସ୍ତେ ଆସ୍ତେ ଖରାପ ହେଉଥିବାରୁ ଆଉ ବେଶି ଚାଲି ପାରୁନାହିଁ କି ବଳଦକୁ ଧରି ଯାଇ ପାରୁନାହିଁ, ତେଣୁ ଘର ଚଳିବାରେ ବହୁତ ଅସୁବିଧା ହେଉଛି ବୋଲି ପଦୁ ଗୌଡ଼ କହିଥିବା ବେଳେ ତାଙ୍କ ସ୍ତ୍ରୀ ମଙ୍ଗୁଳି ଆମକୁ କିଛି ସୁବିଧା ସରକାର ପାଖରୁ ମିଳିନାହିଁ ଆମକୁ ଚାଲିବାରେ ଅସୁବିଧା ହେଉଛି ତାଙ୍କୁ ଆବାସ ଯୋଜନାରେ ଘର ଏବଂ ପେନସେନ ଯୋଗାଇ ଦେବା ପାଇଁ ସେ ବିନତି ଅନୁରୋଧ କରିଛନ୍ତି। ବର୍ଷ ବର୍ଷ ଧରି ଏହି ବୃଦ୍ଧ ଦମ୍ପତି ନାନା ଅସୁବିଧାରେ ଜୀବନ ବିତାଉଛନ୍ତି। ସନ୍ତାନ ସନ୍ତତି ନଥିବାରୁ ବୃଦ୍ଧ ବୟସରେ ବି ବଂଚିବା ପାଇଁ ବାର ଦୁଆର ସୁଣ୍ଡି ପିଣ୍ଡା ହେଉଛନ୍ତି ଏମାନେ। ବାରମ୍ବାର ଗୁହାରି ସ୍ୱତ୍ୱେ ଆଜି ପର୍ଯ୍ୟନ୍ତ ସରକାରୀ ସୁବିଧା ଯୋଗାଇ ଦେଇନି ପ୍ରଶାସନ। ସେମାନଙ୍କର ହକ ବାର୍ଦ୍ଧକ୍ୟ ଭତା, ମାସିକ ଚାଉଳ ଏବଂ ପକା ଘର ଯୋଗେଇଦେବା ପାଇଁ ଦାବି କରିଛନ୍ତି ଗ୍ରାମ ବାସୀ ଏବଂ ପୂର୍ବତନ ସରପଂଚ। ସରକାର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମାଳ ମାଳ ଯୋଜନା ପ୍ରଣୟନ ନେଇ ଜୋରଦାର ପ୍ରଚାର ପ୍ରସାର କରୁଛନ୍ତି। ହେଲେ ଏଭଳି ବୃଦ୍ଧଦମ୍ପତିଙ୍କୁ ଦେଖିଲେ ସମସ୍ତ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ଉଠିଛି ବଡ ପ୍ରଶ୍ନ ।

# ବିପୁଳ ପରିମାଣର ଅସମ୍ପୂର୍ଣ୍ଣ କାଠ ସାମଗ୍ରୀ ଓ ସାଇଜ କାଠ ଜବତ

ବଲାଙ୍ଗିର,୧୯/୦୬ (ନି.ପ୍ର): ଗତକାଲି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ହରିଶଙ୍କର ଓ କଠୋର ରେଞ୍ଜ କର୍ମଚାରୀ ସାହଜପାନି ଗ୍ରାମକୁ ଯାଇ ଶଶୀ ମେହେରଙ୍କ ଘରେ ତାଙ୍କର ପରିବାର ସଦସ୍ୟ ମାନଙ୍କ ଓ ଗ୍ରାମର ସରପଂଚଙ୍କ ଉପସ୍ଥିତିରେ ତଲାସୀ ନେଇଥିଲେ । ତଲାସୀ ବେଳେ ଘର ମାଲିକ ଫେରାର ହୋଇଯାଇଥିବା ବେଳେ ଗୃହରେ ଥିବା ସଦସ୍ୟ ମାନେ ଜବତ ସାମଗ୍ରୀ ଓ ସପକ୍ଷରେ କୌଣସି କାଗଜପତ୍ର ଦେଖାଇ ପାରି ନଥିଲେ। ଝଲିଆଲିଟି ବିଟ ବନରକ୍ଷୀ ଦାୟିତ୍ୱରେ ଥିବା ଇନ୍ଦ୍ରମଣି ବେହେରା ସାମଗ୍ରୀ ଭିତରେ ବାହି ସହିତ ୪ ପଲଙ୍କ, ଶାଗୁଆନ ସାଇଜ ୨୧ ଖଣ୍ଡ ୦.୫୦୧ କୁବିକ ମିଟର(୧୭.୬୯୨ ସି ଏଫ୍ ଟି), ଗୋଟିଏ ଅସମ୍ପୂର୍ଣ୍ଣ ଟେବଲ, ଗୋଟିଏ ଚା ଟେବୁଲ, ୩ ଟି ସୋଫା ଚେଏୟାର ଅସମ୍ପୂର୍ଣ୍ଣ, ୨ ଟି ଇଲେକ୍ଟ୍ରିକାଲ କଟର ମେସିନ ଜବତ କରିଥିଲେ। ଏ ଦିଗରେ ଅଧିକ ତଦନ୍ତ ଜାରି ରହିଛି।

ଏହି ତଲାସୀ ବେଳେ ଲାଠୋର ରେଞ୍ଜ ଅଧିକାରୀ ପ୍ରଭାତୀ ସେଠ, ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗଙ୍କ ସମେତ ପାରା ବନ କର୍ମଚାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ୭୪ ବର୍ଷର ଗଣମାଧମ ସଂସ୍ଥା ଓ ସାମ୍ବାଦିକଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କଲେନି ରାଜ୍ୟ ସରକାର

କନ୍ଧମାଳ,୧୯/୦୬ (ନି.ପ୍ର): ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କର ଦାବୀ ଓ ଆଗ ଧାଡିର ସାମ୍ବାଦିକ ସଂଘ ଓଡିଶା ସାମ୍ବାଦିକ ୟୁନିଅନ ସମେତ ଅନ୍ୟାନ୍ୟ ସଂଗଠନ ଗୁଡିକର ଦିର୍ଘ ବର୍ଷ ଧରି ନିରନ୍ତର ଦାବୀ ଓ ଆନ୍ଦୋଳନ ପରେ ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ପାଇଁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ଆରମ୍ଭ କରିଥିଲେ। ଏଥିରେ ଆରମ୍ଭରୁ ଅଧିକାଂଶ ଗଣମାଧମ ସଂସ୍ଥାର ସାମ୍ବାଦିକ ମାନଙ୍କୁ ସାମିଲ୍ କରାଯାଇଥିଲା। ଯାହା ଫଳରେ ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିବା ସାମ୍ବାଦିକଙ୍କ ସମେତ ସେମାନଙ୍କ ପରିବାର ଲୋକେ ସ୍ୱାସ୍ଥ୍ୟ ବୀମା ସୁବିଧା ପାଇ ପାରୁଥିଲେ। ଏହି ବୀମାର ନବୀକରଣ ପ୍ରତି ବର୍ଷ ହେଉଥିବା ବେଳେ ଆରମ୍ଭରୁ ଏହି ଯୋଜନାରେ ସାମିଲ ହୋଇଥିବା ସଂସ୍ଥା ଓ ସାମ୍ବାଦିକଙ୍କ ବୀମା ଯୋଜନାକୁ ନବିକରଣ କରାଯିବା କଥା। ହେଲେ ଚଳିତ ଥର ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପାତର ଅନ୍ତର ନୀତି ଆପଣେଇଛି। ପୂର୍ବରୁ ଏହି ଯୋଜନାରେ ସାମିଲ ଥିବା କିଛି ସର୍ବ ପୁରାତନ ଗଣମାଧମ ଗଣମାଧମ ସଂସ୍ଥା (୭୪ ବର୍ଷର) ଗଣମାଧମ ସଂସ୍ଥାର ସାମ୍ବାଦିକ ମାନେ ସେମାନଙ୍କ ଯୋଜନାକୁ ନବିକରଣ ଓ ନୂତନ ପାଇଁ ଦରଖାସ୍ତ ଆହ୍ୱାନ କରିଛନ୍ତି । ସେଥିରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜାରୀ କରାଯାଇଥିବା ଲିଷ୍ଟରେ ବହୁ ପୁରାତନ ଓ ପ୍ରତିଷ୍ଠିତ ସଂସ୍ଥାର ନାମକୁ ବାଦ୍ ଦେଇ ସ୍ଥାନିତ କରି ନାହାନ୍ତି । ରାଜ୍ୟ ସରକାର ସାମ୍ବାଦିକ ମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ୍ କରୁଥିବା ନେଇ ଘୋଷଣା କରୁଥିଲେ ମଧ୍ୟ ଏଥିରେ ସାମ୍ବାଦିକମାନଙ୍କ ପ୍ରତି ପାତର ଅନ୍ତର ବ୍ୟବସ୍ଥା ଗ୍ରହଣ କରାଯାଉଥିବା ନେଇ ଅଭିଯୋଗ ହେଉଛି । କେତେକ ନିର୍ଦ୍ଦିଷ୍ଟ ସମ୍ବାଦପତ୍ର, ବୈଦ୍ୟୁତିକ ଗଣମାଧମ ଓ ନିଉଜ ଏଜେନ୍ସିର ସାମ୍ବାଦିକମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି । ସରକାରଙ୍କ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଜାରୀ କରାଯାଇଥିବା ତାଲିକାରେ ବହୁ ସଂଖ୍ୟାରେ ପ୍ରମୁଖ ମିଡ଼ିଆ ସଂସ୍ଥାର ନାମକୁ ବାଦ୍ ଦିଆଯାଇଛି । ତେବେ ଏପରି ନକରି ରାଜ୍ୟର ସମସ୍ତ ସାମ୍ବାଦିକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ସମସ୍ତଙ୍କୁ ସମାନ ସୁବିଧାସୁଯୋଗ ପ୍ରଦାନ କରିବାକୁ ଦାବୀ ହେଉଛି ।

ଏବେ ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ବିମା ନବୀକରଣ ଓ ନୂତନ ପାଇଁ ଦରଖାସ୍ତ ଆହ୍ୱାନ କରିଛନ୍ତି । ସେଥିରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜାରୀ କରାଯାଇଥିବା ତାଲିକାରେ ବହୁ ପୁରାତନ ଓ ପ୍ରତିଷ୍ଠିତ ସଂସ୍ଥାର ନାମକୁ ବାଦ୍ ଦେଇ ସ୍ଥାନିତ କରି ନାହାନ୍ତି । ରାଜ୍ୟ ସରକାର ସାମ୍ବାଦିକ ମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ୍ କରୁଥିବା ନେଇ ଘୋଷଣା କରୁଥିଲେ ମଧ୍ୟ ଏଥିରେ ସାମ୍ବାଦିକମାନଙ୍କ ପ୍ରତି ପାତର ଅନ୍ତର ବ୍ୟବସ୍ଥା ଗ୍ରହଣ କରାଯାଉଥିବା ନେଇ ଅଭିଯୋଗ ହେଉଛି । କେତେକ ନିର୍ଦ୍ଦିଷ୍ଟ ସମ୍ବାଦପତ୍ର, ବୈଦ୍ୟୁତିକ ଗଣମାଧମ ଓ ନିଉଜ ଏଜେନ୍ସିର ସାମ୍ବାଦିକମାନଙ୍କୁ ଏଥିରୁ ବାଦ୍ ଦିଆଯାଇଥିବା ଜଣାପଡିଛି । ସରକାରଙ୍କ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଜାରୀ କରାଯାଇଥିବା ତାଲିକାରେ ବହୁ ସଂଖ୍ୟାରେ ପ୍ରମୁଖ ମିଡ଼ିଆ ସଂସ୍ଥାର ନାମ ନଥିବା ଜଣାପଡିଛି । ତେବେ ଏପରି ନକରି ରାଜ୍ୟର ସମସ୍ତ ସାମ୍ବାଦିକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ସମସ୍ତଙ୍କୁ ସମାନ ସୁବିଧାସୁଯୋଗ ପ୍ରଦାନ କରିବାକୁ ଦାବୀ ହେଉଛି । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏ ଧରଣର ସାବତ ପୁଅ ନୀତି ଅବଲମ୍ବନ ବିରୋଧରେ ସାମ୍ବାଦିକ ଓ ସାମ୍ବାଦିକ ସଂଘମାନେ ସ୍ୱର ଉତୋଳନ କରିଛନ୍ତି ଏବଂ ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

# ଫୁଲବାଣୀରେ ଜିଲ୍ଲାସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ ଅନୁଷ୍ଠିତ

କନ୍ଧମାଳ,୧୯/୦୬ (ନି.ପ୍ର): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍-୨୦୨୨, ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବୈଠକରେ କନ୍ଧମାଳ ଜିଲ୍ଲାପାଳ ଡା.ବୃନ୍ଦା ଡି. ଅଧ୍ୟକ୍ଷତା କରି କହିଲେଯେ, ଯଦିଓ ଆମ ଜିଲ୍ଲାରେ ମଲ୍‌ଟି ପର୍‌ପସ୍ ସେଣ୍ଟର କରାଯାଇ ନାହିଁ ତଥାପି ସେହିଭଳି କିଛି ପ୍ରାକୃତିକ ବିପର୍ଯ୍ୟୟ ଯଦି ଜିଲ୍ଲାରେ ଦେଖାଦିଏ ତେବେ ୧୦ହଜାର ଲୋକଙ୍କୁ ନିରାପଦରେ ରଖାଯିବା ପାଇଁ କେତେଗୁଡ଼ିଏ ଆଶ୍ରୟସ୍ଥଳୀ ସ୍ଥିର କରାଯାଇଛି। ତେବେ ସମ୍ଭାବ୍ୟ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ପୂର୍ବରୁ ଏହାର ମୁକାବିଲା ପାଇଁ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ସଜାଗ ହେବା ଏବଂ ବିପର୍ଯ୍ୟୟ ପରେ ଥଇଥାନ ପଦକ୍ଷେପକୁ ସଠିକ ପରିଚାଳନା କରିବା ଉଦ୍ଦେଶ୍ୟରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସେହିପରି କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁ କହିଲେଯେ, ବିପର୍ଯ୍ୟୟ ଆସିଲେ ତା'କୁ କିପରି ପରିଚାଳନା କରିବା ଏବଂ ତା'ର ପ୍ରଭାବକୁ କମାଇ ଧନ ଜୀବନ ରକ୍ଷା କରିବା ସେ ଉଦ୍ଦେଶ୍ୟରେ ଆଜିର ଏହି ପ୍ରସ୍ତୁତି ବୈଠକ ଡକାଯାଇଛି। ଏଥିପାଇଁ ବିଭିନ୍ନ ବିଭାଗର ଭିନ୍ନ ଭିନ୍ନ ଦାୟିତ୍ୱ ରହିଛି। ସମ୍ଭାବ୍ୟ ବିପର୍ଯ୍ୟୟ ପୂର୍ବରୁ ଉପଯୁକ୍ତ ଯୋଜନା କରିବା ସହିତ ଯୋଜନାକୁ ସଠିକ୍ ଭାବେ କାର୍ଯ୍ୟରେ ପରିଣତ କରିବାକୁ ପଦକ୍ଷେପ ନେବାପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଲୋକମାନଙ୍କୁ ଆଗରୁ ସଚେତନ କରିପାରିଲେ ବିପର୍ଯ୍ୟୟ ପୂର୍ବରୁ ଏବଂ ବିପର୍ଯ୍ୟୟ ପରେ ପରେ ସମ୍ଭାବ୍ୟ ଅସୁବିଧାକୁ ଦୂରେଇ ପାରିବା ବୋଲି ସେ କହିଥିଲେ। ରାଜସ୍ୱ ଡିଭିଜନାଲ୍ କମିଶନରଙ୍କ ଅନୁ ଶାସନ ସଚିବ ପାର୍ବତୀ ମଞ୍ଜରୀ ମଲ୍ଲିକ କହିଲେ, ଆମେ ବିଗତ ଦିନର ବିପର୍ଯ୍ୟୟ ମାନଙ୍କରୁ ବହୁତ ଗୁଡ଼ିଏ ଅଭିଜ୍ଞତା ପାଇସାରିଛେ। ଆମକୁ ପୂର୍ବାପେକ୍ଷା ଅଧିକ ସତର୍କ ରହିବାକୁ ପଡ଼ିବ। ତେବେ ସଠିକ୍ ସମୟରେ ସଠିକ୍ ପଦକ୍ଷେପ ନେଇପାରିଲେ ଧନ ଜୀବନ ନଷ୍ଟକୁ ପ୍ରାୟତଃ ରୋକାଯାଇପାରିବ ବୋଲି ସେ କହିଥିଲେ। ଆଜି ଜିଲ୍ଲାର ସମସ୍ତ ବ୍ଲକରେ ମଧ୍ୟ ଆଜି ଏହି ଟେବୁଲ୍ ଟପ୍ ଏକ୍ସରସାଇଜ୍-୨୦୨୨ ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଏସ୍.କେ.ଦାଶ ପାୱାର ପଏଣ୍ଟ ମାଧମରେ ବିଭିନ୍ନ ବିଭାଗର ତଥ୍ୟ କୁ ଉପସ୍ଥାପନା କରିଥିବାବେଳେ ଜିଲ୍ଲା ଆପତକାଳୀନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ପ୍ରାରମ୍ଭିକ ସୂଚନା ଦେବା ସହିତ ସଭା ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ରମରେ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗ ଦ୍ୱାରା ସମ୍ଭାବ୍ୟ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରେ କ'ଣ କ'ଣ ପଦକ୍ଷେପ ନେବାକୁ ଯୋଜନା କରିଛନ୍ତି ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ, ଫୁଲବାଣୀ ରାସ୍ତା ଓ କୋଠାବାଡ଼ି ଡିଭିଜନ୍, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ନିର୍ବାହୀ ଯନ୍ତ୍ରୀ, ଟି.ପି.ଏସ୍.ଓ.ଡି.ଏଲ୍. ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଆର୍.ଟି.ଓ., ଫୁଲବାଣୀ,ଫାୟାର ଅଫିସର୍, ଫୁଲବାଣୀ, ବେସାମରିକ ଯୋଗାଣ ଅଧିକାରୀ, ଏସ୍.ଡି.ଓ., ବି.ଏସ୍.ଏନ୍.ଏଲ୍., ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ, ଓଡ୍ରାଫ୍ ଓ ଏନ୍.ଡି.ଆର୍.ଏଫ୍. ପ୍ରମୁଖ ଯୋଗଦେଇ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥିଲେ।

# ସାମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ଟେବୁଲ ଟପ୍ କର୍ମଶାଳା

ବଲାଙ୍ଗୀର ,୧୯/୦୬ (ନି.ପ୍ର): ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଅନେକ ଧନଜୀବନ ନଷ୍ଟ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ସରକାର ଆଗୁଆ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି । ଯେଉଁଥିରେ ବଲାଙ୍ଗୀରରେ ଜିଲ୍ଲା ପ୍ରଶାସନ ମଧ୍ୟ ପ୍ରସ୍ତୁତ ରହିଥିବା କହିଛି । ଏଥିପାଇଁ ୧୮ ତାରିଖ (ଶନିବାର) ସକାଳ ୧୦ ଘଣ୍ଟା ସମୟ ରେ ଜିଲ୍ଲାପାଳ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ ''ଟେବୁଲ ଟପ୍ କର୍ମଶାଳା'' ଆୟୋଜିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂହ ଲାଗୁରୀ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଚି। ଯେଉଁଥିରେ ଜିଲ୍ଲାର ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂହ, ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସାଏ ଉପସ୍ଥିତ ଥିଲେ । ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ନିଜ ବିଭାଗ ର ପ୍ରସ୍ତୁତି ସମ୍ପର୍କରେ ବିପର୍ଯାୟ ଓ ପରବର୍ତ୍ତୀ ସମ୍ପର୍କରେ ନେଇଥିବା ପ୍ରସ୍ତୁତି ସୁଚନା ଦେଇଥିଲେ । ୧୪ ଗୋଟି ବ୍ଲକ୍ ର ବିଡିଓ, ଅଗ୍ନିଶମ ବିଭାଗ, ପୋଲିସ୍, ଏନଡିଆରଏଫ୍, ଏସଡିଆରଏଫ୍, କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ମାନେ ସାମିଲ ହୋଇଥିଲେ । ବଲାଙ୍ଗୀର ଜିଲ୍ଲା ବନ୍ୟା ପ୍ରବଣ ହୋଇ ନଥିଲେ ମଧ୍ୟ କିଛି ସ୍ଥାନରେ ମକ ଡ୍ରିଲ କାଲିକି କରାଯିବ ବୋଲି ଠିକ୍ ହୋଇଚି । ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ୧୪ ଗୋଟି ବ୍ଲକ୍ କୁ ଯାଇ ବ୍ଲକ୍ ସ୍ତରରେ ଟେବୁଲ ଟପ୍ କର୍ମଶାଳା କରି ଆଜି ପ୍ରସ୍ତୁତି ର ସମୀକ୍ଷା କରିବା କୁ ଦାୟିତ୍ୱ ପ୍ରଦାନ କରିଛନ୍ତି ।

### ଖୋ ଖୋ ଏକାଡେମୀର ସମର କ୍ୟାମ୍ପ ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୧୯/୦୬ (ନି.ପ୍ର): ୟୁଥ୍ ସ୍ପୋର୍ଟ୍ସ ଆଥଲେଟିକ ଓ ଖୋ ଖୋ ଏକାଡେମୀ ଦ୍ୱାରା ଆୟୋଜିତ ୧୦ ଦିନିଆ ସମର କ୍ୟାମ୍ପ ଉଦ୍‌ଯାପିତ ହୋଇଯାଇଛି । ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପୌରାଧକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କାଉନସିଲର ସେକ ଆସଲାମ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଖେଳାଳୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ କୋଚ୍ ଜ୍ୟୋର୍ତିମୟ ଦାସ, ସସ୍ମିତା ପଣ୍ଡା, ମନୋଜ କୁମାର ସାହୁ, ସେକ ଆବାସ ଓ ବଦ୍ରି ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କୋଚ୍ ସୌକତ ଖାନଙ୍କ ପରିଚାଳନା ରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା।

# ଶ୍ରୀ ବଳଦେବଜୀୟୁଙ୍କ ରଥଯାତ୍ରା ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୧୯/୦୬ (ନି.ପ୍ର): ତୁଳସୀ କ୍ଷେତ୍ରାଧିପତି ଆରାଧ୍ୟ ଦେବ ଶ୍ରୀ ବଳଦେବଜୀୟୁଙ୍କ ୨୦୨୨ ମସିହା ରଥଯାତ୍ରା ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ମୁନମିସିପାଲିଟି ଟାଉନ ହଲ ଠାରେ ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସପି ମଡକର ସନ୍ଦପ ସମ୍ପଦ, ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ,ଦୁର୍ଗା ପ୍ରସାଦ ମହାରଣା, ଉପ ଜିଲ୍ଲାପାଳ ତଥା ମନ୍ଦିର ପରିଚାଳନା କମିଟିର ସଭାପତି ନିରଞ୍ଜନ ବେହେରା, ବଳଦେବଜୀୟୁ ଦେବୋତର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ସମେତ ବିଭିନ୍ନ ଲାଇନ ଡିପାଟମେଣ୍ଟର ନିର୍ବାହୀ ଯନ୍ତ୍ରୀ ଓ ଅଧିକାରୀ ମାନେ ବୈଠକରେ ଉପସ୍ଥିତ ଥିଲେ । ଆଲୋଚ୍ୟ ବିଷୟବସ୍ତୁ ମଧ୍ୟରେ ରଥ ଗଠନର ଅଗ୍ରଗତି ସଂପର୍କରେ ଆଲୋଚନା କରାଯିବା ସହ ଶ୍ରୀ ଗୁଣ୍ଡିଚା ଓ ଶ୍ରୀ ବାହୁଡା ଦିବସର ଜୀୟୁ ମାନଙ୍କ ନୀତିକାନ୍ତି ସମୟ ନିର୍ଘଣ୍ଟ ଉପରେ ଆଲୋଚନା କରାଯାଇ ଥିଲା । ଏହା ସହ ପୌରାଂଚଳ ମଧ୍ୟରେ ମୁଖ୍ୟ ସଡକ ସମେତ ରଥଦାଣ୍ଡର ମରାମତି କାର୍ଯ୍ୟ ଯଥାଶିଘ୍ର ସାରିବା, ରଥଯାତ୍ରା ସମୟରେ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ଅବ୍ୟାହତ ରଖିବା ସହ ସମସ୍ତ ଲାଇଟ ପୋଷ୍ଟରେ ଆଲୋକ ବ୍ୟବସ୍ଥା ସଜାଡିବା ଉପରେ ଗୁରୁତ୍ୱ ଦିଆଯାଇ ଥିଲା । ଏହା ସହ ପାନୀୟ ଜଳ ଯୋଗାଣ ନିରବଚ୍ଛିନ୍ନ ରଖିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଗୁରୁତର ସହ ଦୃଷ୍ଟି ଦେବାକୁ ବୈଠକରେ ନିଷ୍ପତି ନିଆଯାଇଛି । ରଥଯାତ୍ରା ସମୟରେ ଦୋକାନ ବଜାର ରେ ମିଳୁଥିବା ଖାଦ୍ୟ ମାନ ପରୀକ୍ଷା କରିବା ସହ ନିଶା ନିବାରଣ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିଭଳି ରଥଯାତ୍ରା ସମୟରେ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ଯାନ ଓ କର୍ମଚାରୀ ମାନେ ନିୟୁକ୍ତ ରହିବେ ଏହା ସହ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଆୟୋଜନ କରାଯିବାକୁ ବ୍ୟବସ୍ଥା କରାଯାଇଛି । ରଥଦାଣ୍ଡରେ ସୂଚନା କେନ୍ଦ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଓ ଯାନବାହନ ଚଳାଚଳ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ରଥଯାତ୍ରା ଓ ତା ପରଦିନ ଏକ ମୁଖୀରାସ୍ତା ପୌରାଂଚଳ ମଧ୍ୟରେ କରାଯିବାକୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଚଳିତ ବର୍ଷର ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହ ସଂପନ୍ନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗଞ୍ଜେଇ ମାମଲାରେ ଫେରାର୍ ଅଭିଯୁକ୍ତ ଗିରଫ

ଜୟପୁର,୧୯/୦୬ (ନି.ପ୍ର): ଜୟପୁର ସଦର ପୋଲିସ ଗଞ୍ଜେଇ ମାମଲାରେ ଫେରାର ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବୈପାରିଗୁଡା ଥାନା ଅନ୍ତର୍ଗତ ବିରଖମ୍ବ ସାହିର ଅର୍ଜୁନ ବିଷୋୟୀ (୩୮) । ପୋଲିସର ସୂଚନା ଅନୁଯାୟୀ, ଗତ ୧୯.୨.୨୧ ରେ ଏକ ଅଟୋ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ସୂଚନା ପାଇ ଚଢଉ କରିଥିଲା। ଲମତାପୁଟ ଅଂଚଳରୁ ଗଞ୍ଜେଇ ଧରି ଜୟପୁର ଅଭିମୁଖେ ଆସୁଥିବା ବେଳେ ପାତ୍ରପୁଟ ନିକଟରେ ପୋଲିସ ଚଢଉ କରିଥିଲା । ଚଢଉ ବେଳେ ୧୮୨ କେଜି ୭ ଶହ ଗ୍ରାମ ଗଞ୍ଜେଇ ଜବତ କରିଥିଲା । ସେହି ଦିନ ଠାରୁ ଅଭିଯୁକ୍ତ ଫେରାର ଥିବାବେଳେ ଆଜି ଗିରଫ ତାକୁ ଗିରଫ କରି କୋର୍ଟଚାଲାଣ କରିଥିବା ସଦର ଥାନା ଅଧିକାରି ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ବିପର୍ଯ୍ୟୟର ମୁକାବିଲା ପାଇଁ ଟେବୁଲ୍ ଟପ୍ ଏକସରସାଇଜ ଅନୁଷ୍ଠିତ

ପୁରୀ ,୧୯/୦୬ (ନି.ପ୍ର): ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପୁରୀ ଜିଲ୍ଲା ରେ ଶନିବାର ଦିନ ଟେବୁଲ୍ ଟପ୍ ଏକ୍‌ସରସାଇଜ ଅନୁଷ୍ଠିତ ହୋଇଥିଲା। ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଦିଲିପ କୁମାର ମହାପାତ୍ର ଅଧ୍ୟକ୍ଷତା କରିବା ସହ ବିବିଧ ବିପର୍ଯ୍ୟୟ ର ମୁକାବିଲା ପାଇଁ ପୂର୍ବ, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରର ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତଥା ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର, ରାଜ୍ୟ ରିଲିଫ କମିଶନର ସ୍ୱତନ୍ତ୍ର ଅଧିକାରୀ ବିଶ୍ୱନାଥ ସାହୁ, ଯୁଗ୍ମ ଏସ. ଆର୍ .ସି. ଲିପିକା ଦାସ,ଏଡି ଏମ୍ ଓ ପୁରୀ, ଓସଡାମାର ଟ୍ରେନିଂ ମ୍ୟାନେଜର ସ୍ୱାତୀ ସୁଲଗ୍ନା, ଜିଲ୍ଲା ସଂଯୋଜକ ଆଶୁତୋଷ ଦାସ, ଜିଲ୍ଲା ପ୍ରୋଜେକ୍ଟ ଅଫିସର ବାପି ବିଶ୍ୱଜିତ ସାହୁ ବିପର୍ଯ୍ୟୟର କାରଣ, ନିରାକରଣ, ପ୍ରସ୍ତୁତି, ବିଭାଗ ଅନୁସାରେ ଆକ୍ସନ ପ୍ଲାନ୍ ସମ୍ପର୍କ ରେ ବିଷଦ ଆଲୋଚନା କରିଥିଲେ। ବିଭିନ୍ନ ବିଭାଗ ର ଅଧିକାରୀ ମାନେ ଯୋଗ ଦେଇ ସେମାନଙ୍କ ବିଭାଗ ର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଏକ୍‌ସରସାଇଜ ଆଜି ସମସ୍ତ ବ୍ଲକ୍ ମାନଙ୍କ ରେ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା କାଲି ରବିବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲା ସଦରମହକୁମା ସର୍କିଟ ହାଉସ ଠାରେ ଓ ସମସ୍ତ ୧୭୯ ବହୁମୁଖୀ ବନ୍ୟା, ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ପାଇଁ ମକଡ୍ରିଲ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୂଚନା ଦେଇଛନ୍ତି।

# ବିନା ସୂଚନା ଫଳକରେ ପାହାଚ ନିର୍ମାଣ : ନିମ୍ନମାନର କାମ ଅଭିଯୋଗ

ବଲାଙ୍ଗିର,୧୯/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅନ୍ତର୍ଗତ ବେନ୍ଦ୍ରା ପଂଚାୟତ ବେନ୍ଦ୍ରାଗ୍ରାମର ବରକଟା ଠାରେ ପଚାଂୟତ ସିଏଫ୍ଏସ୍ ପାଣ୍ଠିରୁ ଏକ ଲକ୍ଷ ପଚାଶ ହଜାର ଟଙ୍କା ବିନିମୟରେ ଏକ ନୂତନ ପାହାଚ ନିର୍ମାଣ କାମ ଚାଲିଛି । ତାହା କେଉଁ ଯୋଜନାର କାମ ଚାଲିଛି ତାର ସୂଚନା ଫଳକ ଦିଆଯାଇ ନଥିବାରୁ ଜଣାପଡୁ ନାହିଁ । ନିୟମ ମୁତାବକ ପ୍ରଥମେ ସୂଚନା ଫଳକ ଦେଇ କାମ ଆରମ୍ଭ କରିବା କଥା କିନ୍ତୁ ଏଠାରେ ତାର ବ୍ୟତିକ୍ରମ ଦେଖାଯାଉଛି । ମିଳିଥିବା ସୂଚନା ଅନୁସାରେ, ଗତକାଲି ମେଟାଲିଂଗ କାମ ବିଭାଗୀୟ ଜେଇଙ୍କ ବିନା ଉପସ୍ଥିତିରେ ଚାଲୁଥିଲା । ୧୫ଟା ବାଲିରେ ଗୋଟିଏ ସିମେଂଟ ଦେଇ ମେଟାଲିଙ୍ଗ କାମ ଚାଲୁଥିବାରୁ ଗାଁର କିଛିଲୋକ ବିଭାଗୀୟ ଜେଇଙ୍କୁ ସେଠାରେ ନପାଇ ଠିକାଦାରଙ୍କୁ ୧୫ଟା ବାଲିରେ ଗୋଟିଏ ସିମେଂଟରେ କାମ କରୁଛ ଯଦ୍ୱାରାକି ଏହା ଅଳ୍ପ ଦିନରେ ଭାଙ୍ଗିଯିବ ବୋଲି ଆପତି କରିବାରୁ ଅଭିଯୋଗକାରିଙ୍କ ସହ ଠିକାଦାର ପାଟିତୁଣ୍ଡ କରି ଆମର ମନ ମୁତାବକ କାମ କରିବୁ ଯାହା କରିବା କଥା କରିବ ଯାଅ ବୋଲି କହିଲେ ବୋଲି କହିଥିବା ଲୋକଙ୍କ ଠାରୁ ପ୍ରକାଶ ।

ପ୍ରକାଶ ଥାଉକି, ଯେଉଁ ପାହାଚ ନିର୍ମାଣ ଚାଲିଛି ତାହା ମହିଳାମାନଙ୍କ ପାଇଁ ତେଣୁ କାମ ଭଲ ଭାବରେ କଲେ ଗାଁର ମହିଳାମାନେ ଉପକୃତ ହେବେ । ଆହୁରି ଲୋକ ଅଭିଯୋଗ କରିଛନ୍ତି ଯେ, ବିଭାଗୀୟ ଜେଇଙ୍କ ଅନୁପସ୍ଥିତିରେ ମେଟାଲିଙ୍ଗ ଓ କଂକ୍ରିଟ କାମ ଚାଲିଛି । ତେଣୁ ଲୋକଙ୍କ ମନରେ କାମର ମାନ ନେଇ ସନ୍ଦେହ ଜାତ ହେଉଛି । କାରଣ ପୂର୍ବରୁ ଅନେକ ନଜିର ରହିଛି ଏହିଭଳି ନିମ୍ନମାନର କାମ କରି ଜେଇଙ୍କ ଉପସ୍ଥିତ ନରହି ମଧ୍ୟ କାମ କରି ବିଲ କରାଇନେବା, ଗୋଟିଏ ସୂଚନା ଫଳକ ଲଗାଇ ତାହାକୁ ଲିଭାଇ ଦେଇ ତା'ଉପରେ ଆଉ ଏକ କାମର ବିବରଣୀ ଲେଖିଦେଇ ବିଲ କରାଇ ନେବା ଇତ୍ୟାଦି । ଏଣୁ ଏହାର ଉପଯୁକ୍ତ ତଦନ୍ତ ହୋଇ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଲୋକେ ଦାବୀ କରିଛନ୍ତି ।

# ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ରଖିଲେ ସରପଂଚ

କନ୍ଧମାଳ ,୧୯/୦୬ (ନି.ପ୍ର): ଶିକ୍ଷକତା ଛାଡି ସମାଜସେବା ପ୍ରତି ମନ ବଳାଇ ରାଜନୀତି ରେ ପାଦଥାପି ଥିବା ନବ ନିର୍ବାଚିତ ବଣ୍ଡଗୁଡା ସରପଂଚ ସଞ୍ଜୟ ପ୍ରଧାନ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି କୁ ପୂରଣ କରିଛନ୍ତି ସେ। ସରପଂଚ ଭାବେ ଦାୟିତ୍ୱ ନେବାର ତିନି ମାସ ମଧ୍ୟରେ ଲୋକଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇ ଲୋକଙ୍କ ମୁହଁରେ ହସ ଫୁଟାଇ ଜନତା ଙ୍କ ଆସ୍ଥାଭାଜନ ହୋଇ ପାରିଛନ୍ତି। ଦୀର୍ଘବର୍ଷ ହେବ ବଣ୍ଡଗୁଡା ଗ୍ରାମ ପଂଚାୟତ ର ପାତ୍ର ସାହିରେ ପାନୀୟ ଜଳର ଅସୁବିଧା ରହିଥିଲା ଲୋକେ ପାଣି ମୁନ୍ଦିଏ ପାଇଁ ହନ୍ତସ ନ୍ତ ହେଉ ଥିଲେ, ସେହିପରି ବିଲାବାଡ଼ି ମୁଣ୍ଡାସାହି ବାସିନ୍ଦା ଚୁଆପାଣି ଉପରେ ନିର୍ଭରଶିଳ ଥିଲେ। ଉକ୍ତ ଦୁଇଟି ସ୍ଥାନରେ ଦୁଇଟି ସୋଲାର ଚାଳିତ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଗ୍ରାମ ପଂଚାୟତ ତରଫରୁ ବସାଇ ଲୋକଙ୍କ ଜଳ କଷ୍ଟ ଦୂରକରିଛନ୍ତି।

# ପୁରୁଷୋତ୍ତମପୁର ଆଦର୍ଶ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ଭୁବନ,୧୯/୦୬ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ପୁରୁଷୋତମପୁର ଠାରେ ଅବସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଚଳିତ ବର୍ଷ ୨୦୨୨-୨୩ ଶିକ୍ଷାବର୍ଷ ଗତକାଲି ଶୁକ୍ରବାର ଠାରୁ ଆରମ୍ଭ ହୋଇଛି । ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଥିଲାବେଳେ ପ୍ରଥମ ବ୍ୟାଚ୍ ଷଷ୍ଠଶ୍ରେଣୀରେ ୮୪ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ପ୍ରଥମ ଦିବସରେ ୬୭ ଜଣ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଦ୍ୟାଳୟ ଅଧ୍ୟକ୍ଷ ପ୍ରତାପ କୁମାର ଶତପଥି ଛାତ୍ରଛାତ୍ରୀଙ୍କୁ ନିଜେ ଫୁଲଚନ୍ଦନ ଦେଇ ସ୍ୱାଗତ ଜଣାଇଥିଲେ ଓ ଚକୋଲେଟ, କଲମ ଉପହାର ମଧ୍ୟ ଦେଇଥିଲେ । ପରେ ଆହେ ଦୟାମୟ ବିଶ୍ୱବିହାରୀ ପ୍ରାର୍ଥନା ବୋଲାଯିବା ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ।

# ଗାଜର

**ଗାଜର ବିଶେଷ କରି ଦକ୍ଷିଣପଶ୍ଚିମ ଏସିଆରେ ପ୍ରଚୁର ପରିମାଣର ଫଳୁଥିବାବେଳେ ଆଜିକାଲି ସବୁ ଅଞ୍ଚଳରେ ଚାଷ କରାଯାଉଛି । ପ୍ରାୟ ସବୁ ସମୟରେ ଏହା ମିଳିପାରୁଛି । ଏହା ଏକ ସ୍ୱାସ୍ଥ୍ୟ ବର୍ଦ୍ଧକ ପୌଷ୍ଟିକ ଖାଦ୍ୟ । ଏହାକୁ ଉଭୟ ରାନ୍ଧି ଖାଇବା ସହିତ କଞ୍ଚା କଞ୍ଚା ମଧ ଖିଆ ଯାଇଥାଏ ।**



**ଦୃଷ୍ଟିଶକ୍ତି:** ଗାଜରରେ ଅଧିକ ପରିମାଣ ଭିଟାମିନ ଏ ରହିଥିବାରୁ ଏହା ଆଖି ପାଇଁ ଖୁବ ଭଲ । ଏଥିରେ ଥିବା ବିଟା କୋରେଟିନ ମୋତିଆ ବିନ୍ଦୁ କରିବା ସହିତ ଦୃଷ୍ଟିଶକ୍ତି ବୃଦ୍ଧି କରିଥାଏ ।

**ରକ୍ତଚାପ:** ଗାଜର ରକ୍ତଚାପ ରୋଗୀଙ୍କ ପାଇଁ ରାମବାଣ ତୁଲ୍ୟ କାମ କରିଥାଏ । ଏଥିରେ ବିଟା-କେରୋଟିନ, ଆଲ୍ଫା କେରୋଟିନ ଓ ଲୁଟେଇନ ପ୍ରଚୁର ପରିମାଣରେ ରହିଥାଏ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଥିବା କାରଣୁ କୋଲେଷ୍ଟ୍ରଲ ଓ ହୃଦଘାତ ହେବାର ଭୟ ଖୁବ କମ୍ ରହିଥାଏ ।

**ମୁଖ ରୋଗ:** ଗାଜର ସ୍ୱାସ୍ଥ୍ୟ ଲାଗି ଖୁବ ଉପକାରୀ । ଏହାକୁ ଚୋବାଇ ଖାଇବା ଦ୍ୱାରା ଦାନ୍ତ ବିନ୍ଧା ଦୂର ହେବା ସହିତ ଦାନ୍ତ ଦୁର୍ଗନ୍ଧ ମଧ ଦୂର ହୋଇଥାଏ । ଗାଜରରେ ଭିଟାମିନ ସି ପ୍ରଚୁର ପରିମାଣରେ ରହିଛି । ଏହା ଦାନ୍ତ ମୂଳକୁ ଶକ୍ତ କରିଥାଏ ।

**ହୃଦଘାତ ଦୂର କରେ:** ଯେଉଁ ଲୋକ ନିୟମିତ ଗାଜର ଖାଆନ୍ତି ସେମାନଙ୍କୁ ହୃଦରୋଗ ହେବାର ଭୟ ଖୁବ କମ ରହିଥାଏ । କାରଣ ଏଥିରେ ବିଟା କେରୋଟିନ ଉତ୍ତମ ମାତ୍ରାରେ ରହିଥାଏ । ହୃଦ ରୋଗକୁ କମ କରିଥାଏ ଗାଜର। ଏଥିସହିତ ଷ୍ଟ୍ରୋକ ହେବାର ଭୟକୁ କମ କରିଥାଏ । ଏଥିପାଇଁ ସପ୍ତାହକୁ ନିଶ୍ଚୟ ୫ଥର ଗାଜର ଖାଆନ୍ତୁ ।

**ତ୍ୱଚାରେ ଚମକ:** ଆଣ୍ଟି- ଅକ୍ସିଡାଣ୍ଟ ଓ ଭିଟାମିନ ଏ ପ୍ରଚୁର ପରିମାଣରେ ରହିଥିବା କାରଣରୁ ଗାଜର ତ୍ୱଚାରେ ଚମକ ଆଣିଥାଏ । ଓ ସ୍ୱାସ୍ଥ୍ୟ ଲାଗି ଖୁବ ଉପଯୋଗୀ । ସୂର୍ଯ୍ୟ କିରଣରେ ଥିବା ଆଲଟ୍ରାଭାଓଲେଟ ରଶ୍ମୀ ପ୍ରଭାବରୁ ତ୍ୱଚାକୁ ରକ୍ଷା କରିଥାଏ ଗାଜର । ଖରାଦିନେ ଗାଜର ଖାଇବା ଫଳରେ ତ୍ୱଚାର ଶୁଷ୍କତା ଦୂର ହୋଇଥାଏ ।

**ପାଚନ କ୍ରିୟା ଠିକ କରେ:** ଗାଜରରେ ପର୍ଯ୍ୟପ୍ତ ମାତ୍ରାରେ ଫାଇଭର ରହିଥାଏ, ଯେଉଁ କାରଣରୁ ପାଚନ କ୍ରିୟା ଉତ୍ତମ ହୋଇଥାଏ । ତେଣୁ ଖାଦ୍ୟ ଠିକ ଭାବରେ ହଜମ ହୋଇଯାଏ । ଏହା ସହ କୋଷ୍ଠ କାଠିନ୍ୟ ଓ ପେଟ ରୋଗ ଦୂର ହୋଇଥାଏ ।

**ଲିଭରକୁ ସୁସ୍ଥ କରେ:** ଏଥିରେ ପ୍ରଚୁର ପରିମାଣର ଭିଟାମିନ ଏ ରହିଥାଏ ଯାହାକି ଶରୀରର ବିଷାକ୍ତ ପଦାର୍ଥକୁ ବାହାର କରିବାରେ ମୁଖ୍ୟ ଭୂମିକା ନିଭାଇଥାଏ । ଏହା ଲିଭରରେ ବଢୁଥିବା ଫ୍ୟାଟକୁ ଦୂର କରେ । ନିୟମିତ ଭାବେ ଗାଜର ଖାଇବା ଫଳରେ ଛାତି ଜଳାପୋଡ଼ା ଓ ସଂକ୍ରମଣକୁ ଦୂର କରିଥାଏ ।

**ମଧୁମେହ ନିୟନ୍ତ୍ରଣ:** ଗାଜର ଅଧିକ ମିଠା ଲାଗୁଥିଲେ ବି, ଏହା ମଧୁମେହ ରୋଗୀଙ୍କ ପାଇଁ ଖୁବ ଉପକାରୀ । ଗାଜରରେ ରହିଥିବା ପ୍ରାକୃତିକ ଶର୍କରାକୁ ଶରୀର ସହଜରେ ଗ୍ରହଣ କରିଥାଏ । ଗାଜରରେ ଥିବା କେରୋଟେନାଇଡ ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରିତ କରି ଏହାକୁ କମ କରିବାରେ ସହାୟକ ହୋଇଥାଏ ।

# ଫେଷ୍ଟିଭାଲ ୱିଅର

**ଫେଷ୍ଟିଭାଲ ସିଜନରେ ନୂଆ ନୂଆ ଫେଷ୍ଟିଭାଲ ଫ୍ୟାସନ କଲେକସନର ଲଞ୍ଚ ହୋଇଥାଏ । ତେଣୁ ଆପଣ ଏହି ଟ୍ରେଣ୍ଡି ଫେଷ୍ଟିଭ କଲେକ୍ସନରୁ ଆପଣଙ୍କ ପାଇଁ ଫେଷ୍ଟିଭ ଆଉ ଫିଟକୁ ପସନ୍ଦ କରିପାରନ୍ତି । ଏହା ବ୍ୟତୀତ ଆପଣ ଫେଷ୍ଟିଭ ଫ୍ୟାସନ ଟ୍ରେଣ୍ଡ ବିଷୟରେ ଜାଣି ନିଜ ପାଇଁ ସୁନ୍ଦର ଆଉଟଫିଟ ଡିଜାଇନ କରିପାରିବେ । ତେବେ ଏଠାରେ ଏକ ଫ୍ୟାସନ ୱିକ ଅନୁସାରେ ଲେଟେଷ୍ଟ ଫ୍ୟାସନ ଟ୍ରେଣ୍ଡସର କେତେକ ଆଉଟଫିଟ୍ ବିଷୟରେ ଜାଣିବା ଯାହାକୁ ଆପଣ ପିନ୍ଧିବା ଦ୍ୱାରା ଗ୍ଲାମରସ ଓ ଷ୍ଟନିଙ୍ଗ ଚାଲିବେ ।**



**ଲାଇଟୱାର୍କ:**
ଆଜିକାଲିର ଟ୍ରେଣ୍ଡରେ କଣ୍ଟେମ୍ପୋରାରୀ ଇଣ୍ଡିଆନ ୱିଅରରେ ମହିଳାମାନଙ୍କର ନଜର କମ ରହୁଛି । ଏହା ବ୍ୟତୀତ ହାଲୁକା କାମ ସହିତ ଠିକ ଡିଜାଇନର ସମୟ ଆସିଛି । ଏବେ ହେଭି କାମ ଆଉଟ ଅଫ ହେଟ୍ ହୋଇସାରିଲାଣି । ତେବେ ଆପଣ ମଧ ଆପଣଙ୍କ ଶରୀରକୁ ସୁଟ୍ କରିବା ପରି ଅଲଗା ଅଲଗା କଟସର ଟପ ସହିତ ପ୍ୟାଣ୍ଟକୁ ଷ୍ଟାଇଲ କରି ଫେଷ୍ଟିଭ ଓ ଟ୍ରେଣ୍ଡି ଲୁକ୍ ପାଆନ୍ତୁ ।

**ହ୍ୟାଣ୍ଡକ୍ରାଫଟେଡ ଏମ୍ବେଲିଶମେଣ୍ଟ:**
ଏଇ ଏଥର ଫ୍ୟାସନ ଟ୍ରେଣ୍ଡରେ ହ୍ୟାଣ୍ଡକ୍ରାଫଟେଡ ମୋଟିଫ ଓ କଟସର ନୂଆ ଷ୍ଟାଇଲର ଆଉଟ ଫିଟ୍ ରହିଛି । ଏହି ଆଉଟ ଫିଟ ଉପରେ ଅଧିକ ଏକ୍ସପେରିମେଣ୍ଟ ହୋଇଛି ଓ ଫ୍ୟାଶସ ମୋଟିଫସ ସହିତ ନୂଆନୂଆ ଏକ୍ସପେରିମେଣ୍ଟ ମଧ ହେଉଛି । ଏଥରର ଫେଷ୍ଟିଭ ସିଜନରେ କଣ୍ଟେମ୍ପୋରାରୀ ଇଣ୍ଡିଆନ ୱିଅରରେ ମୁଗଲ ଜାଲୀ ପରି ମୋଟିଫସ ଟ୍ରେଣ୍ଡରେ ରହିବାର ଅଛି ।

**ଫେବ୍ରିକ୍:**
ଯଦି ଗ୍ଲାମର ଚାହାନ୍ତି ତେବେ ଫେବ୍ରିକ ମଧ ବଢ଼ିଆ ହେବା ଆବଶ୍ୟକ । ଏପରି ସ୍ଥଳେ ଚନ୍ଦେରୀ କର୍ଟନ, ମଲମଲ, ଜର୍ଜେଟ ଓ ମଡ଼େଲ ସାଟିନ ପରି ଫେବ୍ରିକର ମଡ଼ର୍ଡ ଷ୍ଟାଇଲସର ଫାଇଦା ଉଠାଇପାରିବେ । ଯଦି ଆପଣ ଏହି ଫେଷ୍ଟିଭାଲ ସିଜନରେ ଭିନ୍ନ ଦେଖାଯିବାକୁ ଚାହାଁନ୍ତି ତେବେ ଏହି ଫେଷ୍ଟିଭାଲ ଫେବ୍ରିକ୍ସ ସହିତ ନିଜର ଖାସ ଷ୍ଟାଇଲ ଷ୍ଟେମେଣ୍ଟ କରାନ୍ତୁ ।

# ଧୂମପାନ ନ କରିବାର ପୁରସ୍କାର



କିଛିମାସ ତଳର ଘଟଣା । ଜାପାନର ରାଜଧାନୀ ଟୋକିଓସ୍ଥ ଏକ ନାମୀ କମ୍ପାନୀ ନିଜ କର୍ମଚାରୀଙ୍କ ନିମନ୍ତେ ସୁନ୍ଦର ପଦକ୍ଷେପ ନେଇ ଚର୍ଚ୍ଚା ପରିସରକୁ ଆସିଛି । କମ୍ପାନୀ ମୁଖ୍ୟ ପାଖାପାଖି ୪ବର୍ଷ ତଳେ ଅନୁଧ୍ୟାନ କଲେ ଯେ, ଅଧିକାଂଶ କର୍ମଚାରୀ କାର୍ଯ୍ୟାଳୟରେ ଧୂମପାନ କରୁଛନ୍ତି । ତାଙ୍କ ଲକ୍ଷ୍ୟ ଥିଲା, କର୍ମଚାରୀଙ୍କୁ ଏଥିରୁ ନିବୃତ୍ତ କରିବା । ବାରମ୍ବାର କଡ଼ା କଟକଣା ସତ୍ତ୍ୱେ ସେ ଦେଖିଲେ କିଛି ଲାଭ ମିଳୁନି । ଶେଷରେ ଏକ ଉପାୟ ପାଞ୍ଚିଲେ । ଧୂମପାନ କରୁନଥିବା କର୍ମଚାରୀଙ୍କୁ ପ୍ରତି ୩ମାସରେ ଥରେ ବିଶ୍ୱର ପ୍ରମୁଖ ପ୍ରାନ୍ତରକୁ ଛୁଟି କାଟିବା ନିମନ୍ତେ ସପରିବାର ପଠାଗଲା । ଏହି ଛୁଟିର ସମସ୍ତ ଖର୍ଚ୍ଚ କମ୍ପାନୀ ବହନ କଲା । କମ୍ପାନୀର ଏଭଳି ଯୋଜନା ଦେଖି ଧୂମପାନ କରୁଥିବା କର୍ମଚାରୀ ଚିନ୍ତାରେ ପଡ଼ିଗଲେ । ଈର୍ଷା ହେବା ଏକ ସ୍ୱାଭାବିକ କଥା ଥିଲା । ମାସ କେଇଟାରେ ସେହି କର୍ମଚାରୀମାନେ ଧୂମପାନ ଅଭ୍ୟାସରୁ ଦୂରେଇ ଆସିଥିଲେ। କର୍ମଚାରୀଙ୍କ ଏଭଳି ଚେଷ୍ଟା ଦେଖି କମ୍ପାନୀ ମୁଖ୍ୟ ଖୁସି ହେବା ସହ



# ବାରଭାଇଆ ଗେଧ

ସାଧାରଣତଃ ମାଙ୍କଡ଼ ଦଳରେ ଜଣେ ଦଳପତି ଥାଏ। ତା'କୁ କହାଯାଏ 'ଗେଧ'। ଦଳର ସମସ୍ତ ମାଈ ମାଙ୍କଡ଼ ଉପରେ ଗେଧର ଅଧିକାର ଥାଏ। କୌଣସି ମାଙ୍କଡ଼ୀ ଅଣ୍ଡିରା ଛୁଆ ଜନ୍ମ କଲେ, ଗେଧ ସୁବିଧା ପାଇଲେ ତଣ୍ଟି ଚିପି ତା'କୁ ମାରିଦିଏ। ନିଷ୍କଣ୍ଟକ ପ୍ରଭୁତ୍ୱ ଉପଭୋଗ ପାଇଁ ଏହା ପ୍ରାକୃତିକ ବ୍ୟବସ୍ଥା। ତେବେ, କେହି କେହି ମାଙ୍କଡ଼ୀ ଅଣ୍ଡିରା ଛୁଆକୁ ଲୁଚାଇବାରେ ସଫଳ ହୁଅନ୍ତି। ଏଭଳି ଛୁଆମାନେ ବର୍ତ୍ତିଗଲେ, ଦଳରୁ ଖସିଯାଆନ୍ତି।



ସେମାନେ ଅଲଗା ସ୍ୱତନ୍ତ୍ର ଦଳ ଗଢ଼ନ୍ତି। ବାଧ୍ୟତାମୂଳକ ଭାବେ ବ୍ରହ୍ମଚାର୍ଯ୍ୟ ଅବଲମ୍ବନ କରୁଥିବାରୁ ଏଗୁଡ଼ିକ ଭାରି ବଲୁଆ, ହୁରୁମା ଓ ଦୁଷ୍ଟ। ଏମାନଙ୍କ ପଲକୁ 'ବାରଭାଇଆ ଗେଧ' କୁହାଯାଏ। ବାରଭାଇଆ ଗେଧ ପଲ ଗାଁ-ଗଣ୍ଡାରେ ପ୍ରବଳ ଉପଦ୍ରବ କରୁଥିବା ଜଣାଯାଏ।

# କଦଳୀ



**କଦଳୀ ଏକ ସ୍ୱାଦିଷ୍ଟ ଫଳ । କଞ୍ଚା ବେଳେ ଏହାକୁ ତରକାରୀ କରି ଖାଇଥାନ୍ତି ଓ ପାଚିଲା କଦଳୀ ଖାଇବାକୁ ଖୁବ ସ୍ୱାଦିଷ୍ଟ । ପୂଜାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର କାମରେ କଦଳୀ ବ୍ୟବହାର କରାଯାଇଥାଏ । ଆସନ୍ତୁ ପ୍ରକାର କାମରେ କଦଳୀ ବ୍ୟବହାର କରାଯାଇଥାଏ । ଆସନ୍ତୁ ଜାଣିବା କଦଳୀକୁ ଆମେ କେଉଁ ସବୁ କାମରେ ଲଗାଇଥାଉ ।**



- ପ୍ରାୟ ସବୁ ପୂଜାରେ ପାଚିଲା କଦଳୀର ଉପଯୋଗ କରାଯାଇଥାଏ ।
- କଞ୍ଚାକଦଳୀ ମଧ ବିଭିନ୍ନ ପ୍ରକାରର ପୂଜା ଓ ଶ୍ରାଦ୍ଧ କର୍ମରେ ବ୍ୟବହାର କରାଯାଏ ।
- କଦଳୀ ପତ୍ର ବିଭିନ୍ନ ପୂଜା କାର୍ଯ୍ୟରେ ଲାଗିବା ସହିତ ଏଥିରେ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପକ୍ଷରେ ଭଲ ।
- କଦଳୀର ଭଣ୍ଡାକୁ ତରକାରୀ କରି ଖିଆଯାଏ ।
- କଦଳୀ ଗଛର ପାଟୁଙ୍ଗରେ ଡଙ୍ଗା କରି କାର୍ତ୍ତିକ ମାସରେ ଭସାଇଲେ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି ।
- ଏହାର ପାଟୁଙ୍ଗାକୁ ଶୁଖାଇ ଏଥିରେ ଶିକା କରାଯାଏ, ଯେଉଁଥିରେ ବସୁନ୍ଧରା ଘଡ଼ି ବନ୍ଧାଯାଏ । ଏହାକୁ ବାଣିକରି ଦୋକାନୀମାନେ, ଛୁଇଁ ଓ ଶାଗ ଆଦି ବାନ୍ଧି ବିକ୍ରି କରିଥାନ୍ତି ।
- କଦଳୀ ମଞ୍ଜା ତରକାରୀ ଖାଇବାକୁ ଖୁବ ସ୍ୱାଦିଷ୍ଟ ଓ ଏହା ସ୍ୱାସ୍ଥ୍ୟ ପାଇ ଖୁବ ଉପକାରୀ ।
- ଛେନା , କଦଳୀ ଓ ଗୁଡ଼ ଚକଟି ମହାଲକ୍ଷ୍ମୀଙ୍କୁ ଭୋଗ ତଥା ପଣା ପ୍ରସ୍ତୁତ କରାଯାଇଥାଏ ।
- ଚୂଡ଼ାରେ ପାଚିଲା କଦଳୀପକାଇ ଖାଇବା ଫଳରେ ପେଟର ରୋଗ ଦୂର ହୋଇଥାଏ ।
- କଦଳୀ ପକାଇ ମାଲପୁଆ ତିଆରି କରାଯାଏ । କଞ୍ଚା କଦଳୀକୁ ବ୍ୟବହାର କରି ଭଜା କିମ୍ବା ଅନ୍ୟ ତରକାରୀ ପ୍ରସ୍ତୁତ କରାଯାଇଥାଏ ।
- କଦଳୀରେ ପୋଟାସିୟମ ରହିଛି ଯାହା ରକ୍ତ କୋଷିକାକୁ ସୁସ୍ଥ ରଖିବା ସହିତ ଉଚ୍ଚ ରକ୍ତ କୋଷିକାକୁ ସୁସ୍ଥ ରଖିବା ସହିତ ଉଚ୍ଚ ରକ୍ତ ଚାପକୁ ଦୂର କରିଥାଏ । ଏଥିରେ ଫାଇଭର, ଭିଟାମିନ, ଖଣିଜ, ଫାଇଟୋକେମିକାଲ ଓ ଆଣ୍ଟି ଅକ୍ସିଡାଣ୍ଡ ରହିଛି ଯାହା ଟାଇପ-୨ ଡାଇବେଟିସ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ତେଣୁ ମଧୁମେହ ରୋଗୀଙ୍କ ପାଇଁ କଦଳୀ ଅତ୍ୟନ୍ତ ଭଲ ।
- କଦଳୀ ତ୍ୱଚା ପାଇଁ ପ୍ରାକୃତିକ ମଶ୍ଚରାଇଜର କରି କାମ କରିଥାଏ । ଏଥିରେ ଥିବା ଭିଟାମିନ ଶୁଷ୍କ ତ୍ୱଚା ପାଇଁ ତୁରନ୍ତ ମଶ୍ଚରାଇଜର ପରି କାମ କରିଥାଏ ଏଥିରେ ଥିବା ଭିଟାମିନ ଶୁଷ୍କ ତ୍ୱଚା ପାଇଁ ତୁରନ୍ତ ମଶ୍ଚରାଇଜର ପରି କାମ କରିଥାଏ । କଦଳୀ ମାକ୍ସ ଲଗାଇବା ଦ୍ୱାରା ତ୍ୱଚାରେ ଏକ ଭିନ୍ନ ଚମକ ଆସିଥାଏ ।

# କମ ଶୋଇବାର ଭୟାବହତା

- ବିଶେଷଜ୍ଞଙ୍କ ମତରେ ଦୈନିକ ଅତି କମରେ ୭-୮ ଘଣ୍ଟା ଶୋଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । କମ ସମୟ ଶୋଉଥିଲେ ବିଭିନ୍ନ ରୋଗ ହେବାର ଭୟ ବଢ଼ିଥାଏ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି । ଗୋଟିଏ ସପ୍ତାହରେ ଅନ୍ତତଃ ୪ଦିନ ୭ଘଣ୍ଟା ଶୋଇବା ଆବଶ୍ୟକ । ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମୋବାଇଲ ଦେଖିବା ଆଖି ଉପରେ କୁପ୍ରଭାବ ପକାଇଥାଏ । ଆଖିତଳ ଜ୍ୟୋତି କମ ହେବା ସହ ଅନ୍ୟାନ୍ୟ ଅସୁବିଧା ହୁଏ ।
- ଭଲଭାବେ ନିଦ ନ ହେଲେ ମାନସିକ ଚାପ ବଢ଼ିବା ସହ ଆମ ଓଜନ ମଧ ବୃଦ୍ଧି ହୋଇଥାଏ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି । ଏଇ ନିଦ କମ ହେବା କାରଣରୁ ଆମମାନଙ୍କୁ ମେଦବହୁଳ, ମଧୁମେହ, ଉଚ୍ଚରକ୍ତଚାପ, ହୃଦରୋଗ, ଶରୀରର ରୋଗପ୍ରତିରୋଧକ ଶକ୍ତି ମଧ କମ ହୋଇଥାଏ।
- ନିଶାସେବନଠାରୁ ଦୂରେଇ ରହିବା ସହ ରାତ୍ରିଭୋଜନ ରାତି ୯ଟାସୁଦ୍ଧା ଶେଷ କରିବା ଉଚିତ । ଭଲ ନିଦ ପାଇଁ ଏହା ଖୁବ ସହାୟକ । ତେଲମସଲା ଖାଦ୍ୟଦ୍ରବ୍ୟଠାରୁ ଦୂରେଇବା ସହ ନିୟମିତ ସିଝା ଖାଦ୍ୟ ଖାଇଲେ ମଧ ଭଲ ନିଦ ହୋଇଥାଏ ।



# ଫୁଲ ଦେଖି ସୁସ୍ଥ ରହନ୍ତୁ



ସର୍ବେକ୍ଷଣରୁ ଜଣାପଡ଼ିଛି ଅନ୍ୟ ରାଷ୍ଟ୍ର ତୁଳନାରେ ଆମ ଭାରତୀୟ ପରିବାର ଲୋକେ ନିଜ ବାଲକୋନିରେ ଛୋଟ ଫୁଲ ବଗିଚାଟିଏ କରିଥାନ୍ତି । ଅବସର ପରେ ଅଧିକାଂଶ ଲୋକଙ୍କର ଫୁଲଗଛ ନିଶା ଖୁବ ଅଧିକ ବଢ଼ିଥାଏ । ନ୍ୟୁଜିଲାଣ୍ଡର ଏକ ଗବେଷକଦଳ ପରୀକ୍ଷା କରି ପ୍ରକାଶ କରିଛନ୍ତି ଯେ ପ୍ରକୃତରେ ଏହି କୁନି ବଗିଚାରେ ପ୍ରତ୍ୟହ କିଛି ସମୟ ଅତିବାହିତ କରିବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ୬ହଜାରରୁ ଉର୍ଦ୍ଧ୍ୱ ଭାରତୀୟ ପରିବାରୀ ଏହି ଗବେଷଣାରେ ସାମିଲ ହୋଇଥିଲେ । ରଙ୍ଗବେରଙ୍ଗର ଫୁଲ ନିୟମିତ ଦେଖିଥିବାରୁ ଲୋକଙ୍କ ଚିନ୍ତା ଧାରା ଭଲ ହେବା ସହ ସମୟାନୁସାରେ ବିଭିନ୍ନ ରୋଗରୁ ମଧ ମୁକ୍ତି ମିଳେ । ୧୫ରୁ ୨୦ମିନିଟ୍ ଫୁଲଗଛ ନିକଟରେ ଛିଡ଼ା ହେଲେ ସେମାନଙ୍କ ମନ ପ୍ରଫୁଲ୍ଲ ହୋଇଥାଏ। ଫୁଲର ପ୍ରଭାବ ଏତେ ଅଧିକ ଯେ ବିବାହ ପରି ଉତ୍ସବରେ ନବବିବାହିତଙ୍କୁ ପୁଷ୍ପଗୁଚ୍ଛରେ ମଧ ସ୍ୱାଗତ କରାଯାଏ । ହୃଦୟ ଉପରେ ମଧ ଫୁଲ ଉତ୍ତମ ପ୍ରଭାବ ପକାଉଥିବାର ଗବେଷକଙ୍କ ମତ ।

# ଜାତକ ଦେଖି ଚିକିତ୍ସା




କୌଣସି ଗାଁ ଗହଳିରେ ନୁହେଁ, ସହରର ଏକ ଆଧୁନିକ ହସପିଟାଲରେ ଏଭଳି ଚିକିତ୍ସା କରାଯାଉଛି । ସାଧାରଣତଃ ଡାକ୍ତରମାନେ କୌଣସି ଜ୍ୟୋତିଷ, ଜାତକ, ଶୁଭବେଳା, ଆଦିକୁ ବିଶ୍ୱାସ କରନ୍ତି ନାହିଁ । ରାଜସ୍ଥାନର ଜୟପୁରଠାରେ କିନ୍ତୁ ଏପରି ଏକ ହସପିଟାଲ ଅଛି ଯେଉଁଠାରେ ରୋଗ ସମ୍ପର୍କରେ ଜାଣିବା ଓ ଚିକିତ୍ସା କରିବା ଲାଗି ଜ୍ୟୋତିବିଦ୍ୟାର ସହାୟତା ନିଆଯାଏ । 'ୟୁନିକ୍ ସଙ୍ଗୀତା ମେମୋରିଆଲ ହସପିଟାଲକୁ ଯେଉଁ ରୋଗୀ ଆସନ୍ତି ପ୍ରଥମେ ସେମାନଙ୍କ ଜାତକ ଦେଖାଯାଏ ରୋଗୀଙ୍କ ପାଖରେ ଜାତକ ନଥିଲେ ତାଙ୍କର ଜନ୍ମତିଥି, ଜନ୍ମସ୍ଥାନ ଓ ସମୟ ପଚାରି ହସପିଟାଲରେ ହିଁ ଜାତକ ପ୍ରସ୍ତୁତ କରିଥାନ୍ତି । ରୋଗୀଙ୍କ ନମ୍ବର ଆସିଲେ ଡାକ୍ତରଙ୍କ ପାଖରେ ରିପୋର୍ଟ ବଦଳରେ ପ୍ରଥମେ ଜାତକ ରଖାଯାଏ । ଏହାକୁ ଦେଖି ଡାକ୍ତର ରୋଗୀର ରୋଗ ସମ୍ଭାବ୍ୟ ବିପଦ ଏବଂ ଚିକିତ୍ସା ସମ୍ପର୍କରେ ଜାଣନ୍ତି । ପଣ୍ଡିତ ଅଖିଳେଶ ଶର୍ମା ଏହି ହସପିଟାଲ ପ୍ରତିଷ୍ଠା କରିଥିଲେ । ଏଠାରେ ବୈଜ୍ଞାନିକ ପଦ୍ଧତି ସହିତ ବୈଦିକ ପଦ୍ଧତିରେ ଚିକିତ୍ସା ବ୍ୟବସ୍ଥା ଅଛି । ଅର୍ଥାତ୍ ରୋଗୀଙ୍କ ପରିବାରବର୍ଗ ଚାହିଁଲେ ବେଦରେ ମନ୍ତ୍ର ଏବଂ ଜଡ଼ିବୁଟି ଦ୍ୱାରା ମଧ ଚିକିତ୍ସା କରାଇ ପାରିବେ । ଏଠାରେ ଏଲୋପାଥି, ୟୁନାନୀ ଏବଂ ଆୟୁର୍ବେଦ ପ୍ରକ୍ରିୟରେ ଚିକିତ୍ସା କରାଯାଏ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୨୦ ଜୁନ୍ ୨୦୨୨, ସୋମବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସବୁ ଦେଶ ପ୍ରଭାବିତ ହେବ...

ଦେଶର ସୁବିଧା ଅସୁବିଧା ଅନ୍ୟ ଦେଶକୁ ପ୍ରଭାବିତ କରିବା ନିଶ୍ଚିତ । ରୁଷିଆର ୟୁକ୍ରେନ୍ ବିରୁଦ୍ଧରେ ଯୁଦ୍ଧ, ଯାହା ଏବେ ସୁଦ୍ଧା ଚାଲୁ ରହିଛି, ତା'ର ପ୍ରଭୂତ ପ୍ରଭାବ ଏସୀୟ ଓ ୟୁରୋପୀୟ ଦେଶମାନଙ୍କ ଉପରେ ପଡୁଛି । ବିଗତ ଦୁଇ ବର୍ଷରୁ ସାମାନ୍ୟ ଅଧିକ ସମୟ ଧରି କୋଭିଡ୍ ମହାମାରୀ ସହିତ ଯୁଝିବା ପରେ ଏବେ ନାମକୁ ସିନା ଦୁଇ ଦେଶ ପରସ୍ପର ସହିତ ପ୍ରତ୍ୟକ୍ଷ ଭାବରେ ଲଢୁଛନ୍ତି, କିନ୍ତୁ ପରୋକ୍ଷରେ ଅନେକ ଦେଶ ଏଥି ଯୋଗୁଁ ସୃଷ୍ଟ ପରିସ୍ଥିତି କାରଣରୁ ସେମାନଙ୍କର ଅର୍ଥନୀତିକ ସମସ୍ୟାଗୁଡ଼ିକ ସହିତ ପ୍ରତ୍ୟେକ ଦିନ, ଏମିତିକି ପ୍ରତ୍ୟେକ ମୁହୂର୍ତ୍ତରେ ଲଢୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତ ହେଉ କି ଆମେରିକା, ନିଜ ନିଜ ଦେଶର ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣାଧୀନ କରିବାକୁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇ ଚାଲିଛନ୍ତି । ଏହି କ୍ରମରେ ଗତ ବୁଧବାର ଦିନ ଯୁକ୍ତରାଷ୍ଟ୍ର ଆମେରିକାର ଫେଡେରାଲ ରିଜର୍ଭ ବେଳକୁ ବେଳ ଅଣାୟତ୍ତ ହୋଇ ପଡୁଥିବା ମୁଦ୍ରାୟୀତି ଉପରେ ଲଗାମ କଷିବାକୁ ଗତ ୨୭ ବର୍ଷରୁ ଅଧିକ ସମୟ ମଧ୍ୟରେ ଏହାର ସୁଧହାରରେ ସର୍ବାଧିକ ବୃଦ୍ଧି କରିବାକୁ ଘୋଷଣା କରିଛି । ଏହାର ନୀତିଗତ ହାରକୁ ଅଧା ପ୍ରତିଶତ ପଏଣ୍ଟ ବଢ଼ାଇବା ଏବଂ ଆଉ କେତେଗୋଟି ବୈଠକରେ 'ଅତିରିକ୍ତ ୫୦ ବେସିସ୍ ପଏ ବୃଦ୍ଧି'ର ସମ୍ଭାବନା ରହିଛି ବୋଲି କହିବାର ଖୁବ୍ ବେଶୀରେ ଛଅ ସପ୍ତାହ ପରେ ୟୁଏସ୍ ଫେଡେରାଲ ରିଜର୍ଭର ଚେୟାରମ୍ୟାନ୍ ଜେରୋମ୍ ପାୱେଲ ଚଳିତ ଥରର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ମୁଦ୍ରାସ୍ଫୀତିକୁ କମାଇବା ନିମନ୍ତେ ସୁଧହାରକୁ ୭୫ ବେସିସ୍ ପଏଣ୍ଟ ବୃଦ୍ଧି କରିବା ଅତ୍ୟାବଶ୍ୟକ' ହୋଇ ପଡ଼ିଥିଲା । ସୂଚନାଯୋଗ୍ୟ ଯେ ୧୯୯୪ ପରେ ଏହା ହେଉଛି ସର୍ବାଧିକ ବୃଦ୍ଧି । ଏ ବାବଦରେ ଅଧିକ ସ୍ପଷ୍ଟ କରାଇବାକୁ ଯାଇ ସେ କହିଛନ୍ତି ଯେ 'ଅତ୍ୟଧିକ ମୁଦ୍ରାସ୍ଫାତି ଯେଉଁ । କଷ୍ଟକର ପରିସ୍ଥିତି ସୃଷ୍ଟି କରୁଥିଲା' ତାକୁ ଫେଡେରାଲ ସ୍ୱୀକାର କରିଛନ୍ତି ଏବଂ ଏହାକୁ ନିୟନ୍ତ୍ରଣାଧୀନ କରି ଦରଦାମ୍‌ରେ ସ୍ଥିରତା ଆଣିବା ସମ୍ପ୍ରତି ଏହା ସମ୍ମୁଖରେ ଏକମାତ୍ର କାର୍ଯ୍ୟ । ଶେଷ ଥର ପାଇଁ ଗତ ମେ ମାସରେ ଫେଡେରାଲ ଓପନ୍ ମାର୍କେଟ୍ କମିଟି (ଏଫଓଏମ୍‌ସି)ର ବୈଠକ ବସିଥିବା ବେଳେ ମୁଦ୍ରାୟୀତି ଏହାକୁ ଆଶ୍ଚର୍ଯ୍ୟାନ୍ୱିତ କରି ଦେଇଥିଲା । ତେଣୁ ମୁଦ୍ରାସ୍ଫୀତିଜନିତ ପ୍ରତ୍ୟାଶାଗୁଡ଼ିକୁ ସ୍ଥଗିତ କରିବା ପାଇଁ ଏକ ବଡ଼ ଧରଣର ସୁଧହାର ବୃଦ୍ଧି କରାଯିବା ଆବଶ୍ୟକ ବୋଲି କମିଟି ରାଜି ହୋଇଥିଲା । ଉଲ୍ଲେଖ କରାଯାଇପାରେ ଯେ ଗତ ମେ ମାସରେ ଆମେରିକୀୟ ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ମୁଦ୍ରାସ୍ଫାତି ବାସଗୃହ, ପେଟ୍ରୋଲ ଏବଂ ଖାଦ୍ୟ ସାମଗ୍ରୀର ମୂଲ୍ୟଗୁଡ଼ିକ ଦ୍ୱାରା ପ୍ରଚୋଦିତ ହୋଇ ବିଗତ ଚାରି ଦଶନ୍ଧି ମଧ୍ୟରେ ସର୍ବାଧିକ ୮.୬ ପ୍ରତିଶତ ହୋଇଥିଲା । ଗୋଟିଏ ପକ୍ଷରେ ଆମେରିକୀୟ ଟ୍ରେଜେରୀ ନିକଟକୁ ନିବେଶକମାନଙ୍କର ପ୍ରତ୍ୟାବର୍ତ୍ତନ ଏହି ରାଷ୍ଟ୍ରକୁ ଶକ୍ତିଶାଳୀ କରି ଗଢ଼ି ତୋଳିବା ବେଳେ ପୁଞ୍ଜିର ପଳାୟନ ଅନେକ ସଂଖ୍ୟକ ଛୋଟ ଅର୍ଥନୀତିଙ୍କର ମୂଳଦୁଆଗୁଡ଼ିକୁ ଦୋହଲାଇ ଦେବ । ଫେଡେରାଲ ରିଜର୍ଭର ନିଷ୍ପତ୍ତି ଭାରତୀୟ ଟଙ୍କା ଉପରେ ଚାପ ପକାଇବ, କାରଣ ଏହା ପୋର୍ଟଫୋଲିଓ ନିବେଶର ହାରକୁ ମନ୍ଥର କରିଦେବ । ଷ୍ଟକ୍ ମାର୍କେଟରେ ସଂଶୋଧନ କରିବା ନିମନ୍ତେ ଏହା ପଥ କଢ଼ାଇ ନେବାକୁ ଥିବା ବେଳେ ଘରୋଇ ନିବେଶକମାନେ ଯଦି ମୂଲ୍ୟାୟନକୁ ସହାୟତା ପ୍ରଦାନ କରିବାକୁ ଆଗେଇ ନ ଆସନ୍ତି, ତା'ହେଲେ ଆଗରୁ ଆର୍ଥିକ ଅବସ୍ଥାକୁ ଅଧିକ ନିୟନ୍ତ୍ରିତ କରିବାକୁ ପଦକ୍ଷେପ ନେଇ ସାରିଥିବା ଭାରତୀୟ । ରିଜର୍ଭ ବ୍ୟାଙ୍କ (ଆରବିଆଇ)କୁ ରିପୋ ରେଟ୍‌କୁ ବଢ଼ାଇବାକୁ ଏହା ଆହୁରି ବାଧ୍ୟ କରିବ ଟଙ୍କାର ମୂଲ୍ୟ ସାମାନ୍ୟ ପରିମାଣରେ ଦୁର୍ବଳ ହେବାର ଅର୍ଥ, ଆମଦାନୀ କରାଯାଉଥିବା ସାମଗ୍ରୀଗୁଡ଼ିକର ଦର ଉପରେ ଏହାର ଲହରାୟିତ ପ୍ରଭାବ ପଡ଼ିବ । ଗୋଟିଏ ପକ୍ଷରେ ଏହା କେତେକ ଆମଦାନୀ କରାଯାଉଥିବା ସାମଗ୍ରୀର ଚାହିଦାକୁ କମାଇବାର ସମ୍ଭାବନା ବହନ କରୁଥିବା ବେଳେ ପେଟ୍ରୋଲ, ଡିଜେଲ, ଏବଂ ପ୍ରାକୃତିକ ଗ୍ୟାସ୍ ଭଳି କେତେକ ଦରଅନମନୀୟ ସାମଗ୍ରୀର ମୂଲ୍ୟ ଆହୁରି ବଢ଼ିଯିବ ଯାହାର ପ୍ରଭାବରେ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକ କ୍ଷେତ୍ରରେ ମଧ୍ୟ ଦରବୃଦ୍ଧି ଘଟିବ । ଭାରତରେ ତ ବର୍ତ୍ତମାନ ମୁଦ୍ରାସ୍ଫୀତି ଆରବିଆଇର ସହନ ସୀମାଠାରୁ ଅଧିକ ରହିଛି ; ଜାଳେଣିର ମୂଲ୍ୟ ବୃଦ୍ଧି ପୁଣି ମୁଦ୍ରାସ୍ଫୀତିଜନିତ ଚାପକୁ ଅଧିକ ବଢ଼ାଇ ଦେଇପାରେ । କିନ୍ତୁ ଆମେରିକା ପାଇଁ ଏସବୁର ବା କ'ଣ ମୂଲ୍ୟ ଅଛି ! କଥାରେ ନାହିଁ - ଆପେ ବଞ୍ଚିଲେ ବାପର ନାଁ । ତେଣୁ ଏହା ତା' ନିଜ ଦେଶର । ଅବସ୍ଥା ଉପରେ ପ୍ରାଥମିକତା ଦେବା ସ୍ୱାଭାବିକ । ବିଶ୍ୱ ସ୍ତରରେ ଘଟୁଥିବା ଆର୍ଥିକ ନିୟନ୍ତ୍ରଣରୁ ସୁରକ୍ଷିତ ରହିବା । ନିମନ୍ତେ ସେମିତି କୌଣସି ସହଜ ଉପାୟ ନାହିଁ । ଏଭଳି ସ୍ଥିତିକୁ ମୁକାବିଲା କରିବା ନିମନ୍ତେ ଭାରତ ରପ୍ତାନୀ କ୍ଷେତ୍ରରେ ବୃଦ୍ଧି ଘଟାଇବା ସହିତ ଏହାର ଷ୍ଟିକ୍ ମାର୍କେଟ୍ ଏବଂ ଋଣ ବଜାରଗୁଡ଼ିକରେ ଅଧିକରୁ ଅଧିକ ସୁଧ ଲାଭ କରିବା ଆଶାରେ ଆର୍ଥିକ ଅନୁଷ୍ଠାନମାନଙ୍କ ମଧ୍ୟରେ ବାରମ୍ବାର କାରବାର ହେଉଥିବା ଅର୍ଥର ପ୍ରବାହ ଉପରୁ । ନିର୍ଭରଶୀଳତାକୁ ହ୍ରାସ କରିବା ଉଚିତ ।

## ମୋ' ବାପା



ଶ୍ରୀ ନରୋତମ ଷଡ଼ଙ୍ଗୀ

କେତେ ସହଜ ଥିଲା ସେଦିନର ଜୀବନର ମିଶାଣ ଫେଡ଼ାଣ । କେତେ ସହଜ ଥିଲା ସେ ଅଙ୍କକସା । କିନ୍ତୁ ଆଜି ବହୁତ କଷ୍ଟ ଲାଗୁଛି ଜୀବନର ଗଣିତ । ସବୁଦିନେ କିଛିକିଛି ହିସାବ କରୁଛି । ମାତ୍ର ଜୀବନ ରୂପକ ହିସାବ ସରୁନାହିଁ । ଫାଟି ଯାଇଥିଲା ମୋ କାଠ ସ୍ଲେଟ୍‌ର ପଟାଟିଏ ଓ ଫାଟି ଯାଉଥିଲା ମୋ ପିଠି । ହେଲେ ମୁଁ ଜାଣିଥିଲି, ରାତ୍ରିରେ ମୋ ପାଖକୁ ତୁମେ ଆସିବ ଓ ମୋ ଫଟା ପିଠିରେ ଜାଗାରେ ହାତମାରି ମୋ ଅଜାଣତରେ ଦୁଇଠୋପା ଲୁହ ଗଡ଼ାଇବ । ସତରେ ସେ ଆଉ କେହି ନୁହଁନ୍ତି, ସେ ହେଉଛନ୍ତି ମୋ "ବାପା" । ପୃଥିବୀରେ ଯଦି ନିଜର କେହି ଥାଆନ୍ତି, ସେ ହେଉଛନ୍ତି ବାପା । ଏହି ବାପା ଦୁଇଟି ଅକ୍ଷର ହେଲେ ମଧ୍ୟ ରାଶି ରାଶି ସ୍ନେହ ଶ୍ରଦ୍ଧାରେ ଗଠିତ । 'ବାପା' ବା-ବାୟୁ, ପା-ପାଣି । ବାୟୁ ଓ ପାଣିର ମିଶ୍ରଣ ଯାହା ବାପା ହେଉଛନ୍ତି ସେହି ବ୍ୟକ୍ତି । ଯିଏ ସନ୍ତାନର ମୁହଁକୁ ଦେଖି ପଢ଼ିପାରନ୍ତି ବିଶାଦର ଶ୍ୱେତପତ୍ର, ଭୋକର ଭୂଗୋଳ ଓ ଯନ୍ତ୍ରଣାର ମାନଚିତ୍ର । ସେ ହେଉଛନ୍ତି ମୋ 'ବାପା' । ଜୀବନର ପ୍ରଥମ ଗୁରୁ 'ମା' ହେଲେ, ଦ୍ୱିତୀୟ ଗୁରୁ ମୋ 'ବାପା' ।

ଜୀବନରେ ଦେଇ ଦେଇ ଯିଏ କାଙ୍ଗାଳ ହୋଇଥାଏ ଓ ଦେବାରେ ଯିଏ ଭଲପାଏ ଆଉ ପାଇବାର ଆଶା ନଥାଏ ସେ ହେଉଛନ୍ତି ମୋ 'ବାପା' । ଜୀବନ ନିର୍ମାଣ ପାଇଁ ସଂସ୍କାରର ଆବଶ୍ୟକତା ଥାଏ । ଯଦି ଆମ ଭିତରେ ସଂସ୍କାର ଅଛି ଓ ସଂସ୍କାରର ପୂର୍ଣ୍ଣ ଜୀବନ ପାଇଛୁ, ସେ ହେଉଛନ୍ତି ମୋ 'ବାପା' । ସଂସ୍କାରର ସଂସ୍କୃତିର ପ୍ରତୀକ କିନ୍ତୁ ଏହି ସଂସ୍କାର ଆମେ 'ବାପା' ପାଖରୁ ଶିଖିଥାଉ । ସେହି 'ବାପା' ମୋତେ ଦୁନିଆକୁ ଆଣିଲେ ଓ ମୋତେ ଦୁନିଆର ପରିଚୟ ଦେଲେ, ମୋ ହାତ ବାପାଙ୍କ ହାତରେ ଛନ୍ଦିଥିଲେ ମୁଁ କେବେ ବାଟ ଭୁଲେନା । ମୋ 'ବାପା' ହେଉଛନ୍ତି ମୋ ଠିକଣା ଓ ମୋ ପରିଚୟ । 'ବାପା' ଆମର ଭଗବାନ, 'ବାପ' ଆମର ରାମାୟଣ ଓ ଗୀତା । 'ବାପା'ଙ୍କ ସେବାରେ ସ୍ୱର୍ଗପ୍ରାପ୍ତି ଅଛି, 'ବାପା' ଆମର ଗଛଛାଇ, ସେ ଆମର ଭାଗ୍ୟରେଖା, ଛାତିରେ ଛାତିଏ କୋହକୁ ଜାବୁଡ଼ି, ଆଖିରେ ଆଖିଏ ଲୁହକୁ ଛାତିରେ ସାଇତି ସେ ସୁଖ ଦେଇଥାନ୍ତି । ନିଜ ଲୁହ ନିଜେ ପିଇ ଛଳନାର ହସ ମୁହଁରେ ଭରି ସେ ଆମକୁ ହସାନ୍ତି । ଜୀବନରେ ସମସ୍ତଙ୍କ ଭଲପାଇବା ଫିକା ପଡ଼ିଯାଏ, ହେଲେ ବାପାଙ୍କ ଭଲପାଇବାରେ ସତ୍ୟ, ଶିବ, ସୁନ୍ଦରର ସନ୍ଧାନ ଥାଏ । ବାପାର ହାତ ଧରିଥିବା ପୁଅଟିଏ ଦୁନିଆର ବଢ଼ଦାଣ୍ଡରେ କେବେ ବାଟବଣା ହୋଇ ନଥାଏ । ବାପାଙ୍କର ଛାତି ହିମାଳୟ ପରି ହେଲାବେଳେ, ହୃଦୟ ହେଉଛି ବସୁଧା ମାଟି ଓ ଓଠରେ ସବୁବେଳେ ଆକଟ, ଆଖି ଥିବାବେଳେ ହୃଦୟରେ ସ୍ନେହପ୍ରୀତି ଲୁଚିକରି ଥାଏ । ଜୀବନରେ କେବେ ଦେବତାଙ୍କୁ ଦେଖି ନଥିଲେ ବି ବାପା ଆମର କୁଳଦେବତା । ଯାହାର ତୁଳନା କରିହୁଏ ନାହିଁ । ସଂସାରରୁ ପାଇବାର ଆଶା କିଛି ନଥିବା ବେଳେ ସେ ଲୁହ ନେଇଯାଆନ୍ତି । ସେ ଆମାପାଇଁ ଅନେକ ଦୁଃଖ ସହି ସହି କେବେ ଥକି ପଡ଼ନ୍ତି ନାହିଁ । ବାପା ଯେଉଁଠି ଥାଆନ୍ତି ସେହି ପରିବାରଟି ଆମାପାଇଁ ବୈକୁଣ୍ଠ ସଦୃଶ । ବାପାଙ୍କ ହୃଦୟ ଆକାଶଠାରୁ ବଡ଼ ଓ ସମୁଦ୍ରଠାରୁ ବିସ୍ତାରିତ ।

ଘର ଯଦି ମନ୍ଦିର ହୋଇଥାଏ, ବାପା ହେଉଛନ୍ତି ଦେବତା । ବେଳେବେଳେ ମନରେ ପ୍ରଶ୍ନ ଆସେ 'ବାପା' ଚପଲ ପିନ୍ଧୁ ନଥିବା ପାଦ ତୁମର କେମିତି ସହେ ଏତେ କଷ୍ଟ । ଚଷମା ପିନ୍ଧୁ ନଥିବା ଆଖି ତୁମର କେମିତି ଲୁଚେଇପାରେ ଅସରା ଅସରା ଲୁହ । ବାପା ତୁମେ ମାଟି ସହ ମାଟି ହେଲାବେଳେ ତୁମେ ଲାଗୁଥାଅ ସାକ୍ଷାତ୍ ଈଶ୍ୱର । ଝଡ଼, ବରଷାରେ ତୁମ ମୁଣ୍ଡରେ ଛତା, ଅନ୍ଧାର ରାତିରେ ତୁମେ ମୋତେ ଦେଖାଅ ଆଲୁଅ ରାସ୍ତା, ବଢ଼ିଲା ନଈରେ ତୁମେ ଅଶାର ନାଆ, ବୈଶାଖ ଖରାରେ ତୁମେ କୁହୁଲା ବାଆ । ସଂସାରର ସୁଖ ପାଇଁ ତୁମେ ଲୁହ ପିଇ ଲେଖିଦେଲ ଭାଗ୍ୟର ସରଳରେଖା । ଶୋଷ ହେଲେ ତୁମେ ଅଞ୍ଜୁଳା ଅଞ୍ଜୁଳା ଲୁହ ପିଉଥିବା ବେଳେ ଦୁଃଖରେ ତୁମେ ଭୋକକୁ ମେଂଟାଅ । ଆମର କାନ୍ଧରେ ବୋଝଟିଏ ଦେଖି ତୁମ କାନ୍ଦ ଭାରି କାଟେ । ଆଉ ଆମରି ସୁଖପାଇଁ ତୁମେ ଦୁଃଖ ସହି ହୃଦୟର ଦୀପ ଶିଖାଟିକୁ ଜାଳିଥାଅ । ଦୁନିଆରେ ହସ ଶିଖାଇ ତୁମେ ଆଜି କାନ୍ଦ । ଯାହାର ପାହାଡ଼ ଭଳି ସାହାସ ଓ ଈଶ୍ୱର ଭଳି ବିଶ୍ୱାସ ସେ ହେଉଛନ୍ତି ମୋ 'ବାପା' । ସେ ମୋ ଠିକଣା, ସେ ମୋ ଅଗଣା, ସେ ମୋ ଝୁଲଣା ଓ ସେ ମୋ ଜୀବନରେଖା ।। ମାଟିରେ ଆଣ୍ଠେଇ ପିଠିରେ ବସାଇ, କାଖରେ କାଖେଇ କେତେ ଯେ ବାଇଚଢ଼େଇ ବସା ବୁଝାଇଛ ତା'ର କଳନା ନାହିଁ । ମଳୟ ପରି ସେ ମହକଟିଏ, ସେ ମୋ ନିଶ୍ୱାସ, ସେ ମୋର ପ୍ରଶ୍ୱାସ ଓ ସେ ମୋ ଜୀବନ ଆଲୋକ ସିଖା । ନିଜ ଲୁହ ପିଇ ମୋର ଓଠରେ ସେ ମୁଠାମୁଠା ହସ ଫୁଟେଇଛନ୍ତି, ମୋର କପାଳରେ ଚୁମା ଦେଇ ମେଂଚାମେଂଚା ଦୁଃଖକୁ ମିଟାଇଛନ୍ତି, ସାଗର ପରି ତାଙ୍କ ହୃଦୟ ଅତଯ । ମୋ ଆଖି ସିଏ, ମୋ ସପନ ସିଏ, ମୋର ହୃଦୟ ସିଏ, ମୋ ସ୍ପନ୍ଦନ ସିଏ, ସିଏ ମୋ ମଥାର ଟିକା । ଜୀବନରେ ବ୍ରହ୍ମ, ବିଷ୍ଣୁଙ୍କୁ ମୋତେ ଦେବତାର ପରିଚୟ ଦେଇଛନ୍ତି, ଛାତିଏ ଦୁଃଖକୁ ଛାତିରେ ଲୁଚାଇ ଯିଏ ଖୁସି ହୁଅନ୍ତି ଓ ଆଖିଏ ଲୁହକୁ ପଲକେ ଘୋଡ଼ାଇ ଯିଏ ହସି ପାରନ୍ତି ସେ ହେଉଛନ୍ତି ମୋ 'ବାପା' । କଂଟକିତ ବାଟରେ ନିଜେ ଚାଲି ପିଲାର ସୁଖ କାମନା କରି ରାତିରାତି ନ ଶୋଇ ସେବା କରୁଥିବା ମଣିଷଟି ମୋ 'ବାପା' । ଦୁନିଆରେ ବାପାମାନେ ସତରେ କେବେ କହନ୍ତି ନାହିଁ । ମୋ ଜିତିବାଠାରୁ ବାପାଙ୍କର ହାରିବା ଥିଲା ତାଙ୍କ ପାଇଁ ସବୁଠୁ ଖୁସି ।

ମାତ୍ର ଆଧୁନିକ ସମାଜରେ ବାପଟିଏ ଆଜି ଅସହାୟ । ଆଜି ବାପା ଅଲୋଡ଼ା । ଯିଏ ଉପାସ ରହି ଆମକୁ ଖାଇବାକୁ ଦେଉଥିଲା, ସେହି ବାପା ଆଜି ଖାଇବା ଗଣ୍ଡା ପାଇଁ ବୟସରୁ ଅପରାହ୍ନରେ ଭାଗଭାଗ ହୋଇଯାଇଛନ୍ତି । ଯେଉଁ ବାପା ଆମକୁ କଥା କହିବା ଶିଖେଇଥିଲେ, ତାଙ୍କ ସହ କଥା କହିବା ପାଇଁ ଆମ ପାଖରେ ସମୟ ନାହିଁ । ବାର୍ଦ୍ଧକ୍ୟ ବୟସର ଝୁଂଟି ପଡୁଥିଲା ବେଳେ ତାଙ୍କ ହାତ ଧରିବାପାଇଁ କେବଳ ବୃଦ୍ଧାଶ୍ରମ ହିଁ ସାହାରା । ଯିଏ ଆମର ଜୀବନର ବୋଝକୁ ମୁଣ୍ଡେଇ ଚାଲୁଥିଲେ ସେ ଆମାପାଇଁ ବୋଝ ସଦୃଶ । ବାର୍ଦ୍ଧକ୍ୟରେ ସେ ସିନା ଘରେ ଅଛନ୍ତି, ହେଲେ ତାଙ୍କୁ ପୋଡ଼ିଶାଘରେ ରହିବା ଭଳି ଲାଗୁଛି । ଆଜି ଦୁନିଆରେ ବାପା ଅସହାୟ ଓ ନିସହାୟ ପ୍ରକାଶ କରୁଛି । ମୁଁ ଯେଉଁଠି ଯାଇଥିଲେ ବି ସେ ମୋ ଫେରିବା ବାଟକୁ ଚାହିଁଥାନ୍ତି । ହେଲେ ମୁଁ ଆଜି ତାଙ୍କ ସ୍ୱର୍ଗ ରୂପକ ବାଟକୁ ଚାହୁଁଛି । ସତରେ ବୋଝ ପରି ବାପା ଚାଲିଗଲା ପରେ ମୁଁ ମୋର ପିତୃତ୍ୱର ସନ୍ଧାନ ଖୋଜୁଛି ଓ ମୋର ସ୍ଥାନ କେଉଁଠି ଆଜି କେବଳ ମୋ ପାଇଁ ନୁହେଁ ସାରା ପିତୃତ୍ୱ ପାଇଁ ଚିନ୍ତାର ବିଷୟ ହୋଇଛି ।

♥ ଚିନ୍ତାମଣି ହାଇସ୍କୁଲ୍, ହଦପଡ଼ା

## ପିତା ଧର୍ମ ପିତା ସ୍ୱର୍ଗ ପିତା ହିଁ ପରମତପ

ପ୍ରତାପ ଚନ୍ଦ୍ର ସାହୁ

ଜଣେ ପ୍ରକୃତ ବାପା ତା'ର ସନ୍ତାନକୁ କେବେ ଘରେ ବାନ୍ଧି ରଖି ନ ଥାଏ ।ତାକୁ କେବେହେଲେ ନିଜର ସମ୍ପତ୍ତି ବୋଲି ମଣି ନ ଥାଏ । ତାକୁ ତା ଉପରେ ଛାଡି ଦେଇଥାଏ ।ତା ନିଜର ଅନୁଭବ ଓ ବିଚାର କୁ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥାଏ ବାପା ।ବାପା କେବେ ହେଲେ ସ୍ୱାର୍ଥ ପର ହୋଇନ ଥାଏ ।

କିନ୍ତୁ ଆଜିକାଲିର କଥା ଯଦି ଟିକେ ଚିନ୍ତା କରାଯାଏ ପିତା ମାତା ଓ ସନ୍ତାନ ମାନଙ୍କ ସମ୍ପର୍କଟିକେ ଅନ୍ୟ ଦିଗ ଆଡକୁ ଗତି କରୁଛି ।ଗୋଟିଏ ଛାତ ତଳେ ଥାଇ ବି ଅଲଗା ଅଲଗା ରୋଷେଇ ତ ,ଘରୁ ବାହାରି ଯାଇ ଅନ୍ୟତ୍ର ଭଡାରେ ରହିବା ହେଉ ଅବା ଆମେରିକା ରେ କିମ୍ବା ବାଙ୍ଗାଲୋର୍ ରେ ରହି ସୁବିଧା ଅସୁବିଧା ରେ ବାପା ମା ପାଖରେ ନ ଠିଆ ହେବା ଆଦି ସମସ୍ୟା ମାନ ଦେଖାଯାଏ ।ଆଉ ଏ ସବୁ ସମ୍ଭ୍ରାନ୍ତ ପରିବାର ରେ ମୂଖ୍ୟତ ଦେଖାଯାଏ ।ଯେଉଁ ପିତା ମାତା ତାଙ୍କ ସନ୍ତାନ ର ଭବିଷ୍ୟତ ଗଢଣ ପାଇଁ ସେମାନଙ୍କ ର ସକଳ ଶ୍ରମ ଓ ରକ୍ତ ସମର୍ପିତ କରିଦେଇଥାନ୍ତି ସେଇମାନେ କେଉଁ ଅଜଣା ସହର ରେ ତ ପାଖରେ ଥିଲେ ବି ନ ଥିଲା ପରି ମନେ ହେବା ଟା ବହୁତ ଦୁଖଦ ଘଟଣା । ବିଶେଷ କରି ସହର ରେ ରହୁଥିବା ଆଭିଜାତ୍ୟ ପରିବାର ରେ ହିଁ ଏଭଳି ସମସ୍ୟା ବେଶି ଦେଖିବାକୁ ମିଳେ ।ମାତ୍ ଏହା ଯେ ସବୁ ଘର ର ଦୃଶ୍ୟ ତାହା ମୁ କହୁ ନାହିଁ । ସହରାଞ୍ଚଳ ରେ ବାପା ମା ନିସଙ୍ଗ ଜୀବନ ଯାପନ କରିବାକୁ ପଡିଥାଏ ,ପିଲା ମାନେ ବାହାରେ ରହୁଥିଲେ ।ଏପରିକି ରୋଗ ବୈରାଗ ରେ ପଡି ମରି ପଡିଥିଲେ ବି କବାଟ ଖୋଲିବାକୁ କିଏ ନ ଥାଏ କି ତୁଣ୍ଡ ରେ ପାଣି ଟୋପାଏ ଦେବାକୁ ପାଖରେ କିଏ ନଥାନ୍ତି ।ଆଜି ଆମେ ପାଶ୍ଚାତ୍ୟ ସଭ୍ୟତା କୁ ଅନୁକରଣ କରି ବସ୍ତୁବାଦୀ ଦୁନିଆ ର ଦାସ ହୋଇଯାଇଛେ । କେବଳ ଧନ ଉପାର୍ଜନ ମୁଖ୍ୟ ଲକ୍ଷ୍ୟ । ଏମିତି ମଧ୍ୟ କିଛି ପିତା ମାତା ଚିନ୍ତା କରନ୍ତି ଯେ ସନ୍ତାନ ହେଉଛି ତା'ର ରକ୍ତ ର ଭବିଷ୍ୟତ ।ତା ବର୍ତ୍ତମାନ ଜୀବନ ର ଭବିଷ୍ୟତ ର ସୁରକ୍ଷ୍ୟାଦାତା ।ଆମେ ଭାରତୀୟ ମାନେ ବିଶେଷ କରି ଏଇ ବିଚାର ରେ ସଙ୍କ୍ରମିତ । ତେଣୁ ଗ୍ରହଣ କରିନେଇ ଥାଉ ସନ୍ତାନ ଆମର ସମ୍ପତ୍ତି ।ତା' ଉପରେ ଆମର ଅଧିକାର,,କେବଳ ମୋର ।ତା' ର ସ୍ୱାଧୀନତା ଓ ଜୀବନ କୁମୁଁକି ନିୟନ୍ତ୍ରଣ କରିବି, ସୁରକ୍ଷ୍ୟା ଦେବି । ତା'ର ସୁଖ ସ୍ୱାଛନ୍ଦ୍ୟ ପାଇଁ ମୁ ହିଁ ଧନ ଅର୍ଜନ କରିବି ।ମୋ ଇଛାମତେ ଗଢି ଦେବି ତା'ଚାରିପାଖରେ ହଜାରେ ଆକଟ ର ବାଡ ।ତାକୁ ଖରାକୁ ଯିବାକୁ ମନା,ପାଣିକୁ ଯିବାକୁ ମନା,ଏଇଟା ଖାଇବା ମନା ସେଇଟା ଖାଇବା ମନା,ଝଡ ବତାସ କୁ ଯିବାକୁ ମନା ।ଧୀରେ ଧୀରେ ପିତୃତ୍ୱ ର ସ୍ୱାର୍ଥ ସୁଖ ର ଆନନ୍ଦ ରେ ବିଭୋର ହୁଏ ସନ୍ତାନ ।ପିତୃତ୍ୱ ର ଜୀବନଚର୍ଯ୍ୟା ସ୍ୱପ୍ନ ତା'ର ଆଦର୍ଶ ହୋଇଯାଏ ।ସେ ସତେ ଯେପରି ଏକ କ୍ଲିବ,ପଙ୍ଗୁ ?ତଥା ଅଥର୍ବ ଓ ପରାଙ୍ଗ ପୁଷ୍ଟ ଜୀବ । ଏଭଳି ମାନସିକତା କେବଳ ତାକୁ ନୁହଁ, ସମାଜର ବି ଶତ୍ରୁ କରିଦେଇଥାଏ ।ସକଳ ସାମାଜିକ ଅଘଟଣ ର କାରଣ ହୁଏ ମଣିଷ । ଏଣୁ ତାକୁ ତା' ର ସ୍ୱାଧୀନ ତା ବଜାୟ ରଖିବାକୁ ଦିଆଯାଉ ।ଅନୁଶାସନ ରହୁ କିନ୍ତୁ କ ଉଣସି ଜିନିଷ କୁ ଜୋର୍ ଜବରଦସ୍ତ ତା ଲଦି ଦିଆ ନ ଯାଉ । ସିଏ ତା ପସନ୍ଦ ର କରୁ,ତୁମ ପସନ୍ଦ ର ନୁହଁ ।

♥ ନବରଙ୍ଗପୁର

ମୋ: ୯୪୩୭୭୮୮୬୦

## ବଦଳିଲେ ଜିଲ୍ଲାପାଳ



ସୁବ୍ରତ କର

୩୦ ଜିଲ୍ଲାରୁ ୧୧ ଜିଲ୍ଲାରେ ମୁଖ୍ୟ ସ୍ଥାନାନ୍ତରିତ ହେଲେ । ଏମାନଙ୍କ ମଧ୍ୟରୁ ବହୁତ ଅଫିସର ନୂଆ କରି ଜିଲ୍ଲା ଦାୟିତ୍ୱ ନେବାକୁ ଯାଉଛନ୍ତି । ୫-୭ବର୍ଷର ଅଭିଜ୍ଞତା ନେଇ ଜିଲ୍ଲାକୁ ଚଲେଇବା ପାଇଁ ସରକାରଙ୍କ ତରଫରୁ ଦାୟିତ୍ୱ ଦିଆଯାଇଛି । ଏମାନେ ସମସ୍ତେ ପ୍ରାୟ ସିଧା ସଳଖ ଆଇ.ଏ.ଏସ ପାଇଥିବା ଅଫିସମାନେ । ବହୁତ ଜିଲ୍ଲାରେ ଅ.ଏ.ଏସ୍ ଜାଗାରେ ଆଇ.ଏ.ଏସ୍ ମାନଙ୍କୁ ଦେବାର ଠିକ୍ କାରଣ କଣ ବୁଝି ହେଲାନାହିଁ । ଅ.ଏ.ଏସ ଅଫିସରଙ୍କୁ କଲେକ୍ଟର ବା ଜିଲ୍ଲା ଶାସକ ଭାବରେ ବିଜୁବାବୁ ପ୍ରଥମ ମୁଖ୍ୟମନ୍ତ୍ରୀ କରିଥିଲେ ଏବଂ ଆପଣମାନେ ଆଶ୍ଚର୍ଯ୍ୟ ହେଲେ ଏହା ସ୍ଥିରିକୃତ ହୋଇଥିଲା ୧୯୯୨ ମସିହା ବାଲେଶ୍ୱରର ଗାନ୍ଧୀସ୍ମୃତି ଭବନ ଠାରେ । ସେହି ବର୍ଷ ରାଜ୍ୟ ଅ.ଏ.ଏସ୍ ଅଫିସରଙ୍କ ସମ୍ମୀଳନି ଏହିଠାରେ ହୋଇଥିଲା । ଅରୁଣ ବାବୁ ଏମ.ଏଲ.ଏ ଥିଲେ ଏବଂ ଆର. ଶ୍ରୀନିବାସ କଲେକ୍ଟର ଥିଲେ । ସେହି ସଭାରେ ଆଉ ଗୋଟାଏ କାମ କରି ବିଜୁ ବାବୁ ସାରା ଭାରତବର୍ଷକୁ ବାଟ ଦେଖେଇଥିଲେ ଏବଂ ସେଇଟା ହେଲା ମହିଳା ମାନଙ୍କ ଚାକିରୀ କ୍ଷେତ୍ରରେ ରଜାରଭେଷନ । ଏହା ପରେ ପରେ ବହୁ ରାଜ୍ୟ ଏହାକୁ ବହାଲ କରିଛନ୍ତି । ଏହା ମୂଳରେ ଥିଲା କିଛି ବରିଷ୍ଠ ଅ.ଏ.ଏସ ଅଫିସର ତାଙ୍କର ୩୦-୩୫ ବର୍ଷ ଚାକିରୀ କାଳରେ ଥରେ ଅନ୍ତତଃ କଲେକ୍ଟର ହେବାର ସୁଯୋଗ ପାଇବେ । ମୁଁ ଜାଣିଛି ଜଣେ କଲେକ୍ଟର (ଅ.ଏ.ଏସ୍) କହିଥିଲେ ଯେ ମୋର ବାପାଙ୍କ ଇଚ୍ଛା ଥିଲା ମୁଁ ଥରେ କଲେକ୍ଟର ହେବା ପାଇଁ ଏବଂ ମୋର ବାପାଙ୍କ ଇଚ୍ଛା ପୂରଣ ହେଲା । ଏହା ମଧ୍ୟରେ ଅନେକ ଦକ୍ଷ ଅଫିସର ଅଛନ୍ତି ଯେଉଁମାନେ ଜିଲ୍ଲାକୁ ସୁନ୍ଦର ଭାବରେ ଚଳାଇ ଆସିଛନ୍ତି । ମୁଁ ଜାଣିବାରେ ଆମ ଜିଲ୍ଲାରେ ସି.ଆର.ପାଲ (ଗ୍ରାମଟିଭି ଆଇ.ଏ.ଏସ୍) ସବୁଠୁ ବେଶିଦିନ କଲେକ୍ଟର ଶୋଇ ରହିଥିଲେ (୪ବର୍ଷରୁ ଉର୍ଦ୍ଧ୍ୱ) ଏବଂ ସୁନ୍ଦର ଭାବରେ ଚଳାଇଥିଲେ ଏବଂ ସେତେବେଳେ ପ୍ରଦୀପ କାପୁର ଜିଲ୍ଲା ଏସ.ପି ଥିଲେ ଏବଂ ଏବେକାର ମୁଖ୍ୟ ଶାସନ ସଚୀବ ସୁରେଶ ମହାପାତ୍ର ପି.ଡି (ଡି.ଆର.ଡି.ଏ) ଥିଲେ । ଏମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ନଥିଲା ।

ଏବେ ଆସିବା ଆମ ଜିଲ୍ଲାପାଳ ଖୋର୍ଦ୍ଧା ଜିଲ୍ଲାକୁ (ଭୁବନେଶ୍ୱର ଏହି ଜିଲ୍ଲାରେ ଆସୁଛି) ସମ୍ଭାଳିବା ପାଇଁ ଯିବେ । ସେ ଯେଉଁ ୩ବର୍ଷର ବାଲେଶ୍ୱର ଜିଲ୍ଲାପାଳ ହିସାବରେ ଅଭିଜ୍ଞତା ଅର୍ଜନ କଲେ ଏହା ମୁଁ ଭାବୁଛି ଭୁବନେଶ୍ୱର ଭଳି ଯାଗାକୁ ସମ୍ଭାଳିବା ପାଇଁ ଅସୁବିଧା ହେବ ନାହିଁ । ମୋର ଜାଣିବାରେ ତାଙ୍କ ପାଇଁ ଏହି ଚାରି ନମ୍ବର ଜିଲ୍ଲା ହେବ । ବାଲେଶ୍ୱର ଭଳି ଜିଲ୍ଲାକୁ ଚଳାଇବା ନିଶ୍ଚିତ ଭାବରେ ସହଜ ନୁହେଁ କିନ୍ତୁ ଗତ ୩ବର୍ଷରେ ବାଲେଶ୍ୱରର ବେଶ କିଛି ଉନ୍ନତିକରଣ କାର୍ଯ୍ୟ ହାତକୁ ନିଆ ହୋଇପାରିଛି । ଏବଂ ସାଧାରଣ ଜନତାଙ୍କ ସହିତ ମିଳିମିଶି କାର୍ଯ୍ୟ କରିବାରେ ତାଙ୍କ ବିଶେଷ ଅସୁବିଧା ହୋଇନାହିଁ । ମୁଁ ଭାବୁଛି ସେ ଖୋର୍ଦ୍ଧା ଜିଲ୍ଲାରେ ଆହୁରି ଭଲକାମ କରିବେ ।




## ସ୍ମୃତି ସିନ୍ଦୁକରେ...

ଅମ୍ବିକା ସ୍ୱାଇଁ

'ବାପା' ପରି ଏକ ମହାନ୍ ଶବ୍ଦକୁ
'କଳି'କେ ପାରିବ କୁହ
ସେହି ମହାନତା, ସେହି ବିଶାଳତା
ଅମାପ ତାଙ୍କରି ସ୍ନେହ ।

ସେ'ସ୍ନେହ ପରଶେ ବଡ଼ ହୋଇଛି ମୁଁ
ଖାଇଛି ମଧୁର ଗାଳି
ମୋ'ପାଶରେ ଆଜି
ମୋ'ବାପା ନାହାନ୍ତି
ବୁଝିବାକୁ ମୋର ଅଳି ।

ମନେପଡେ ବାପା, ଭାରି ତୁମ କଥା
ଦିଶେ ଛଳ ଛଳ କରି
ହୃଦୟର କୋହ ଆମାନିଆ ଲୁହ
ଆଖିରୁ ପଡେ ମୋ' ଝରି ।

କିଏ ବା ପୋଛିବ !
ମୋ' ଆଖିର ଲୁହ
କିଏ ହେବ ତୁମ ସରି

ତୁମ ହାତ ଏବେ ଲମ୍ବି ଆସୁନାହିଁ
ସ୍ନେହର ଗାମୁଛା ଧରି ।

ସ୍ମୃତି ସିନ୍ଧୁକରୁ ସବୁ ଖୋଲି ଦେବି
ଗୋଟି-ଗୋଟି କରି ଆଜି
ଆତ୍ମା ପଞ୍ଜୁରୀରେ ସବୁ ସାଇତିଛି
କେବେ ବି ଯାଇନି ହଜି ।

କୁନି-କୁନି ପାଦେ ଥିରି ଥିରି ଯେବେ
ପଡି ଉଠି ଚାଲୁଥିଲି
ମୋର ହାତ ଧରି କାନ୍ଧରେ ବସାଇ
ନେଉଥିଲ ଚାଟଶାଳୀ ।

ସବୁ ଅଳିକୁ ମୋ ପୁରା କରିବାକୁ
ହାଟ ଓ ଯାତରା ନିଅ
ଖଡ଼ି, ସିଲଟ ଓ କଣ୍ଢେଇ, ମିଠେଇ
କେତେ ଶରଧାରେ ଦିଅ ।

ଯଦି ନଥାଏ ମୋ ଖାଇବାରେ 'ମାଛ'
ରଷିଯାଏ ସେତେବେଳେ
ପୋଖରୀରେ ଜାଲ ପକାଇକି ମାଛ
ଆଣିଦିଅ ସେହି ବେଳେ ।

ବୋଉ ପୋଡ଼ିଦିଏ ମାଛକୁ ଚୁଲିରେ
ଚଟଣୀ କର ଯତନେ
ଟକଳ ଫୁଟାଇ ହାତ ଚାଟି ଭାତ
ଖାଇଦିଏ ଖୁସି ମନେ ।

ବଡ଼ ଝିଅ ବୋଲି ଭାରି ଗେହ୍ଲା କର
ସବୁ ଅଳି କର ପୂର୍ଣ୍ଣ
ନୀତି ଆଦର୍ଶର ବାଣୀ କହିଚାଲ
କିଣିନେଇ ମୋର ମନ ।

ଝାଡେଶ୍ୱର୍ ମହାଦେବ 'ଭକ୍ତ' ତୁମେ
ଏ କଥା ଜାଣନ୍ତି ଜନେ
ନିଜର ସୃଷ୍ଟି ର ଭଜନ ଜଣାଣ
ଗାଉଥିଲ ରଖି ମନେ ।

ରୋଗୀ ଭୋଗୀଙ୍କ ର ସେବା କରୁଥିଲ
ଦେଉଥିଲ ଜଡି ବୁଟି
କେତେ ଜନଙ୍କର ହୃଦୟ ଦେବତା
ଦାନ, ଧର୍ମ, ଦାନା ବାଣ୍ଟି ।

ସତରେ, ମୋ ବାପା କେତେ 'ଦୟାବନ୍ତ'
ତାକୁ କଣ ମାପି ହେବ
ତାଙ୍କ ଆଦର୍ଶରେ ଅନୁପ୍ରାଣିତ ମୁଁ
'ସଙ୍କଳ୍ପିତ' ସେବା ଭାବ ।

ଦୁଃଖ ଦରିଆରୁ ସୁଖ ସାଉଁଣୁଛି
ସ୍ୱପ୍ନ ଦେଖି ତୁମ ଝିଅ
ତା'ଜୀବନ ଯୁଦ୍ଧରେ ନ ହାରିବାକୁ
ଆଶୀର୍ବାଦ ଟିକେ ଦିଅ ।

ନିଶ୍ୱାସରେ ମୋର ବିଶ୍ୱାସ ଭରିଛି
ଶୁଭୁଚି ଅମୃତ ବାଣୀ
ସଙ୍ଘର୍ଷର କଣ୍ଟା ଓ ଫୁଲରେ ଚାଲି
ରଖିଯିବି କୀର୍ତ୍ତି ପୁଣି ।

ରହିଲା ଅକୁହା ବାପାଙ୍କର କଥା
ହେବ କି ! ସ୍ମୃତିର ଇତି
ସବୁ ଯଦି ମୁହିଁ ବଖାଣି ବସିବି
ହୋଇଯିବ ମହା ପୋଥି ।

♥ ଭୁବନେଶ୍ୱର

ମୋ:୯୭୭୭୫୯୯୬୯୫

## ଏତେ ସହଜ ?

ଅନସୂୟା ପଣ୍ଡା

ସତ କହିଲେ ମୋତେ ସେ ଲୋକଜଣଙ୍କୁ
ବଡ଼ ବିରକ୍ତ ଲାଗେ !
ସବୁ ବେଳେ ଖାଲି ତାଙ୍କ ପାଟି
ବକ ବକ ଦେଉଥିବ,
ସବୁ କଥାରେ ଗୋଟେ ଅଭିଯୋଗ,
ଅସନ୍ତୁଷ୍ଟ !
କଣ ଦରକାର ଅନ୍ୟ କଥାରେ
ଏତେ ମୁଣ୍ଡ ଖେଳାଇବା !
କେତେବେଳେ ଟିକେ
ଥୟ ହୋଇ ବସିଲେ ହୁଅନ୍ତାନ୍ତି ?
ନା !

ଘରର ସବୁ କୋଣକୁ ନିଘା,
ରୋଷେଇ ଘରଠାରୁ
ଗାଧୁଆ ଘର ଯାଏ ।
ଏଠି ଗ୍ୟାସ ବନ୍ଦ ହୋଇନି,
ସେଠି ଗାଧୁଆ ଘରେ ପାଣି ଚାଲିଛି !
ଏତେ ସବୁ ତଦାରଖ କଲା ବେଳେ,
ଲୋକଟାର ଗୋଡ଼ ଟିକେ ବି
ଘୋଳେଇ ହୁଏନି !
କେତେବେଳେ ଟିକେ ନିଜେ
ଚୁପ ହୋଇ ବସି ନିଜ ପାଇଁ ଭାବିବା,
କଣ ଭଲ ଖଣ୍ଡେ ପିନ୍ଧିବା,
ଭଲ ଜିନିଷ ଖାଇବା !
କିଛି ନାହିଁ !
ଏତେ କଣ ହିସାବ ନିକାସ !
ଚିଡି ଲାଗେ କଣ ଦରକାର ଏତେ ଅନ୍ୟ
ପାଇଁ ଭାବି ରାତିରେ ନ ଶୋଇବା !
ଦୁନିଆ ଯାକର କଥା ଭାବି
ନିଜେ ଅଶାନ୍ତି ହେବା,
ନିଜର ସବୁ ଇଚ୍ଛାକୁ ହତ୍ୟା କରି,
ଖାଇବା ପିଇବା,
ଶୋଇବାରେ ବି କର୍ପେଣ୍ୟ କରିବା !
ଯାହା ପଚାର, ନା ଦରକାର ନାହିଁ !
କିଛି ଲୋଡ଼ା ନାହିଁ !
ହଁ !, ଶବ୍ଦ କଣ ତାଙ୍କ
ଶବ୍ଦ କୋଷରେ ବି ନାହିଁ !

ନିଜେ ବାପା ହେବା ପରେ ଜାଣିଲି,
ଏସବୁ ଖାଲି ମୋ ବାପା ନୁହେଁ,
ସବୁ ଅନୁଭବି ବାପା ମାନେ କରନ୍ତି,
ଘରର ଛାତ ପରି
ଖରା, ବର୍ଷା, ଶୀତ ସହି,
ମହୀରୁ ପରି ନିଜ ପରିବାରକୁ
ଅଭୟ ଦିଅନ୍ତି,
ହସି ହସି ହଳା ହଳ ଶିବ ପରି ଜୀବନରେ
ଆସୁଥିବା ଦୁଃଖ ପିଇ,
ପିଲାଙ୍କ ଭବିଷ୍ୟତ ସୁରକ୍ଷିତ
ରଖିଲା ବେଳେ,
ନିଜ କଥା ଭୁଲି ଯାଆନ୍ତି ।
ସତରେ ବାପା ହେବାକଣ ଏତେ ସହଜ ?

♥ କାର୍ଡଗୁଡ଼ି, ବାଙ୍ଗାଲୋର

## ବାପା...

ଡ. ମନୋରଞ୍ଜନ ବିଷୋୟୀ

ବାପା...
ନିଜ ସୁଖକୁ ମାଟି କରି ଆମକୁ ବଡ଼
କରିଛ
ନିଜ ରକ୍ତକୁ ପାଣି କରି
ଦିନରାତି ଆମ ପାଇଁ ଖଟିଛ
ଆମେ କିଛି ମାଗିବା ଆଗରୁ
ସବୁକିଛି ଯୋଗାଇ ଦେଇଛ
ଆମକୁ କୋଳରେ ଧରି କେତେ ଗପ
କହିଛ
ଆଉ କାନ୍ଧେ ଧରି ଦେଖାଇଛ ଜହ୍ନମାମୁଁ
ବାପା...
ତୁମ କାନ୍ଧଠୁ ନିରାପଦ
ଜାଗା ବାଲ୍ୟକାଳେ
ଆମ ପାଇଁ ଆଉ କିଛି
ଏ ଜଗତେ ନଥିଲା ତ
ଆମେ ଦୁଷ୍ଟ ହେଲେ
ଆଖି ଦେଖାଇ
ଆମକୁ ଶାସନ କରିଛ
ଆମ ଆପଦ ବିପଦରେ
ତୁମେ ସାହା ହୋଇଛ
ଆସୁ ଯେତେ ଦୁଃଖ
ତୁମେ ଭରସା ଦେଇଛ
ଆମକୁ ସୁଖରେ ରଖିବାକୁ
ଋଣ ଭାର ସହିଛ
ଆମ ଅଜାଣତେ
କେତେ ଲୁହ ଝରାଇଛ
ଆମେ କାଳେ
ଜାଣିଯିବୁ ଭାବି
ମଧ୍ୟବିତ୍ତ ଲୋକର
ନିଅଣ୍ଟିଆ ହସ ହସିଛ
ବାପା ଏପରି କରି
ତୁମେ କ'ଣ ପାଇଛ ?
କେବଳ ଆମ ଶୈଶବର ଅର୍ଦ୍ଦଳି
କୈଶୋରର ଦାବି
ଆଉ ଯୌବନର
ଅଭିମାନ ସହିଛ ।
ସବୁବେଳେ ଆମ କଥା ଚିନ୍ତା କରି
ତୁମେ ବ୍ୟାଧିଗ୍ରସ୍ତ ହୋଇଛ
ରକ୍ତଚାପ ମଧୁମେହ
ସାଥେ ଧରି କାଳ କାଟୁଛ
ଏବେ ତ ଚାକିରିରୁ
ଅବ୍ୟାହତି ନେଇଛ
ସବୁଦିନ ଏବେ ତୁମେ
ଛୁଟିଦିନ ରୂପେ ପାଇଛ
ତୁମ ସ୍ୱାସ୍ଥ୍ୟ ଚିନ୍ତା ଛାଡ଼ି
ଏବେ ବି ଏ ପରିଣତ ବୟସରେ
ଆମ ପାଇଁ କାହିଁକି
ଏତେ ଚିନ୍ତା କରୁଛ ?

♥ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ:୮୮୯୫୧୪୧୭୨୭

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ସୋମବାର, ୨୦ ଜୁନ୍ ୨୦୨୨

# ଭାଗ



ନବୀନ ସାହୁ
ବେହେରାଟାଲ, ଦହିଗାଁ,
ପଦ୍ମପୁର, ବରଗଡ଼
ମୋ: ୬୨୬୪୫୩୦୧୮୮

ମୁଁ ଯାହା ଲେଖିବାକୁ ଯାଉଛି ତାହା ତିନି ବର୍ଷ ତଳର ଘଟନା । ସେତେବେଳେ ମୁଁ ଛତିଶଗଡ଼ର ଏକ କ୍ଷୁଦ୍ର ସହର ବଲୋଦାରେ ଅବସ୍ଥାନ କରୁଥାଏ । ସେ ଦିନ ଥିଲା ଦୁଇ ହଜାର କୋଡ଼ିଏ ମସିହା ମାର୍ଚ୍ଚ ମାସର ଅଠର ତାରିଖ। କରୋନା ଓଡ଼ିଶାରେ ପାଦ ଥାପି ସାରିଥାଏ । । ମୁଁ ଯେଉଁ ବିଦ୍ୟାଳୟରେ କାର୍ଯ୍ୟ କରୁଥିଲି ସେଠାରୁ ଉସ୍ତଫା ଦେଇ ମୋର ଘରକୁ ଯାଉଥାଏ ଅନ୍ୟ ଏକ ସ୍କୁଲରେ ଯୋଗ ଦେବା ପାଇଁ।

ବଲୋଦାଠାରୁ ଅଠର କିଲୋମିଟର ଦୂର ଜାଞ୍ଜଗିର ସହର ।ତାହା ବଲୋଦା ନଗର ପଞ୍ଚାୟତ ର ଜିଲ୍ଲା । ସେଠାରୁ ରାଜଧାନୀ ବସ୍ ଚଢ଼ିବାର ସୁବିଧା ହେବ ବୋଲି ମୋର ସହକର୍ମୀ ଓ ସହବାସୀ ପ୍ରଶାନ୍ତ ସାର୍ ଜାଞ୍ଜଗିର୍ର କଚେରୀ ଛକ ଠାରେ ମୋତେ ଛାଡ଼ି ଦେଲେ । ମୁଁ ବସ୍କୁ ଅପେକ୍ଷା କଲି ; ସେ ଫେରି ଆସିଲେ । ଅଧା ଘଣ୍ଟା ପରେ ବସ୍ ପହଞ୍ଚିଲା । ମୁଁ ବସ୍‌ରେ ବସିଲି । ଭାଗ୍ୟକୁ ବସିବାକୁ ସିଟ୍ ମିଳିଗଲା । ସେଠାରୁ ବସ୍ ଚାଲିଲା ବସନା ଅଭିମୁଖେ ।

ବାଟରେ ଶିବରିନାରୟନ ପାର କଲେ ପଡ଼େ ଏକ ବ୍ରିଜ୍ । ଏହା ମହାନଦୀ ଉପରେ ନିର୍ମିତ। ତାପରେ ଆସେ ଗିଧୌରି ଛକ । ଏହି ସ୍ଥାନରେ ବସ୍ ବିରାମ ନେଲା । ଖରା ବଢୁଥାଏ । ଯାତ୍ରୀମାନେ ବସ୍‌ରୁ ଓହ୍ଲାଇଲେ। ମୁଁ ବି ଉହ୍ଲାଇ ପଡ଼ିଲି । ଭାବିଲି ପାନ ଖଣ୍ଡେ ଖାଇବି । ରାସ୍ତାଟା ଜଣା ପଡ଼ିବନି । ଠିକ୍ ଯେମିତି ରାସ୍ତା ଉପରେ ପାଦ ରଖିଛି ବିନୋଦ ସାର୍ ଗୋଟେ ଗାରେଜ୍ ପଛ ପଟରୁ ଜଣେ ବୃଦ୍ଧଙ୍କ ପଛେ ପଛେ ବସ୍ ଆଡ଼କୁ ଆସୁଛନ୍ତି। ସେ ମଧ ଜଣେ ଗଣିତ ଶିକ୍ଷକ । ଜାଞ୍ଜଗିରଠାରେ ଏକ ଘରୋଇ ବିଦ୍ୟାଳୟରେ ଶିକ୍ଷକତା କରନ୍ତି । ଆମ ସ୍କୁଲରେ ବାର୍ଷିକ ଉତ୍ସବ, ବିଜ୍ଞାନ ମେଳା ଅବା ତାଙ୍କ ସ୍କୁଲରେ ସେମିତି କିଛି କାର୍ଯ୍ୟକ୍ରମ ହେଲେ ଆମର ଦେଖା ସାକ୍ଷାତ ହୁଏ । ମୁଁ ସଙ୍ଗେ ସଙ୍ଗେ ଅଭିବାଦନ କରି କହିଲି, 'ନମସ୍କାର ଆଜ୍ଞା ! ଆପଣ ଏଠି !! 'ସେ ମଧ ସାମାନ୍ୟ ହସି କହିଲେ,' ମୁଁ ବି ଘରକୁ ଯାଉଛି ।

:'ଓଃ ! ଆଉ ଖବର କ'ଣ କୁହନ୍ତୁ ?'

: 'ଆଉ କ'ଣ ଖବର ସାର୍ ! । ମୋ ବାପା ମାଆ ,ସ୍ତ୍ରୀ , ଝିଅ ସମସ୍ତେ ବସ୍ ରେ ଅଛନ୍ତି । ଘରକୁ ଯାଉଛୁ । ସେମାନଙ୍କୁ ଘରେ ଛାଡ଼ି ଦେଇ ପୁଣି ଫେରି ଆସିବି ।

: 'ତେବେ ଆପଙ୍କ ବାପା ମାଆ ବି ଏଇଠି ରହୁଛନ୍ତି ?'

: 'ହଁ, ସାର୍ । ଆଉ ଆପଣ ?'

: ' ମୁଁ ରିଜାଇନ୍ ଦେଇ ଦେଲି ।'

: ' କିନ୍ତୁ କାହିଁକି ?'

: ' ଆମ ଘରେ ବହୁତ ଅସୁବିଧା । ପଦ୍ମପୁରରେ ଗୋଟେ ସ୍କୁଲ ଠିକ୍ ହୋଇଛି। ସେଇଠି ପଢେଇବି । ଆଉ ବହାସାହା ବି ହେବାର ଅଛି । ଘରେ ରହିଲେ ମୋ ' ବାପାମାଆଙ୍କୁ ଟିକିଏ ସାହାଯ୍ୟ କରି ପାରିବି । ସେଥି ପାଇଁ...'

: ମୁଁ ବି ସେମିତି ସୁବିଧା ଟିକିଏ ଖୋଜୁଛି, ସାର୍ । ହେଲେ କଣ କରିବେ, ମିଳୁନି !

ତାଙ୍କ ମୁହଁରେ ଉଦାସୀନତା ତଥା ଚିନ୍ତାର ବାଦଲ ଛାଇ ରହିଥିଲା । ତେଣୁ ଆଉ ବେଶି କଛି ପଚାରି ପାରିଲିନି । ସେ ମୋ ' ଠାରୁ ବୟସରେ ଆଠ - ଦଶ ବର୍ଷ ବଡ଼ । ସଂସାରୀ ହୋଇ ଗଲେଣି । ବୃଦ୍ଧ ମାତା ପିତାଙ୍କୁ ସୁଦୂର ଦୁଇ ଶହ କିଲୋମିଟର ବରଗଡ଼ ଜିଲ୍ଲା, ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୋଟିଏ ଛୋଟ ଗାଁ ନାଥପାଲିରୁ ଆଣି ଏଇଠି ସାଙ୍ଗରେ ରଖୁଛନ୍ତି। ଏମିତି କିଛି ସମୟ ଭାବ ବିନିମୟ ହେଲା ପରେ ସେ ପୁଣି କହିଲେ ,' ଚାଲନ୍ତୁ ନା ଟିକିଏ ଜଳଖିଆ କରି ଦେବା ! ' ମୁଁ ପ୍ରାୟତଃ ବସ୍ ରେ କିମ୍ବା ଟ୍ରେନ ରେ ଯାତ୍ରା କଲା ବେଳେ ତେଲିଆ ଖାଦ୍ୟ ଖାଏନି । ତେଣୁ କ୍ଷମା ପ୍ରାର୍ଥନା କରି ତାଙ୍କୁ କହିଲି,' ଆଜ୍ଞା, କ୍ଷମା କରିବେ । ବସ୍ ରେ ଗଲା ବେଳେ ମୁଁ ତେଲିଆ ଖାଦ୍ୟ ଖାଏନି । ଆପଣ ଯାଆନ୍ତୁ ଜଳଖିଆ କରି ଆସନ୍ତୁ, ମୁଁ ଅପେକ୍ଷା କରିଛି ।'

'ହଉ ଠିକ୍ ଅଛି, ସାର୍ । ମୁଁ ଶୀଘ୍ର ଆସୁଛି। ଆପଣ ଏଇଠି ଥାଆନ୍ତୁ । 'ସେ ଏତିକି କହି ହୋଟେଲକୁ ଗଲେ । ମୁଁ ମଧ ବାର ଟଙ୍କା ଦେଇ ମିଠା ପାନ ଖଣ୍ଡେ କିଣି ଆଣିଲି । ଆଉ ତାଙ୍କୁ ବସ୍ ସମ୍ମୁଖରେ ଅପେକ୍ଷା କଲି । ସେ ଆସିବା ପରେ ପୁଣି ବସ୍ ଯାତ୍ରା ଆରମ୍ଭ ହେଲା । ମୁହଁରେ ପାନଟିକୁ ଭରି ଦେଇ ଝରକା ପଟେ ଅନେଇ ରହିଲି । ଗ୍ରୀଷ୍ମ ଋତୁର ତାଣ୍ଡବ ଟିକେ ଟିକେ ଆରମ୍ଭ ହେବାକୁ ଲାଗିଥାଏ । ଆକାଶ ସୁନେଲି ରଙ୍ଗରେ ଚମକି ଉଠୁଥାଏ ।

ବାଟରେ ଗଲା ବେଳେ ମୋ' ମନକୁ ବିନୋଦ ସାର୍‌ଙ୍କ ମାତାପିତାଙ୍କ କଥା ଆନ୍ଦୋଳିତ କରୁଥାଏ । ଜୀବନର ଅପରାହ୍ନରେ ବୃଦ୍ଧ ଦମ୍ପତି ଦୁହେଁ ନିଜ ଗାଁ, ଘର , ଜମିବାଡ଼ି ବନ୍ଧୁବାନ୍ଧବ ସମସ୍ତଙ୍କୁ ଛାଡ଼ି କେଉଁ ଏକ ପ୍ରଦୂଷିତ ସହରର ଭଡ଼ା ଘରେ ବନ୍ଦୀ ଜୀବନ କାଟୁଛନ୍ତି । ଆକାଶକୁ ଦେଖିଲେ ରଙ୍ଗହୀନ । ମାଟି ଦେଖା ଯାଏନା । ସବୁ ଠାରେ କେବଳ ପକା ଘର, ପକା ରାସ୍ତା , ଦୋକାନ , ଗାଡ଼ି ମଟର ର ଭିଡ଼, ବିରକ୍ତିକର ପେଁପାଁ ଶବ୍ଦର ତାମସା । ଏଠି ଗଛ ପତ୍ର ଅଭିଶପ୍ତ , ଶ୍ୱାସରୁଦ୍ଧ । କୋଇଲା ଗୁଣ୍ଡ ଓ ଧୂଳି ରେ ପୋତି ହୋଇ ଗଲେଣି । ସେମାନେ ବି ଡାକୁଛନ୍ତି ତ୍ରାହି ମାମ !

ଏଠି ମଣିଷ ପଶୁ ପରି । କାମ କରେ, ଖାଏପିଏ ଓ ଶୋଏ । ସେମାନେ କାହା ସାଥେ କଥା ହେବେ ? ଭାଷା ଜଣା ନାହିଁ । ଚିହ୍ନା ପରିଚୟ ନାହିଁ। ଶରୀରରେ ବଳ ଥିଲେ କିଛି ସମୟ ବାହାରୁ ବୁଲି ଆସନ୍ତେ । ଘରେ ଏକା ବୃଦ୍ଧଦମ୍ପତି ଦୁଇ ଜଣ, ବୋହୂ ଓ ନାତୁଣୀ । କେତେ କଥା ହେବେ ? କ'ଣ କଥା ହେବେ ? ମନରେ କେତେ କୋହଥିବ, ଅଭିଯୋଗ ଥିବ, ସେ ସବୁ କ'ଣ ସମସ୍ତଙ୍କୁ କହି ହୁଏ ?କାହାର ଦୁଃଖର ଗରଜ ଅଛି ଯେ ନେବ କି ଅନ୍ୟ ଲୋକପାଇଁ ମନ ଦୁଃଖ କରିବ ? ଆପେ ବଞ୍ଚିଲେ ବାପର ନାଆଁ । ଯେତେ ଯାହା ହେଉ ପଛେ ସେମାନଙ୍କ ମୁହଁରେ ତାଲ ପଡ଼ି ଯାଇଛି । ମଣିଷକୁ ପରିସ୍ଥିତି କ'ଣ ନ କରେ । ସେମାନେ କେବେ ସ୍ୱପ୍ନରେ ମଧ ଦେଖି ନ ଥିବେ ଯେ ଜାଞ୍ଜଗିର ପରି ଏକ ସହରେ ଭଡ଼ା ଘରେ ସେମାନଙ୍କର ଦିନ କଟିବ ।

ସେହି ସବୁ କଥା ଚିନ୍ତା କରି ତ ମୁଁ ଏହି ସ୍କୁଲ ଛାଡ଼ିକି ଗାଆଁକୁ ଯାଉଥିଲି, ବାପାମାଆଙ୍କ ସାଥେ ରହିବା ପାଇଁ । ସେଠି ଗୋଟେ ଘରୋଇ ସ୍କୁଲରେ ଚାକିରି ପାଇଯାଇଥିଲି । ଘରେ ରହିବି, ପିତାମାତାଙ୍କୁ ତାଙ୍କ ନିଜ ଭିଟାମାଟିରେ ଖୁସି ରେ ରଖିବି । ସେମାନଙ୍କୁ କେଉଁ ଭଡ଼ା ଘରେ ଏପରି ବନ୍ଦୀ କରି ଜଡ଼ କରିଦେବାର ଆଗତ ଦୁଃଖରୁ ମୁକ୍ତ କରିବାରୁ ମୋର ଅଭିଯାନ ଆରମ୍ଭ ହୋଇ ଯାଇଥିଲା ।

ଏମିତି ଭାବନାର ଘଞ୍ଚ ଅରଣ୍ୟରେ ମନ ବୁଲୁବୁଲୁ ବସ୍ ଟା ବସନା ପହଞ୍ଚିଲା ।ସମୟ ବାର ଟା ବାଜିବାକୁ । ସମସ୍ତ ଯାତ୍ରୀ ସେଇଠି ଓହ୍ଲେଇ ପଡ଼ିଲେ । ପଛ ପଟରୁ ବିନୋଦ ସାର୍, ତାଙ୍କ ସ୍ତ୍ରୀ, ଦୁଇ ବର୍ଷର ଝିଅ ଓ ପିତାମାତା ଓହ୍ଲାଇଲେ । ମୁଣ୍ଡ ଉପରେ ସୂର୍ଯ୍ୟଙ୍କ ଦାରୁଣ ଖରା । ଦେଖିଲି, ବିନୋଦ ସାର୍ ଙ୍କ ମାଆଙ୍କ ଅଣ୍ଟା ପୁରା ନଇଁ ଗଲାଣି । କ୍ଷୀଣ ଶରୀର । ତାଙ୍କ କଳେବରକୁ ଲକ୍ଷ୍ୟ କଲେ ଲାଗୁଥିଲା ଓଡ଼ିଆ ଅଙ୍କର ଏକ ସଂଖ୍ୟା-- ଆଠ । ଆଉ ତାଙ୍କ ବାପା ଯେମିତି ଲାଗୁଥିଲେ ଏକ ପୁରୁଣା ଝଙ୍କାଳିଆ ବୁଢ଼ା ବର ଗଛ । ଆଉ ଶାଖା ପ୍ରଶାଖାରେ ପ୍ରାଣ ନାହିଁ । ସମସ୍ତେ ଶୁଖି ଗଲେଣି। ଖାଲି ଜୀବନଟା ଅଛି ମାତ୍ର। ସମସ୍ତେ ଧରାଶାୟୀ ହେବା ଉପରେ। ବରଗଛ ହୋଇଥିଲେ ମଧ ଟିକିଏ ଜୋରରେ ପବନ ବହିଲେ ଗଛଟା ମୂଳରୁ ଓପାଡ଼ି ହୋଇ ଯିବ । ଓ ! କି ଦୁଃଖ । ମୁଁ ଏକ ଦୀର୍ଘ ଶ୍ୱାସ ଛାଡ଼ିଲି ।

ବିନୋଦ ସାର୍ ବସ୍ ପଛ ପେଟରୁ ବହୁତ ଗୁଡ଼ିଏ ମୁଣା ଆଣିକି ଆସିଲେ । ଦେଖିଲି ଏତେ ସବୁ ଓଜନ ସେ ଏକା ବୋହି ପାରିବେନି । ତେଣୁ ମୁଁ ବି ତାଙ୍କର ଗୋଟାଏ ବ୍ୟାଗ୍ ଧରିଲି।

ସମସ୍ତେ ଏକା ସାଙ୍ଗରେ ବସ୍ ଷ୍ଟପ୍ କୁ ଗଲୁ। ଯାତ୍ରୀ ପ୍ରତିକ୍ଷାଳୟ ରେ ସମସ୍ତ ସାମଗ୍ରୀ ଥୋଇ ଦେଇ ମୁଁ ପାଖରେ ଥିବା ଶୌଚାଳୟକୁ ଗଲି । ସେଠି ମୁହଁ ହାତ ଧୋଇ ଫ୍ରେସ ହୋଇ ଆସିଲି । ବିନୋଦ ସାରଙ୍କ ପାଖକୁ ଯାଇ କହିଲି,' ଆଜ୍ଞା , ଚାଲନ୍ତୁ ଏଇ ପାଖରେ ଗୋଟେ ଭଲ ପଞ୍ଜାବୀ ରେଷ୍ଟୁରାଣ୍ଟ ଅଛି । ସେଠୁ ଖାଇ ଆସିବା ।'

'ସାର୍, ଆମେ ଭାତ ଭାଜିକି ଆଣିଛୁ। ସେଇଟା ଟିକିଏ ଟିକିଏ ଖାଇ ଦେବୁ । ଆପଣ ଯାଆନ୍ତୁ ଖାଇ ଆସିବେ । ବିନମ୍ର ଭାବରେ କହିଲେ ବିନୋଦ ସାର୍ । ମୁଁ କହିଲି,' ହଉ , ମୁଁ ଖାଇ ଆସେ । ' ଠିକ୍ ଯେମିତି ଯିବାକୁ ଉଦ୍ୟତ ହେଲି , ଦେଖିଲି ବିନୋଦ ସାର୍ ଙ୍କ ସ୍ତ୍ରୀ ଗୋଟେ ଟିଫିନ୍ ବାକ୍ସ ଖୋଲୁଛନ୍ତି । ଭାତ ସମ୍ପୂର୍ଣ୍ଣ ରୂପରେ ଧଳା ଦେଖା ଯାଉଛି । ସେଥିରେ କିଛି ବି ପନିପରିବା ପଡିନି । କେବଳ ତେଳ , ସୋରିଷ ଓ ଲଙ୍କାରେ ଭଜା ହୋଇଛି ଭାତ । ବିନୋଦ ସାର୍ ଙ୍କ ସ୍ତ୍ରୀ ଅନ୍ୟ ଏକ ଥାଳିରେ କିଛି ଭାତ କାଢ଼ି ଧରେଇ ଦେଲେ ତାଙ୍କ ବୃଦ୍ଧ ଶ୍ୱଶୁରଙ୍କୁ । ବୃଦ୍ଧ ଜଣକ ଭୋକରେ ବ୍ୟାକୁଳ ହୋଇ ଉଠୁଥିଲେ। ଥାଳିର ସବୁ ତକ ଭାତ ଆଖି ପିଛିଲାକେ ଖାଇ ଗଲେ । ଫଟା ମାଟିରେ ପାଣି ପଡ଼ିଲେ କେତେ ବେଳ ଲାଗିବ ଶୁଖିବାକୁ ? ଏହି ପେଟ ପାଇଁ ତ ସେମାନେ ଏତେ ଦୂର ଯାଇଥିଲେ। ଏ ପେଟ କି ନାଟ ନ କରାଏ !

ତାପରେ ସମସ୍ତେ ସେହି ଭାତ ଗଣ୍ଡାଏ ଲେଖାଏ ଖାଇବା ଆରମ୍ଭ କଲେ । ବିନୋଦ ସାର୍ ଅନ୍ୟତ୍ର ଠିଆ ହୋଇ ତାଙ୍କ ଝିଅକୁ ଧରି ଥାଆନ୍ତି । ମୋତେ ଭାରି ଅପ୍ରସ୍ତୁତ ଲାଗିଲା । ସେଠୁ ମୁଁ ଗୋଟେ ଫଳ ଦୋକାନ ପାଖକୁ ଚାଲିଗଲି । ସେଠି ଠିଆ ହୋଇ ଭାବିଲି । ଏକା ଯାଇ ରେଷ୍ଟୁରାଣ୍ଟରେ ଭାତ ଖାଇବାକୁ ମୋର ବିବେକ ବଧାଦେଲା । ସେହି ଫଳ ଦୋକାନରୁ ଗୋଟେ ଡଜନ କଦଳୀ କିଣି ଫେରି ଆସିଲି ।

ବିନୋଦ ସାର୍ ସେଇଠି ତାଙ୍କ ଝିଅ ସାଥେ ଠିଆ ହୋଇଥିଲେ । ସମସ୍ତେ ଖାଇ ସାରିଲେଣି। କଦଳୀ ଥିବା ପଲିଥିନ ଖୋଲି କହିଲି, ' ସାର୍ , କଦଳୀ ଖାଆନ୍ତୁ । ମୋର ପେଟ ଟିକିଏ ଭଲ ଲାଗୁନି । ସେଥି ପାଇଁ କଦଳୀ ଆଣି ଆସିଲି । ଚାଲନ୍ତୁ , ଖାଇବା । 'ସେ ଖାଇବାକୁ ଟିକିଏ ସଙ୍କୋଚ କଲେ । ମୁଁ ବାଧ କରିବାରୁ ଦୁଇଟି କଦଳୀ ନେଲେ । ଗୋଟେ ତାଙ୍କ ଝିଅକୁ ଦେଲେ ଓ ଅନ୍ୟଟି ନିଜେ ଖାଇଲେ । ମୁଁ ବି କଦଳୀ ଦୁଇଟି ଖାଇଲି ଓ ତାଙ୍କୁ ଆହୁରି ଖାଇବାକୁ କହିଲେ ମଧ ସେ ମନା କଲେ । ମୁଁ କଦଳୀ କୁ ମୋ ' ବ୍ୟାଗ୍ ରେ ଭରିଦେଲା ।

ଗୋଟିଏ ଘଣ୍ଟା ପରେ ବସ୍ ଡ୍ରାଇଭର ବସ୍ ଷ୍ଟାର୍ଟ କଲା । ଆମେ ଆଗରୁ ସ୍ଥାନ ସଂରକ୍ଷିତ ରଖିଥିଲୁ । ସମସ୍ତେ ନିଜ ନିଜ ସିଟ୍ ରେ ବସି ପଡିଲୁ। ବସ୍ ଚାଲିଲା । ବିନୋଦ ସାର୍ ଓ ମୁଁ ଗୋଟାଏ ସ୍ଥାନରେ ବସିଥିଲୁ । ଏମିତି ଭାବ ବିନିମୟ ହେଉ ହେଉ ମୁଁ ପଚାରିଦେଲି, ' ଆଜ୍ଞା, ଆପଣ କେତେ ଜଣ ଭାଇ ଭଉଣୀ ? ସେ ଉତ୍ତର ଦେଲେ,' ମୁଁ ଓ ମୋର ବଡ଼ ଭାଇ। ' ତେବେ ଆପଣଙ୍କ ବାପାମାଆଙ୍କୁ ଗାଆଁ ରେ ନ ରଖି ଜାଞ୍ଜଗିର ରେ କାହିଁକି ରଖିଛନ୍ତି ? ସେମାନଙ୍କ ବୟସ ହେଲାଣି । ଦେଖନ୍ତୁ ତ କେତେ କଷ୍ଟରେ ଆପଣଙ୍କ ମାଆ ବସ୍ ରୁ ଓହ୍ଲାଇଥିଲେ । ଆଉ ସେଠି କ'ଣ ସେମାନଙ୍କର ମନ ଲାଗୁଥିବ ?' ମୁଁ ପଚାରିଲି ।

ସେ ମୋ ' ପ୍ରଶ୍ନର ଉତ୍ତର ଦେବେ କି ନ ଦେବେ କିଛି ସମୟ ଭାବି ଧିର ଗଳାରେ କହିଲେ,' ମୋ ' ବଡ଼ ଭାଇ ଗାଆଁ ରେ ରହନ୍ତି , ସାର୍ । ତାଙ୍କର ପାଳି ସରିଗଲା, ତେଣୁ ମୋ ' ବାପାମାଆ ମୋ ' ସାଥେ ଥିଲେ । ମୋର ବି ଛଅ ମାସ ପୁରିଗଲା , ସେଥି ପାଇଁ ସେମାନଙ୍କୁ ଏବେ ଗାଆଁ ରେ ଛାଡି ଆସିବି । ' ପୁଣି ଟିକିଏ ସମୟ ରହି କହିଲେ,' ମୋ ' ବଡ଼ ଭାଇଙ୍କୁ ଅନେକ ଥର କହିଲିଣି । ସେମାନଙ୍କ ସବୁ ଖର୍ଚ୍ଚ ମୁଁ ଦେବି । କେବଳ ତୁମେ ବାପାମାଆଙ୍କୁ ଏଇଠି ରଖ । ଆଉ ମାତ୍ର ଦୁଇ ବର୍ଷ ସେଇଠି ରହି କିଛି ପୁଞ୍ଜି ହେଇଗଲେ ମୁଁ ଗାଆଁ କୁ ଫେରି ଆସିବି । ଏଇଠି କିଛି ଗୋଟେ ନୂଆଁ କାମ ଆରମ୍ଭ କରିବି ଆଉ ବାପାମାଆଙ୍କୁ ବି ସାଙ୍ଗରେ ରଖିବି । ହେଲେ ସେ ବୁଝୁ ନାହାନ୍ତି । କହୁଛନ୍ତି,' ଯେତେବେଳେ ଜମି ଓ ଘର ଭାଗ ପାଇଛୁ, ବାପାମାଆଙ୍କ ଭାଗ ବି ପାଇବା ଉଚିତ । ମୁଁ ଆଉ ସେମାନଙ୍କର ବୋଝ ସହି ପାରିବିନି।'

ଏତିକି କହି ବିନୋଦ ସାର୍ ଚୁପ୍ ହେଇଗଲେ । ତାଙ୍କର ମୁଣ୍ଡ ତଳକୁ ହେଇ ଗଲା । ତାଙ୍କ ପ୍ୟାଂଟ ଉପରେ ଦୁଇଟି ସ୍ଥାନରେ ବିନ୍ଦୁ ବିନ୍ଦୁ ଓଦା ହୋଇ ଯାଇଥିଲା।

ମୁଁ ଆଉ କିଛି କହି ପାରିଲିନି । ଗଣିତରେ ଭାଗ କରାଯାଏ । ଖାଇବା ଭାଗ କରାଯାଏ । ମାଟିକୁ ଓ ମାଆ ବାପାଙ୍କୁ କେମିତି ଭାଗ କରାଯାଏ ତାହା ବିନୋଦ ସାର୍‌ଙ୍କ ଠାରୁ ଶୁଣି ଭାବିଲି, ଯଦି ଏହି ମାଟି ଓ ମାତାପିତାଙ୍କ ଭାଗ କ୍ରିୟାର ଉଦ୍ଭାବକଙ୍କୁ ସମ୍ମୁଖରେ ପାଆନ୍ତି ପ୍ରଥମେ ତାଙ୍କୁ ଦୁଇ ଭାଗ କରି ଦିଅନ୍ତି । ମୋ ' ଛାତି ଭିତରଟା ବାଷ୍ପରୁଦ୍ଧ ହେଇ ଆସୁଥିଲା ।



# ବଞ୍ଚିଛି



ଘନଶ୍ୟାମ ପଲେଇ

ଶୀତଦିନ ବୁଲାବୁଲିକୁ ପ୍ରକୃଷ୍ଟ ସମୟ । ହେଲେ ମନ ମାନୁନି । ଏ ନିଆଁ ନଗା କରୋନାକୁ କ'ଣ କରିହେବ ବିଶ୍ୱାସ । ଠିକ୍ ଶୀତକୁ ବାହାରିବ ନାଟ । ଦୁନିଆ କଟକଣା । ବୁଲିବା ମନା। ତୁଣ୍ଡି ବାନ୍ଧି ଘରେ ବସ । ଖରାରେ ଦୂରକୁ ନଗଲେ ନାଇଁ, ଓଡିଶା ଭିତରେ ତ ବୁଲି ହେବ । ପିଲାଙ୍କ ଛୁଟିରେ ମନବି ଭରିବ ଆଉ ଘରଣୀକୁ ଦି'ଦିନ ଆରାମ । ସ୍ୱାମୀ ସ୍ତ୍ରୀ ଭିତରେ ଚାଲିଥିଲା କଥାବାର୍ତ୍ତା । କଲିଂ ବେଲ୍ ବାଜି ଉଠିଲା । ମିସେସ ସୁନନ୍ଦା ଦେଖିଲେ ଆସିଛନ୍ତି ପଡୋଶୀ ରାଓ ଦମ୍ପତି । ସେମାନେ ବି ଭାଗ ନେଲେ କଥାବାର୍ତ୍ତାରେ । ଉଭୟ ପରିବାର ରାଜି ହେଲେ ପଶ୍ଚିମ ଓଡିଶା ବୁଲିଯିବାକୁ ।

ନିର୍ଦ୍ଧାରିତ ଦିନ ସକାଳୁ ବାହାରିଲେ । ପାଖାପାଖି ଦୁଇ ଶହ କିଲୋମିଟରର ଯାତ୍ରା । ପହଞ୍ଚୁ ପହଞ୍ଚୁ ଅପରାହ୍ନ । ପ୍ରଥମ ଦିନ ତ ହୀରାକୁଦ ଡ୍ୟାମ୍ ବୁଲାବୁଲିରେ ଗଲା । ଦ୍ୱିତୀୟ ଦିନକୁ ସମ୍ବଲପୁରର ଆରାଧ୍ୟା ଦେବୀ ମା' ସମଲେଶ୍ୱରୀ ପରେପରେ ହୁମାହୁମା ସବା ଶେଷକୁ ଘଣ୍ଟେଶ୍ୱରୀ ଦର୍ଶନ ପରେ ବାହାରିଲେ ବଲାଙ୍ଗିର ହରିଶଙ୍କର ଅଭିମୁଖେ । ଗାଡି ସ୍ପିଡ ଧରିଲା ବେଳକୁ ନଜର ଆସିଲା ଏକ ଅଭାବନିୟ ଦୃଶ୍ୟ ।

ମା'ଟିଏ ପଡିଚି ରାସ୍ତା କଡକୁ, ମୁଣ୍ଡକୁ ଲାଗି ବସିଚି ଦେଢ ଦୁଇ ବର୍ଷର କୁନିପୁଅଟେ । ମନକୁ ପାପ ଛୁଇଁଲା । ଗାଡି ଅଟକେଇଲେ କଥା କ'ଣ ବୁଝିବାକୁ । ପିଲାଟି ଗାଡି ଦେଖି ଡରି ଗଲା । ହାତ ଦି'ଟାରେ ଆଖି ଲୁହ ପୋଛୁ ପୋଛୁ ଥରିଲା କଣ୍ଠରେ କହିଲା--- ବଞ୍ଚିଛି, ମା' ବଞ୍ଚିଛି । ମରି ନାହିଁ ।



ଉଲକି କଥା କହି ଶିଖି ନଥିବା କୁନିପୁଅଟିର ଥଙ୍ଗମଙ୍ଗ ଦି'ପଦ କଥା ଥରେଇ ଦେଲା ହୃଦୟ ତନ୍ତ୍ରୀକୁ । ଦୁନିଆକୁ ଅସିବାର କେଇଟା ଦିନରେ ହିଁ ବୋଧେ ବୁଝି ଗଲାଣି ମରିବା ବଞ୍ଚିବା। ଅଧିକ ଲୋକ ଦେଖି ସେ ବେଶ ଡରିଯାଇଥିଲା । କାଳେ ତା' ର ବେହୋସ ମା'କୁ ନେଇ ଯିବେ ମଶାଣି । ସେଠି ତା'ର ପ୍ରିୟ ମଣିଷଟିକୁ ଜାଳିଦେବେ, ଠିକ ତା' ବାପାକୁ ଜାଳି ଦେଲା ପରି ।

ଲୋକାଲ ଲୋକ ସାହାଯ୍ୟରେ ପହଞ୍ଚାଇ ଦିଆଗଲା ତା' ଘରେ । ଘର କହିଲେ ଚଢେଇର କୁଟାକାଠି ବସା ପରି ନଡା ଛପରର ଖଣ୍ଡେ ଝୁମ୍ପୁଡି। ସେମାନେ କାଳେ ଏ ଗାଁର ନୁହଁ । ଅଜଣା ଜାଗାରୁ ପ୍ରେମ ବିବାହ କରି ଲୁଚି ପଳେଇ ଆସି ରହୁଥିଲେ ଏଇଠି । କିଛି ଦିନତଳେ କାମ ସାରି ଫେରୁଥିଲା ସାଇକେଲରେ ତା' ସ୍ୱାମୀ । ଦରମା ମିଳିଥିଲା। ଦେଖିଲା ନୂଆ କରି ମଦ କାଉଣ୍ଟରଟିଏ ଖୋଲିଛି ରାସ୍ତା କଡରେ । ପାଚିଲା ପଣଷକୁ ହାତୀ ବାଇ କଲା ପରି ଟାଣିଲା ପୁରୁଣା ନିଶା। ନିଶା ଭୂତଟା ବସିଲା ଯାଇ ମୁଣ୍ଡରେ। ଟଳମଳ ଅବସ୍ଥାରେ ସାଇକେଲ ଚଳେଇବା ପଡିଲା ମହଙ୍ଗା । ବାଡେଇ ଦେଲା ଟ୍ରକ । ସେଇଠି ହିଁ ଉଡିଗଲା ପ୍ରାଣବାୟୁ ।

ସେଦିନଠୁଁ ଠିକ୍‌ରେ ମୁଣ୍ଡ କାମକରୁନି ସ୍ତ୍ରୀ ଲୋକଟିର । ଖାଲି ହେଉଛି ବାଉଳିଚାଉଳି। ଗାଳି ଦେଉଛି ନିଶାକୁ, ମଦ ଦୋକାନୀକୁ, ସରକାରକୁ, ଭଗବାନକୁ । ନିଜେ ନିଜକୁ ବି। ନିଇତି ଖୋଜୁଛି ତା' ସ୍ୱାମୀକୁ ଯାଇ ଆକ୍ସିଡେଣ୍ଟ ଜାଗାରେ । ବେଳେବେଳେ ବେହୋସ ହେଇ ପଡୁଛି, ଠିକ୍ ଆଜିକା ପରି।

ଫେରିଲା ବେଳେ ମିସେସ୍ ସୁନନ୍ଦା ବିସ୍କୁଟ ପ୍ୟାକେଟଟିଏ ଧରେଇ କୁନି ପିଲାଟିକୁ ଆଉଁସି ଦେଲେ ସ୍ନେହ ବୋଳା ହାତରେ । ସ୍ନେହ ପରଶ ପାଇ ପିଲାଟି ନିରୀହ ଚାହାଣିରେ କହିଲା ---- ବଞ୍ଚିଛି, ମା' ବଞ୍ଚିଛି।

ମୁଣ୍ଡ ହଲେଇ ସାନ୍ତ୍ୱନା ତ ଦେଇଥିଲେ ସମସ୍ତେ, ହେଲେ ଗାଡିରେ ବସିଲା ବେଳକୁ ଆଉ ବୋଲ ମାନି ନଥିଲା ଅମାନିଆ ଲୁହ। ପାହାଡି ଝରଣାଟେ ପରି ଝରି ଚାଲିଥିଲା ଆଖି କୋଣରୁ ଧାର ଧାର ।

+ବଡଆମୁଁଣି, ହାଣ୍ଡିଭଙ୍ଗା, ଝୁମ୍ପୁରା,
କେନ୍ଦୁଝର- ୭୫୮୦୩୧
ମୋ: ୯୪୩୭୭୧୮୫୦୦

# ସମ୍ମୋହନ



ସୁନନ୍ଦା ମହାନ୍ତି

କ୍ଷଣିକ ସମ୍ମୋହନରେ କେତେ ଯେ ଭୁଲ ଠିକ ହୁଏ ତାର ହିସାବ ନାହିଁ। ସେହି ସମ୍ମୋହର ବଶବର୍ତ୍ତୀ ହୋଇ ଅଳକା ଓ ଆଗ୍ନିକ ଭିତରେ ପ୍ରେମ ହେଇଗଲା। ବିବାହରେ ବହୁ ପ୍ରତିବନ୍ଧକ ଆସିଲା ବେଳକୁ ଅଳକା ଅନ୍ତସତ୍ୱା ଥିଲା। ଦୁଇ କୂଳରୁ ସିକୃତି ନପାଇ ମଧ ଆଗ୍ନିକ ଅଳକାକୁ ଗ୍ରହଣ କରିବା ପୁର୍ବରୁ, ଅଳକା ମାଆ ହୋଇସାରିଥିଲା ଓ ଶିଶୁ ପୁତ୍ରକୁ ଦୁହେଁ ଚାଇଲ୍ଡ ହୋମରେ ଛାଡ଼ିସାରିଥିଲେ।

ସମୟଚକ୍ରରେ ସବୁକଥା ଗଡିଯାଏ ଆଗକୁ ଆଗକୁ କିଛିଦିନ ବିତି ଯିବା ପରେ ଦୁଇ ପଟର ବାପା ମାଆ ସମ୍ମୋହନରେ ଆପଣେଇ ନେଲେ ପୁଅ ବୋହୂ ଓ ଝିଅ ଜୋଇଁଙ୍କୁ ଆଉ ବଂଶ ରକ୍ଷା କରିବା ସମ୍ମୋହନରେ ଯେତେ ଦିଅଁ ଦେବତା କଲେ ମଧ ଅଳକା ମାଆ ହୋଇପାରିଲା ନାହିଁ। ଶେଷକୁ ନିଜ ପୁଅର ସନ୍ଧାନରେ ଚାଇଲ୍ଡ ହୋମରେ ପହଞ୍ଚି ପୁଅକୁ ଫେରିପାଇବାକୁ ଯିବା ବେଳକୁ ନେଡି ଗୁଡ କହୁଣିକୁ ବୋହି ସାରିଥିଲା। ପୁଅକୁ ଅନ୍ୟ କେହି ବାପା ମାଆ ନେଇସାରିଥିଲେ, ଆଉ ସେମାନଙ୍କ ପରିଚୟ ବା ତଥ୍ୟ ମିଳିବା ସହଜ ନଥିଲା। ଯେତେ ନେହୁରା ହେଲେ ବି ଚାଇଲ୍ଡ ହୋମର କର୍ତ୍ତୃପକ୍ଷ ଗୋପନୀୟତା ବଜାୟ ରଖିଲେ।

ଆଗ୍ନିକର ବଦଳୀ ହୋଇଗଲା। ସବୁକିଛି ଭୂଲି କର୍ତ୍ତବ୍ୟ କର୍ମ ସମ୍ମୋହନ ଭିତରେ ନିଜକୁ ହଜାଇ ଦେବା ବେଳେ, ସେଦିନ ପଡୋଶୀ ସହକର୍ମୀଙ୍କ ପୁଅର ବଲ ଗଡି ଆସିଥିଲା ଆଗ୍ନିକ ବସିଥିବା ଲନର ଚେୟାରଯାଏଁ, ତ ବଲ ଉଠେଇ ପିଲାଟିକୁ ଦେବାକୁ ଯାଇ ଆଗ୍ନିକ ଚମକି ପଡ଼ିଥିଲା, କାରଣ ପିଲାଟିର ମୁହଁ ଅଗ୍ନିକ ଭଳି ଦେଖାଯାଉଥିଲା।

ତା ପରଠୁ ପଡୋଶୀଙ୍କ ସହିତ ଘନିଷ୍ଠତା ଜମିଗଲା କେବଳ ଗୁଗଲ ପାଇଁ, ହେଲେ ସାହସ କରି କେବେ ଅଳକା କି ଆଗ୍ନିକ କିଛି ପଚାରି ପାରନ୍ତି ନାହିଁ ଗୁଗଲର ଜନ୍ମ ବୃତ୍ତାନ୍ତ ବିଷୟରେ। ସେଦିନ ଗୁଗଲର ଜନ୍ମ ଦିନ ଥାଏ, ସମସ୍ତଙ୍କ ସହ ଅଳକା ଓ ଆଗ୍ନିକ ମଧ ଢେର ସାରା ଉପହାର ନେଇ ଯାଇଥାନ୍ତି ଗୁଗଲ ପାଇଁ।



କେକ କାଟିବା ସମୟରେ ପଡ଼ୋଶୀ ସହକର୍ମୀ ଶୁଶାନ୍ତ ବାବୁ ଅଳକା ଓ ଆଗ୍ନିକଙ୍କୁ ଡାକି ଗୁଗଲ ପାଇଁ କେକ କାଟିବାକୁ କହିଲା ବେଳେ ସମସ୍ତଙ୍କ ସହ ଅଳକା ଓ ଆଗ୍ନିକମଧ ଆଶ୍ଚର୍ଯ୍ୟ ହେଲେ ଓ ପିତା ମାତା କାଟିବା ଉଚିତ ବୋଲି କହିଲା ବେଳେ ଶୁଶାନ୍ତ ବାବୁ କହିଥିଲେ ହଁ ତ ସେଇଥିପାଇଁ କହୁଛି ଆପଣ ଦୁହେଁ ଗୁଗଲର ପିତା ମାତା ହିସାବରେ କେକ କାଟନ୍ତୁ ପ୍ରଥମେ, ଏହା କହି ତିନିଗୋଟି ସରକାରୀ ଚିଠି ବଢ଼ାଇଥିଲେ ଶୁଶାନ୍ତ ବାବୁ ଆଗ୍ନିକ ବାବୁ ଆମ୍ମୋହନରେ ପଢ଼ି ଚାଲିଥିଲେ ଚିଠି ତିନୋଟି।

ପ୍ରଥମଟି ଗୁଗଲର ଜନ୍ମ ପ୍ରମାଣ ପତ୍ର, ଯେଉଁଟା ଚାଇଲ୍ଡ ହୋମରୁ ମିଳିଥିଲା ଶୁଶାନ୍ତ ବାବୁଙ୍କୁ, ଯେଉଁଥିରେ ତାର ପ୍ରକୃତ ପିତାମାତାଙ୍କ ନାମ ଉଲ୍ଲେଖ କରାଯାଇଥିଲା। ଦ୍ୱିତୀଟି ଗୁଗୁଲକୁ ଅଳକା ଓ ଆଗ୍ନିକଙ୍କୁ, ତାଙ୍କ ପୁତ୍ରକୁ ହସ୍ତାନ୍ତର ଦଲିଲ। ଆଉ ତୃତୀୟଟି ଶୁଶାନ୍ତ ବାବୁଙ୍କ ବଦଳି ଚିଠିଥିଲା। ଭୋ ଭୋ ହୋଇ କାନ୍ଦୁଥିଲେ ଦୁଇ ପରିବାର। ଗୁଗଲ ତାର ଦୁଇ ବାପା ଦୁଇ ମାଆ ପାଇ ସମ୍ମୋହନରେ ଜନ୍ମଦିନ କେକ କାଟୁଥିଲା।

+ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫

# ରାଜ୍ୟପାଳଙ୍କୁ ବାର୍ଷିକ ରିପୋର୍ଟ ପ୍ରଦାନ କଲେ ଲୋକ ସେବା ଆୟୋଗ ଅଧ୍ୟକ୍ଷ

ଭୁବନେଶ୍ୱର,୧୯/୦୬ (ନି.ପ୍ର): ଓଡ଼ିଶା ଲୋକ ସେବା ଆୟୋଗ ଅଧ୍ୟକ୍ଷ ଡ଼. ସତ୍ୟଜିତ ମହାନ୍ତି ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସାକ୍ଷାତ କରି ୨୦୨୧-୨୨ର ବାର୍ଷିକ ରିପୋର୍ଟ ପ୍ରଦାନ କରିଛନ୍ତି। ଅଧ୍ୟକ୍ଷ ଡ଼. ମହାନ୍ତି ଓଡ଼ିଶା ଲୋକ ସେବା ଆୟୋଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ।୨୦୨୧-୨୨ରେ ଆୟୋଗ ପ୍ରଥମ କରି ଏକ ନିଯୁକ୍ତି କ୍ୟାଲେଣ୍ଡର ପ୍ରକାଶ କରିଥିଲେ। କୋଭିଡ୍ ସମେତ ଅନେକ ବାଧାବିଘ୍ନକୁ ଅତିକ୍ରମ କରି ଆୟୋଗ ଘୋଷିତ ଲକ୍ଷ୍ୟ ପୂରଣରେ ସମର୍ଥ ହୋଇପାରିଥିବା ପ୍ରକାଶ କରି ଅଧ୍ୟକ୍ଷ ଡ଼. ମହାନ୍ତି ଏହି ସମୟରେ ଗ୍ରୁପ୍-'ଏ' ଓ 'ବି' ରେ ୨୨୭୭ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ସୁପାରିଶ କରିବା ସହ ୨୨ଟି ସରକାରୀ ବିଭାଗରେ ୧୫୩୬ ପଦୋନ୍ନତିକୁ ଆୟୋଗ ସ୍ୱୀକୃତି ଦେଇଥିବା କହିଥିଲେ। ଏହି ସମୟରେ ୨୨୪ଟି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଫଏସଲା କରାଯାଇଛି। ଆୟୋଗ ଏହି ସଫଳତାରେ ଉତ୍ସାହିତ ହୋଇ ୨୦୨୨-୨୩ ପାଇଁ ୨୬ଟି ସରକାରୀ ବିଭାଗରେ ପାଂଚ ହଜାରରୁ ଉର୍ଦ୍ଧ୍ୱ ସରକାରୀ ଚାକିରୀ ପାଇଁ ନିଯୁକ୍ତି କ୍ୟାଲେଣ୍ଡର ପ୍ରକାଶ କରିଛନ୍ତି।

ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଶୀଘ୍ର ଫଳ ପ୍ରକାଶନ ଉପରେ ଆୟୋଗ ଗୁରୁତ୍ୱ ଦେଉଥିବା ପ୍ରକାଶ କରି ଅଧ୍ୟକ୍ଷ ଡ଼. ମହାନ୍ତି କହିଲେ ଯେ, ଚୟନ ପ୍ରକ୍ରିୟାରେ ବ୍ୟାପକ ପ୍ରବିଧିର ପ୍ରୟୋଗ ଓ ଶୀଘ୍ର ଫଳ ପ୍ରକାଶନକୁ ଅଗ୍ରାଧିକାର ଦିଆଯାଉଛି। ଅନଲାଇନ ପୋର୍ଟାଲ ଓ ସମନ୍ୱିତ ନିଯୁକ୍ତି ପରିଚାଳନା ପଦ୍ଧତିର ଉନ୍ନତିକରଣ କରି ଏହାକୁ ବ୍ୟବହାରୀମାନଙ୍କ ପାଇଁ ସହଜ ଓ ସରଳ କରିବା ପାଇଁ ପ୍ରୟାସ କରାଯାଉଛି। ଚୟନ ପ୍ରକ୍ରିୟାରେ କମ୍ପ୍ୟୁଟରଭିତିକ ପରୀକ୍ଷା ପଦ୍ଧତିକୁ ଗୁରୁତ୍ୱ ଦେଇ ମୁଲ୍ୟାୟନରେ ପ୍ରାର୍ଥୀମାନଙ୍କ ପରିଚୟକୁ ଗୋପ୍ୟ ରଖିବା ନିମନ୍ତେ ଉଦ୍ୟମକୁ ଆହୁରି ଫଳପ୍ରସୂ କରାଯାଉଛି। ଚଳିତ ବର୍ଷ ପରୀକ୍ଷା ଫଳାଫଳ ଶୀଘ୍ର ପ୍ରକାଶନ ଲକ୍ଷ୍ୟରେ 'ଅନ୍ ସ୍କ୍ରିନ୍' ମୂଲ୍ୟାୟନ ପଦ୍ଧତିର ପ୍ରଚଳନ କରାଯାଉଛି।

ଓଡ଼ିଶା ଲୋକ ସେବା ଆୟୋଗ ଚଳିତ ବର୍ଷ ସର୍ବାଧିକ ନିଯୁକ୍ତ ସୁପାରିଶ କରିବେ ବୋଲି ଅଧ୍ୟକ୍ଷ ଡ଼. ମହାନ୍ତି ପ୍ରକାଶ କରିଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆୟୋଗଙ୍କ ସଂସ୍କାରମୂଳକ ଓ ପ୍ରଗତିଶୀଳ କାର୍ଯ୍ୟର ପ୍ରଶଂସା କରିବା ସହ ଏହାକୁ ଆହୁରି ବ୍ୟାପକ ଓ ଅନ୍ତର୍ଭୁକ୍ତି କରିବାକୁ ପରାମର୍ଶ ଦେଇଥିଲେ।

# ସାଇବର ଅପରାଧ: ପ୍ରଶାସକଙ୍କ ଫଟୋ ଲଗାଇ ହ୍ୱାଟ୍ସଆପ୍‌ରେ ଟଙ୍କା ମାଗୁଛନ୍ତି

ଭୁବନେଶ୍ୱର,୧୯/୦୬ (ନି.ପ୍ର): ସାଇବର ଅପରାଧକୁ ନେଇ ରାଜ୍ୟ ସରକାରଙ୍କ ଶିଥିଳତା ମହଙ୍ଗା ପଡ଼ିବାକୁ ଯାଇଛି। ନିୟମିତ ବ୍ୟବଧାନରେ ସାଧାରଣ ଲୋକଙ୍କୁ ଠକେଇ କରିବା ପରେ ଏବେ ସମାନ ଘଟଣା ରାଜ୍ୟ ସରକାରଙ୍କ ବ୍ୟବସ୍ଥା ସହିତ ଜଡ଼ିତ ବରିଷ୍ଠ ଅଧିକାରୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି।

ଛୋଟମୋଟ ପ୍ରଶାସକ ନୁହେଁ, ଏଥର ସାଇବର ମୁଖ୍ୟମନ୍ତ୍ରୀ ମୁଖ୍ୟ ପରାମର୍ଶଦାତାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗର ସଚିବଙ୍କ ମାଧ୍ୟମ କରି ଠକିବାକୁ ଉଦ୍ୟମ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଭଳି ଘଟଣା ପୂର୍ବରୁ ବର୍ଷରେ କାଁଭାଁ ଦେଖିବାକୁ ମିଳୁଥିଲା। ମାତ୍ର ଏବେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଅବା ବରିଷ୍ଠ ଅଧିକାରୀଙ୍କ କ୍ଷେତ୍ରରେ ନିୟମିତ ଏପରି ଘଟୁଛି।

ସୂତ୍ର ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଆର ବାଲକ୍ରିଷ୍ଣନ୍, ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ଓ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସଚିବ ଜି ମାଥିଭାଥନନ୍‌ଙ୍କ ଫଟୋକୁ ହ୍ୱାଟ୍ସଆପ୍‌ର ପ୍ରୋଫାଇଲ୍ ଫଟୋ ଭାବେ ସାଇବର ଠକ ବ୍ୟବହାର କରି କିଛି ବରିଷ୍ଠ ପ୍ରଶାସକ, ସଚିବ ଓ ନେତାଙ୍କୁ ଟଙ୍କା ମାଗୁଥିବା ଜଣାପଡ଼ିଛି। ତେବେ ଅଜଣା ନମ୍ବରରେ ଏହି ବରିଷ୍ଠ ଅଧିକାରୀଙ୍କ ଫଟୋ ବ୍ୟବହାର କରି ଟଙ୍କା ମଗାଯାଇଥିବାରୁ କୌଣସି ନେତା ବା ପ୍ରଶାସକ ଟଙ୍କା ଦେଇନଥିବା ଜଣାପଡ଼ିଛି। ତେବେ ଠକେଇ ହୋଇନଥିବାରୁ ଏନେଇ କୌଣସି ସାଇବର ଥାନାରେ ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି, ଏଭଳି ଖବର ଉପରେ ମାମଲା ରୁଜୁ ହୋଇନଥିଲେ ହେଁ ଆମେ ତଦନ୍ତ ଜାରି ରଖିଛୁ। ଅନ୍ୟପକ୍ଷରେ କ୍ରାଇମ୍‌ବ୍ରାଞ୍ଚ୍‌ର ଏଡିଜି ଅରୁଣ ବୋଥ୍ରା ତାଙ୍କ ପାଖରେ ଏ ସଂକ୍ରାନ୍ତରେ କୌଣସି ଅଭିଯୋଗ କି ସୂଚନା ନଥିବା କହିଛନ୍ତି।

# ନନ୍ଦନକାନନରେ ହାତୀ 'ପ୍ରେମା' ଅସୁସ୍ଥ

ଭୁବନେଶ୍ୱର,୧୯/୦୬ (ନି.ପ୍ର): ନନ୍ଦନକାନନରେ ହାତୀ ପ୍ରେମା ଗୋଡ଼ରେ ଘା' ହେବାରୁ ସେ ଅସୁସ୍ଥ ହୋଇପଡ଼ିଛି। ସେ ଛୋଟେଇ ଛୋଟେଇ ଚାଲୁଛି। ତା'ର ଚିକିତ୍ସା ପାଇଁ ଓୟୁଏଟିର ଡାକ୍ତରୀ ଟିମ ଆସିବ ବୋଲି ସୂଚନା ଦେଇଛନ୍ତି ନନ୍ଦନକାନନ ଉପନିର୍ଦ୍ଦେଶକ ସଂଜିତ କୁମାର।

ସେ କହିଛନ୍ତି ଏବେ ପ୍ରେମାକୁ ଆଣ୍ଟିବାୟୋଟିକ ଔଷଧ ଦିଆଯାଉଛି। ହାତୀର ଚିକିତ୍ସା ନେଇ ଅନ୍ୟ ରାଜ୍ୟ ବିଶେଷଜ୍ଞଙ୍କ ସହ ମଧ୍ୟ ଆଲୋଚନା ହୋଇଛି। ହାତୀ ଏବେ ବାର୍ଦ୍ଧକ୍ୟରେ ପୀଡ଼ିତ। ତେଣୁ ସ୍ୱାଭାବିକ ଭାବେ ତା' ଗୋଡ଼ରେ ଘା' ହେଉଛି। ଘା' ଶୁଖୁ ନଥିବାରୁ ହାତୀ ଅସୁସ୍ଥ ହୋଇପଡ଼ିଛି। ତା'ର ଆବଶ୍ୟକ ଚିକିତ୍ସା ଚାଲିଛି। ବର୍ତ୍ତମାନ ହାତୀଟି ଛିଡା ହୋଇ ପାରିବା ସହ ଠିକ ଭାବେ ଖାଇବା ପିଇବା କରୁଛି। ତେଣୁ ହାତୀ ଉପରେ ବିପଦ ନାହିଁ।

ସେ ଆହୁରି କହିଛନ୍ତି, ମାଇ ହାତୀ ବାସନ୍ତୀ ମଧ୍ୟ ବାର୍ଦ୍ଧକ୍ୟ ଅବସ୍ଥାରେ ପହଞ୍ଚି ଥିବାରୁ ତା'ର ଦାନ୍ତ ନାହିଁ। ତେଣୁ ସେ ଅନେକ ସମୟରେ ଖାଦ୍ୟ ଠିକ୍ ଭାବେ ହଜମ କରିପାରୁନି। ତେଣୁ ବଦହଜମି ହେଉଛି। ତେବେ ଏହି ଦୁଇ ହାତୀ ଖାଦ୍ୟ ଖାଉଥିବାରୁ ବିଶେଷ ଅସୁବିଧା ନାହିଁ। ଯଦି କେହି ଖାଦ୍ୟ ଛାଡ଼ି ଦିଅନ୍ତି ତେବେ ଶରୀର ଅବସ୍ଥା ଖରାପ ଅଛି ବୋଲି ଧରାଯିବ ବୋଲି ସେ କହିଛନ୍ତି।

ସେହିପରି ନନ୍ଦନକାନନରେ ଥିବା ଗୋଟିଏ ହେଟା ବାଘର ଝାଡ଼ାବାନ୍ତି ହେଉଛି। ତେଣୁ ତା'ର ଚିକିତ୍ସା ଚାଲିଛି। ସେ ଶୀଘ୍ର ଠିକ୍ ହୋଇଯିବ ବୋଲି ଆଶା ରହିଛି ବୋଲି ସେ ସୂଚନା ଦେଇଛନ୍ତି।

# ଯୋଗ ଦିବସ ପାଇଁ ଦେଶର ୭୫ ଐତିହ୍ୟ ସ୍ଥାନ ଚିହ୍ନଟ: ଓଡ଼ିଶାର ୩



ଭୁବନେଶ୍ୱର : ଆସନ୍ତା ୨୧ତାରିଖ ହେଉଛି ୮ତମ ଅନ୍ତର୍ଜାତୀୟ ଯୋଗ ଦିବସ। ଦେଶ ଏବେ 'ଆଜାଦୀ କା ଅମ୍ରିତ ମହୋତ୍ସବ' ବର୍ଷ ପାଳନ କରୁଛି। ତେଣୁ ଚଳିତବର୍ଷ ଦେଶର ୭୫ଟି ଐତିହ୍ୟ ସ୍ଥାନରେ ଯୋଗ ଦିବସ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ତାଲିକାରେ ଓଡ଼ିଶାର ୩ଟି ସ୍ଥାନ ରହିଛି। ଶ୍ରୀମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ଗଞ୍ଜାମସ୍ଥିତ ତାମ୍ପଡ଼ା ହ୍ରଦରେ ଯୋଗ ପାଳନ କରାଯିବ।

ଏଥିପାଇଁ ରାଜ୍ୟସରକାର ଆବଶ୍ୟକ ବନ୍ଦୋବସ୍ତ କରିବା ଲାଗି ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ସଂପୃକ୍ତ ଜିଲ୍ଲାମାନଙ୍କୁ ଚିଠି ଲେଖାଯାଇଛି। ଚଳିତବର୍ଷର ଯୋଗ ଦିବସକୁ ଐତିହ୍ୟ ସ୍ଥାନମାନଙ୍କରେ ପାଳନ କରିବା ଲାଗି କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ସ୍ଥିର ହୋଇଛି। ୭୫ଟି ଐତିହ୍ୟ ସ୍ଥାନରେ ହେଉଥିବା ଯୋଗ ଦିବସ ପାଳନରେ କେନ୍ଦ୍ର ସରକାରଙ୍କ ମନ୍ତ୍ରୀମାନେ ଉପସ୍ଥିତ ରହିବେ। ଶ୍ରୀମନ୍ଦିର ଯୋଗ ଦିବସ ପାଇଁ ମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେ, କୋଣାର୍କରେ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ତାମ୍ପଡ଼ା ହ୍ରଦ ଯୋଗ ପାଇଁ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଉପସ୍ଥିତ ରହିବେ। ତେବେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହିମାଚଳ ପ୍ରଦେଶସ୍ଥିତ କାଙ୍ଗ୍ରା ଫୋର୍ଟରେ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ସକାଳ ୭ଟାରେ ଗଣ ଯୋଗ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ୩ସ୍ଥାନରେ ଶତାଧିକ ଲୋକଙ୍କୁ ନେଇ ଯୋଗ ଶିକ୍ଷା ଦିଆଯିବ। ଏଥିପାଇଁ ଜିଲ୍ଲାସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଘରୋଇ ଯୋଗ ସଂସ୍ଥାମାନଙ୍କୁ ଏଥିରେ ସାମିଲ କରାଯିବ। ୩ଟି ଐତିହ୍ୟ ସ୍ଥାନରେ ହେବାକୁ ଥିବା ଯୋଗ ଦିବସର ଦେଶବ୍ୟାପୀ ପ୍ରସାରଣରେ ସ୍ଥାନ ପାଇବ ବୋଲି ସୂଚନା ମିଳିଛି।

ଅପରପକ୍ଷରେ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ମଧ୍ୟ ରାଜ୍ୟର ୧୦୦ରୁ ଅଧିକ ସ୍ଥାନରେ ଯୋଗ ଦିବସ ପାଳନ କରିବା ଲାଗି ସ୍ଥିର କରିଛି। ଏଥିରେ ଆୟୁଷ ମେଡିକାଲ କଲେଜ, ହସ୍ପିଟାଲ ଓ ଆୟୁଷ ହେଲ୍‌ଥ ଓ ୱେଲନେସ୍ ସେଣ୍ଟର ରହିଛି। ଏସବୁ କେନ୍ଦ୍ରରେ ଯୋଗ ଇନଷ୍ଟ୍ରକ୍ଟରମାନେ ନିକଟସ୍ଥ ପାର୍କ କିମ୍ବା ଖୋଲା ସ୍ଥାନରେ ଲୋକମାନଙ୍କୁ ଯୋଗ ଶିକ୍ଷା ଦେବେ। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିକଟରେ ପ୍ରାୟ ୧୨ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ତେବେ ଯେଉଁଠାରେ ଯୋଗ ଇନଷ୍ଟ୍ରକ୍ଟରଙ୍କ ଅଭାବ ରହିଛି ସେଠାରେ ଇନଷ୍ଟ୍ରକ୍ଟରଙ୍କୁ ପାରିଶ୍ରମିକ ଦେଇ ଯୋଗ ଦିବସ ପାଳନରେ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟର ଅଧିକାରୀଙ୍କ ସୂଚନା ଅନୁସାରେ, ରାଜ୍ୟର ୩୦ଟି ଜିଲ୍ଲାରେ ଯୋଗ ଦିବସ ପାଳନ କରାଯିବ। ଜିଲ୍ଲାସ୍ତରରେ ହେଉଥିବା କାର୍ଯ୍ୟକ୍ରମର ଫଟୋ ଓ ଭିଡିଓ କେନ୍ଦ୍ର ସରକାରଙ୍କ 'ଭୁବନ' ଆପ୍‌ରେ ଅପଲୋଡ୍ କରାଯିବ। ଏଥିପାଇଁ ଜିଲ୍ଲାମାନଙ୍କୁ ଆର୍ଥିକ ସହାୟତା ଦିଆଯାଇଛି। କେନ୍ଦ୍ର ସରକାରଙ୍କ ନିକଟରେ ଏସବୁର ତଥ୍ୟ ରହିବ। ଗତବର୍ଷ ନିର୍ଦ୍ଦେଶାଳୟ ପକ୍ଷରୁ କୋଭିଡ ପରବର୍ତ୍ତୀ ବିଷୟବସ୍ତୁକୁ ନେଇ ପୁରୀଠାରେ ଯୋଗ ପାଳନ ହୋଇଥିଲା। ଯାହା ବେଶ୍ ପ୍ରଶଂସିତ ହୋଇଥିଲା। ତେଣୁ ଚଳିତବର୍ଷ ରାଜ୍ୟର ଯେଉଁ ୩ଟି ଐତିହ୍ୟ ସ୍ଥାନରେ ଯୋଗ ପାଳନ କରାଯିବ, ତାହା ମଧ୍ୟ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ଆଶା କରାଯାଉଛି।

# ପ୍ରଥମ ଥର ପାଇଁ ଓଡ଼ିଶାରେ ଖେଳାଯିବ କଷ୍ଟୋମାଇଜ୍ କଲର ବଲ ଟେନିସ ଟୁର୍ଣ୍ଣାମେଂଟ

ଭୁବନେଶ୍ୱର,୧୯/୦୬ (ନି.ପ୍ର): ଓଡ଼ିଶାରେ ପ୍ରଥମ ଥର ପାଇଁ ଖେଳାଯିବ କଷ୍ଟୋମାଇଜ୍ କଲର ବଲ ଟେନିସ ଟୁର୍ଣ୍ଣାମେଂଟ। ଆସନ୍ତା ୨୩ ରୁ ୨୬ ଜୁନ୍ ପର୍ଯ୍ୟନ୍ତ ଓଡିଶା ଟେନିସ୍ ଆସୋସିଏସନ୍ ବ୍ୟାନରରେ ଆଇ.ଆଇ.ଜି ସ୍ପୋର୍ଟସ୍ ଏକାଡେମୀ ପକ୍ଷରୁ କେଟି ଗ୍ଲୋବାଲ୍ ସ୍କୁଲ୍ କ୍ୟାମ୍ପସରେ ଖେଳାଯିବାକୁ ଯାଉଛି କଷ୍ଟୋମାଇଜ୍ ଅଲ ଓଡିଶା ଜୁନିୟର ଚାମ୍ପିଅନସିପ୍। ଏକ ସାମ୍ବାଦିକ ସମ୍ମିଳନୀରେ ଆଇଆଇଜି ସ୍ପୋର୍ଟସ୍ ଏକାଡେମୀର ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ ଟୁର୍ଣ୍ଣାମେଂଟ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଏଥିରେ ପିଲାମାନଙ୍କୁ ସେମାନଙ୍କ ଦକ୍ଷତା ଅନୁସାରେ ଖେଳିବାକୁ ସୁଯୋଗ ପ୍ରଦାନ କରାଯିବ। ପ୍ରଥମ ଥର ପାଇଁ ଟେନିସ ଟୁର୍ଣ୍ଣାମେଂଟ ଖେଳୁଥିବା ପିଲାଙ୍କ ପାଇଁ କଷ୍ଟୋମାଇଜ୍ କରାଯାଇ ସେମାନଙ୍କ ଦକ୍ଷତା ଅନୁସାରେ ଲାଲ୍, କମଳା ଏବଂ ଗ୍ରୀନ୍ ଡଟ୍ ବଲରେ ପ୍ରତିଯୋଗିତା କରାଯାଉଛି। ନିୟମିତ ଟେନିସ୍ ବଲ୍ ତୁଳନାରେ ଲାଲ୍ ବଲ୍, କମଳା ବଲ୍ ଏବଂ ଗ୍ରୀନ୍ ଡଟ୍ ବଲ୍ ରେ ଯଥାକ୍ରମେ ୨୫%, ୫୦% ଏବଂ ୭୫% ବାଉନ୍ସ ରହିଛି। ଏପରିକି ଟେନିସ କୋର୍ଟର ଆକାର ବଲ ସ୍ତର ଉପରେ ଆଧାର କରି କଷ୍ଟମାଇଜ୍ ହୋଇଛି। ରାଜ୍ୟ ତଥା ରାଜ୍ୟ ବାହାରରୁ ଶତାଧିକ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟରେ ପୁଅ ଓ ଝିଅ ମଧ୍ୟରେ ମ୍ୟାଚ ଖେଳାଯିବ। ଅଣ୍ଡର-୧୦, ଅଣ୍ଡର-୧୨, ଅଣ୍ଡର-୧୪ କ୍ୟାଟେଗୋରୀରେ ଖେଳାଯିବ। ଆଜିର ଏହି ପ୍ରେସମିଟରେ କେଟି ଗ୍ଲୋବାଲ ସ୍କୁଲର ନିର୍ଦ୍ଦେଶକ ପୂର୍ଣ୍ଣାଶିଷ ରଥ, ପ୍ରିନ୍ସିପାଲ୍ ସବିତା ପଣ୍ଡା, ଭାଇସ୍-ପ୍ରିନ୍ସିପାଲ୍ ଅନୁରାଧା ଘୋଷ, ଓଟିଏ କାର୍ଯ୍ୟନିର୍ବାହୀ ସଦସ୍ୟ ଅସିତ ପ୍ରଧାନ, ପ୍ରଶାସନିକ ଅଧିକାରୀ ସମ୍ପିତ ପଟ୍ଟନାୟକ୍ ପ୍ରମୁଖ ଉପସ୍ଥିତ ଥିଲେ।

# 'ଅଗ୍ନିବୀର'ଙ୍କ ପାଇଁ ରାଜ୍ୟ ସରକାର ସଂରକ୍ଷଣ ବ୍ୟବସ୍ଥା କରନ୍ତୁ: ଅପରାଜିତା



ଭୁବନେଶ୍ୱର,୧୯/୦୬ (ନି.ପ୍ର): କେନ୍ଦ୍ର ସରକାରଙ୍କ 'ଅଗ୍ନିପଥ' ଯୋଜନାକୁ ନେଇ ସାରା ଦେଶରେ ଜଳୁଥିବା ନିଆଁ ଥମିବା ନାଁ ଧରୁନି। ଦିନକୁ ଦିନ ବିରୋଧ ବଢ଼ିବାରେ ଲାଗିଛି। ବିକ୍ଷୋଭକାରୀମାନେ ଜାତୀୟ ସଂପତ୍ତି ନଷ୍ଟ କରୁଛନ୍ତି। ୪ ବର୍ଷ ପରେ ଛଟେଇ 'ଅଗ୍ନିବୀର' କ'ଣ କରିବେ, ସେ ନେଇ ଚିନ୍ତା ବଢ଼ିଥିବା ବେଳେ ୨୦୦୧ରେ ପ୍ରିଲିମିନାରି ପରୀକ୍ଷା ପାସ୍ କରି ମେନ୍-ପରୀକ୍ଷାକୁ ଅପେକ୍ଷା କରିଥିବା ଆଶାୟୀ ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏଭଳି ସ୍ଥିତିରେ ଭୁବନେଶ୍ୱର ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଅପରାଜିତା ଷଡ଼ଙ୍ଗୀ ଅଗ୍ନିବୀରଙ୍କ ପାଇଁ ରାଜ୍ୟ ସରକାର ସଂରକ୍ଷଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି, ଅଗ୍ନିବୀରଙ୍କୁ ଅର୍ଦ୍ଧ-ସାମରିକ ବଳରେ ନିଯୁକ୍ତି ଦେବା ପାଇଁ କେନ୍ଦ୍ର ସରକାର ୧୦ ପ୍ରତିଶତ ସଂରକ୍ଷଣ ଘୋଷଣା କରିଛନ୍ତି। ଅନ୍ୟ ରାଜ୍ୟ ମଧ୍ୟ ପୁଲିସ ବଳରେ ନିଯୁକ୍ତି ବେଳେ ଅଗ୍ନିବୀରଙ୍କୁ ଅଗ୍ରାଧିକାର ଦେବାକୁ ଘୋଷଣା କରିଛନ୍ତି। ଏଣୁ ଓଡ଼ିଶା ସରକାର ମଧ୍ୟ ଓଡ଼ିଶା ପୁଲିସରେ ନିଯୁକ୍ତି ବେଳେ ଏମାନଙ୍କୁ ଅଗ୍ରାଧିକାର ଦେବା ପାଇଁ ବ୍ୟବସ୍ଥା କରନ୍ତୁ ବୋଲି ସେ ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ଏହି ଯୋଜନାକୁ ବୁଝିପାରୁ ନଥିବାରୁ ଅନେକେ ଏହାର ବିରୋଧ କରୁଛନ୍ତି। ଏଣୁ ଥରେ ଯୋଜନାକୁ ବୁଝନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆସନ୍ତା ୨୪ ତାରିଖରୁ ଏହି ଯୋଜନାରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି।

# ରୁମାନା ଜାଫ୍ରୀ ଜଟଣୀ ତହସିଲଦାର

ଭୁବନେଶ୍ୱର ,୧୯/୦୬ (ନି.ପ୍ର): ଖୋର୍ଦ୍ଧା ବିଡିଓ ରୁମାନା ଜାଫ୍ରୀ ଜଟଣୀର ତହସିଲଦାର ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ଜଳଶ୍ୱେର ବିଡିଓ ଅଶ୍ୱିନୀ କୁମାର ଦାସଙ୍କୁ ଜଟଣୀ ତହସିଲଦାର ଭାବେ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ହେଁ ଏହାକୁ ବାତିଲ କରି ଦିଆଯାଇଛି। ଶନିବାର ଦିନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ବିଭାଗ ପକ୍ଷରୁ ୫ଜଣ ଓଆରଏସ୍ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ରଂଜନ କୁମାର ସିଂହଙ୍କୁ ଯାଜପୁରର ଆସିଷ୍ଟାଣ୍ଟ କଲେକ୍ଟର, ଅଜୟ ପଣ୍ଡାଙ୍କୁ ଯାଜପୁରର ଅତିରିକ୍ତ ତହସିଲଦାର, କ୍ଷୀରୋଦ କୁମାର ଦାସଙ୍କୁ ଅନୁଗୁଳ ଆସିଷ୍ଟାଷ୍ଟ କଲେକ୍ଟର, ପ୍ରିୟଦର୍ଶୀ ରାଜେଶ ବାଲେଶ୍ୱରର ଅତିରିକ୍ତ ତହସିଲଦାର ଓ ଚିତ୍ତରଂଜନ ପଟ୍ଟନାୟକଙ୍କୁ କୋରାପୁଟର ଆସିଷ୍ଟାଣ୍ଟ କଲେକ୍ଟର ଭାବେ ବଦଳି କରାଯାଇଛି।

ଅପରପକ୍ଷରେ ରଥଯାତ୍ରା ଉପଲକ୍ଷେ ଆଇନ ଶୃଙ୍ଖଳାର ନିୟନ୍ତ୍ରଣ ପାଇଁ ଆଜି ୮୧ଜଣ ଅଧିକାରୀଙ୍କୁ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତି ଦିଆଯାଇଛି। ଚଳିତମାସ ୨୯ତାରିଖରେ ଜୁଲାଇ ୧୩ତାରିଖ ପର୍ଯ୍ୟନ୍ତ ସଂପୃକ୍ତ ଅଧିକାରୀମାନେ ପୁରୀରେ କାର୍ଯ୍ୟ କରିବେ ବୋଲି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ହଣାହଣି: ଦୁଇ ବସ୍ କର୍ମଚାରୀ ଆହତ

ଭୁବନେଶ୍ୱର,୧୯/୦୬ (ନି.ପ୍ର): କେଉଁ ବସ୍ ଆଗରେ ଯିବ ଓ କେଉଁ ବସ୍ ପଛରେ- ଏହାକୁ ନେଇ ଆଜି ରାଜଧାନୀ ଭୁବନେଶ୍ୱରର ବରମୁଣ୍ଡାର ନୂଆ ବସ୍‌ଷ୍ଟାଣ୍ଡରେ ଘଟିଯାଇଛି ତୁମୁଳକାଣ୍ଡ। ଏଥିରେ ଦୁଇ ଜଣ ବସ୍ କର୍ମଚାରୀ (ଡ୍ରାଇଭର ଓ କଣ୍ଡକ୍ଟର) ଆହତ ହୋଇଛନ୍ତି। ସେମାନଙ୍କୁ କ୍ୟାପିଟାଲ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳେ ଏହି ଘଟଣା ଘଟିଛି। ଦୁଇଟି ଘରୋଇ ବସ୍ (ଦିଲ୍‌ଦାର ଓ ବାବାମଣି) ଗଞ୍ଜାମ ଜିଲ୍ଲାର ଛତ୍ରପୁର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ହେଲେ ବସ୍ ଛାଡ଼ିବା ସମୟକୁ ନେଇ ଦୁଇ ବସ୍‌ର କର୍ମଚାରୀମାନଙ୍କ ମଧ୍ୟରେ ବଚସା ହୋଇଥିଲା। ସେତେବେଳେ ଦିଲ୍‌ଦାର ବସ୍‌ର ମାଲିକ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଦିଲ୍‌ଦାର ବସ୍‌ର ମାଲିକ ଓ କର୍ମଚାରୀ ମିଶି ବାବାମଣି ବସ୍‌ର କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ସେମାନେ ସ୍ଥାନୀୟ ୪/୫ ଜଣ ଯୁବକଙ୍କ ସହାୟତାରେ ବାବାମଣି ବସ୍ କର୍ମଚାରୀଙ୍କୁ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ବାବାମଣି ବସ୍‌ର ଡ୍ରାଇଭର ଓ କଣ୍ଡକ୍ଟର ଆହତ ହୋଇଛନ୍ତି। ଏହା ସହିତ ବାବାମଣି ବସ୍‌କୁ ଭଙ୍ଗାରୁଜା କରାଯାଇଛି। ଏହାର କିଛି କାଚ ଝରକା ଭାଙ୍ଗି ଯାଇଛି। ଏହି ଘଟଣା ସମ୍ପର୍କରେ ଖବର ପାଇବା ପରେ ଭରତପୁର ପୁଲିସ୍ ବରମୁଣ୍ଡା ନୂଆ ବସ୍‌ଷ୍ଟାଣ୍ଡରେ ପହଞ୍ଚିଛି। ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବେଳେ ପୁଲିସ୍ ଏ ଘଟଣାରେ ପୁଲିସ୍ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ଓ ଅନ୍ୟମାନଙ୍କୁ ଧରିବାକୁ ପ୍ରୟାସ କରୁଛି। ଅନ୍ୟପକ୍ଷରେ ଦିଲ୍‌ଦାର ବସ୍‌କୁ ଆଉ ଛତ୍ରପୁର ଅଭିମୁଖେ ଯିବାକୁ ଦିଆଯାଇନି। ଏଥିରେ ଚଢ଼ିଥିବା ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଦିଆଯାଇଛି।

# ଭାରତ ଆସିବ 'ଚିତା': ମଧ୍ୟପ୍ରଦେଶର କୁନୋ ପାଲପୁର ଜାତୀୟ ଉଦ୍ୟାନ ପ୍ରସ୍ତୁତ

ଭୁବନେଶ୍ୱର ,୧୯/୦୬ (ନି.ପ୍ର): ୭୫ବର୍ଷ ପ୍ରତୀକ୍ଷାର ଅନ୍ତ ହେବାକୁ ଯାଉଛି। ଭାରତରେ ପୁଣି ଦୌଡ଼ିବ ଚିତା ବାଘ। ଘଣ୍ଟା ପ୍ରତି ୧୧୨କିମି ବେଗରେ ଦୌଡୁଥିବା ଏହି ବନ୍ୟପ୍ରାଣୀଙ୍କୁ ପୁଣିଥରେ ଭାରତୀୟ ଜଙ୍ଗଲରେ ଛାଡ଼ିବାକୁ କେନ୍ଦ୍ର ସରକାର ରୂପରେଖ ପ୍ରସ୍ତୁତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଦ. ଆଫ୍ରିକାରୁ ୬ଟି ଚିତା ଅଣାଯାଇ ମଧ୍ୟପ୍ରଦେଶର କୁନୋ ପାଲପୁର ଜାତୀୟ ଉଦ୍ୟାନରେ ଛଡ଼ାଯିବ। ଏଥିପାଇଁ ଉଦ୍ୟାନ ପରିସରରେ ସ୍ୱତନ୍ତ୍ର ଏନ୍‌କ୍ଲୋଜର ପ୍ରସ୍ତୁତ ହୋଇଛି। ଉଭୟ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ଶେଷ ହୋଇଛି। ଚଳିତ ମାସରେ ଉଭୟ ଦେଶର ବିଶେଷଜ୍ଞଙ୍କୁ ନେଇ ଗଠିତ କମିଟି ସମ୍ପୃକ୍ତ ଅଞ୍ଚଳ ଗସ୍ତ କରି ଭିତ୍ତିଭୂମି ଯାଞ୍ଚ କରିବେ। ଯଦି ସବୁ ଠିକ୍‌ଠାକ୍ ଚାଲେ, ଅଗଷ୍ଟ ମାସରେ ଭାରତୀୟ ଜଙ୍ଗଲରେ ଚିତା ଦୌଡ଼ିବ। ଏହି ଖବର ଜଣାପଡ଼ିବା ପରେ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ଭିତରେ ଆଲୋଚନା ଚାଲିଛି ଯେ 'ସୁନ୍ଦରୀ'କୁ ନେଇ ତିକ୍ତ ଅଭିଜ୍ଞତା ପରେ ଏବେ କ'ଣ; ନିକଟ ଭବିଷ୍ୟତରେ ଓଡ଼ିଶାରେ ଏଭଳି ପ୍ରକଳ୍ପ କରିବା ଲାଗି କେନ୍ଦ୍ର ସରକାର ଆଉ ଆଗ୍ରହ ଦେଖାଇବେ ନାହିଁ। ଏମିତିରେ ବି ଚିତା ବା ମହାବଳ ପାଇଁ ଆବଶ୍ୟକ ସୁରକ୍ଷିତ ଜଙ୍ଗଲ ସୃଷ୍ଟି କରିବାରେ ସରକାର ବିଫଳ ହୋଇଛନ୍ତି। ଅନ୍ୟଥା ଓଡ଼ିଶାରେ ଏଥିପାଇଁ ସୁଯୋଗ ସୃଷ୍ଟି କରାଯାଇପାରିଥାନ୍ତା। ସରକାର ଜଙ୍ଗଲ ବୃଦ୍ଧି ହୋଇଥିବା ଦାବି କରୁଥିଲେ ହେଁ ରାଜ୍ୟ ବନ ବିଭାଗ ଏବେ ସମସ୍ତଙ୍କ ମୁହଁ ପୋଡ଼ି ଦେଇଛି। ମଧ୍ୟପ୍ରଦେଶ ଓ ଓଡ଼ିଶା ମଧ୍ୟରେ ହୋଇଥିବା ପ୍ରଥମ ଅନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପକୁ ଝଟ୍‌କା ଲାଗିବା ପରେ କେନ୍ଦ୍ର ନିକଟରେ କିଏ ଦାବି କରି ଆଉ ଅପଦସ୍ଥ ହେବ ଓଡ଼ିଶାରୁ ଫେରିଥିବା ବାଘୁଣୀ 'ସୁନ୍ଦରୀ' ଏପର୍ଯ୍ୟନ୍ତ ଜଙ୍ଗଲୀ ସ୍ୱଭାବକୁ ଫେରିପାରିନି। ଓଡ଼ିଶାରୁ ଯିବା ଦିନଠାରୁ ସେ କାହ୍ନା ଅଭୟାରଣ୍ୟରେ ଥିବା ଏନ୍‌କ୍ଲୋଜର ଭିତରେ ରହିଛି। ଗୋଟିଏ ବିରାଟ ରଣନୀତିକୁ ବିଫଳ କରିଦିଆଗଲା। ସବୁଠାରୁ ବଡ଼ କଥା ହେଉଛି, ଏହି ଘଟଣା ପାଇଁ ରାଜ୍ୟ ସରକାର କାହାକୁ ଦାୟୀ କଲେନି କି କାର୍ଯ୍ୟାନୁଷ୍ଠାନ ନେଲେନାହିଁ। ଉଲ୍ଲେଖଥାଉକି, କେନ୍ଦ୍ର ସରକାର ପ୍ରଥମଥର ପାଇଁ ଅନ୍ତଃଦେଶୀୟ ବାଘ ସ୍ଥାନାନ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି। ଏକ ଦଶନ୍ଧିରୁ ଅଧିକ ସମୟ ହେଲା ଏହି ଯୋଜନା କାର୍ଯ୍ୟକାରୀ କରିବା ଲାଗି ଚିନ୍ତନ ଚାଲିଥିଲେ ହେଁ ସଫଳତା ମିଳିପାରି ନଥିଲା। ଓଲଟା ୨୦୧୨ରେ ସୁପ୍ରିମ୍‌କୋର୍ଟ ଏହା ଉପରେ ରୋକ୍ ଲଗାଇଥିଲେ। ୨୦୨୦ରେ କୋର୍ଟ ରହିତାଦେଶ ଉଠାଇବା ପରେ ଦକ୍ଷିଣ ଆଫ୍ରିକାରୁ ଚିତା ଆଣିବାକୁ ଯୋଜନା ଆଉ ପାଦେ ଆଗକୁ ବଢ଼ିଛି। ଆସିବାକୁ ଥିବା ଚିତାକୁ ଗୋଟିଏ ବର୍ଷ ଲାଗି ପରୀକ୍ଷାମୂଳକ ଭାବେ ରଖାଯାଇ ପରବର୍ତ୍ତୀ ସମୟରେ ଜଙ୍ଗଲକୁ ଛଡ଼ାଯିବ। ଯଦି ଏହି ପ୍ରକଳ୍ପ ସଫଳ ହୁଏ ତେବେ ପରବର୍ତ୍ତୀ ସମୟରେ ଆହୁରି ଚିତା ଆଣିବାକୁ କେନ୍ଦ୍ର ସରକାର ବିଚାର କରିଛନ୍ତି। ଏ ସଂକ୍ରାନ୍ତରେ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯାଉଛି।

# ଅଗ୍ନିପଥ ଯୋଜନା ବାତିଲ କର: ସି ପି ଆଇ(ଏମ)

ଭୁବନେଶ୍ୱର,୧୯/୦୬ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ଅଗ୍ନିପଥ ଯୋଜନା କୁ ସିପିଆଇ(ଏମ) ତୀବ୍ର ପ୍ରତିବାଦ କରି ତୁରନ୍ତ ପ୍ରତ୍ୟାହାର ପାଇଁ ଦାବୀ କରିଛି । ସିପିଆଏମ୍ ରାଜ୍ୟ ସମ୍ପାଦକ ଅଲି ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଏହା ଜାତୀୟ ସ୍ୱାର୍ଥ ବିରୋଧୀ। ପେସାଦାର/ବୃତିଗତ ସେନା ବାହିନୀ ପାଇଁ ଠିକା ଭିତିରେ ୪ ବର୍ଷ ପାଇଁ ନିଯୁକ୍ତି ଦେବା ନିଷ୍ପତି ଗ୍ରହଣଯୋଗ୍ୟ ନୁହେଁ । ଏହାଦ୍ୱାରା ପେନସନ ଅର୍ଥ କୁ ବଂଚାଇବା କୁ ଯାଇ ଆମ ସେନା ବାହିନୀର ଗୁଣ ଏବଂ ଦକ୍ଷତା ପ୍ରତି ସାଙ୍ଘାତିକ ଭାବେ ସାଲିସ କରାଯାଇଛି । ବିଗତ ଦୁଇ ବର୍ଷ ଧରି ସେନା ବାହିନୀ ରେ କୌଣସି ନିଯୁକ୍ତି ଦିଆଯାଇନାହିଁ । ସ୍ଥାୟୀ ସୈନିକ ନିଯୁକ୍ତି ଦେବା ପରିବର୍ତ୍ତେ ଅସ୍ଥାୟୀ ଭାବେ ଚାରି ବର୍ଷ ପାଇଁ ଠିକା ନିଯୁକ୍ତି ଦେଇ ସେମାନଙ୍କ ଭବିଷ୍ୟତ ପ୍ରତି ଆଖି ବୁଜି ଦିଆଯାଇଛି । ଏହାର ପରିଣାମ ସ୍ୱରୂପ ଠିକା ନିଯୁକ୍ତି ରେ ତାଲିମ ପ୍ରାପ୍ତ ଏହି ସୈନିକ ବଳ ପରବର୍ତ୍ତୀ ସମୟରେ ଏକ ଘରୋଇ ସଶସ୍ତ୍ର ବାହିନୀ ରେ ପରିଣତ ହେବ ।ସମାଜ ଉପରେ ଏହାର ପରିଣତି ଅତି ଭୟଙ୍କର ହେବ । ଅଦ୍ୟାବଧି ବିଭିନ୍ନ ପ୍ରସଙ୍ଗ ରେ ଆମ ସମାଜ ବିଷାକ୍ତ ପରିବେଶ ରେ ଆଘାତ ପ୍ରାପ୍ତ ହୋଇ ସାରିଛି। ନିଯୁକ୍ତି ର ସର୍ବନିମ୍ନ ନିରାପତା ନଥାଇ ଆମ ଯୁବକ ମାନଙ୍କୁ ସର୍ବୋତମ ତ୍ୟାଗ କରିବା ପାଇଁ ଆହ୍ୱାନ ଦେବା ଅପରାଧ ଅଟେ । ଏହି ପରିସ୍ଥିତି ରେ ଅଗ୍ନିପଥ ଯୋଜନା କୁ ତୁରନ୍ତ ପ୍ରତ୍ୟାହାର କରିବା ସହ ତୁରନ୍ତ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଦାବୀ କରିଛି ସି ପି ଆଇ(ଏମ ।

# ଏନ୍.ଡ଼ି.ଆର୍.ଏଫ୍. ଦ୍ୱାରା ସାଳନ୍ଦୀ ନଦୀରେ ଜଳରୁ ଉଦ୍ଧାରକାର୍ଯ୍ୟ ପ୍ରଦର୍ଶନ

## ବିପର୍ଯ୍ୟୟ ମୁକାବିଲା ପାଇଁ ଆଶ୍ରୟସ୍ଥଳୀ ମାନଙ୍କରେ ସାମୁହିକ ଅଭ୍ୟାସ କାର୍ଯ୍ୟକ୍ରମ

ଭଦ୍ରକ, ୧୯/୦୬ (ନି.ପ୍ର): ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ନେଇ ପ୍ରତିବର୍ଷ ଜୁନ୍ ୧୯ରେ ଅନୁଷ୍ଠିତ ହୋଇ ଆସୁଥିବା ମକ୍‌ଡ୍ରିଲ କାର୍ଯ୍ୟକ୍ରମ ପାଇଁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଆଜି ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଥିବା ଆଶ୍ରୟସ୍ଥଳୀମାନଙ୍କରେ ଏହା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାକୁ ଆସିଥିବା ଏକମାତ୍ର ଏନ୍.ଡ଼ି.ଆର.ଏଫ୍. ଦଳ ବନ୍ତ ବ୍ଲକ ର ଚାରିଗାଁ ଗ୍ରାମ ପଞ୍ଚାୟତରେ ଥିବା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ପହଞ୍ଚି ମକ୍‌ଡ୍ରିଲରେ ଅଂଶ ଗ୍ରହଣ କରିଥିଲେ । ସାମୁଦ୍ରିକ ବାତ୍ୟା 'ସିତ୍ରାଙ୍ଗ' ଆସୁଥିବା ନେଇ ଏସ୍.ଆର.ସି.ଙ୍କ ଦ୍ୱାରା ଜାରି କରାଯାଇଥିବା ଡ଼ମିବାର୍ତ୍ତା ଅନୁଯାୟୀ ପ୍ରଥମେ ମାଇକ୍ ଦ୍ୱାରା ଗାଁ ଲୋକଙ୍କୁ ସୂଚନା ପ୍ରଦାନ ସହ ସତର୍କ କରାଯାଇଥିଲା । ତାପରେ ଲୋକ ସ୍ଥାନାନ୍ତର ପ୍ରକ୍ରିୟାରେ ଗାଁର ବୃଦ୍ଧ, ବୃଦ୍ଧା, ପିଲା, ଦିବ୍ୟାଙ୍ଗ ମାନଙ୍କୁ ଆଶ୍ରୟସ୍ଥଳୀକୁ ଅଣାଯାଇଥିଲା । ସେମାନଙ୍କୁ ବିପର୍ଯ୍ୟୟ ମୁକାବିଲା ନେଇ ସଚେତନତା ଉଦ୍ଦେଶ୍ୟରେ ଏକ ସଭା କରାଯାଇଥିଲା । ବନ୍ତ ବି.ଡ଼ି.ଓ. ଶୁଭଦର୍ଶନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସ୍ଥାନୀୟ ସରପଞ୍ଚ ଗୀତିକା ଭୋଇ, ଅଗ୍ନିଶମ ଅଧିକାରୀ ଆଗରପଡ଼ା ସଞ୍ଜିବ କୁମାର ପ୍ରଧାନ, ଏନ୍.ଡ଼ି.ଆର୍.ଏଫ୍ ଅଧିକାରୀ ଏସ୍.ଏଚ୍. ସୁମନ, ଚାରିଗାଁ ବନ୍ୟା ଆଶ୍ରୟ ସ୍ଥଳୀର ସମ୍ପାଦକ ରଥ ବେହେରା, ବରିଷ୍ଠ ସଦସ୍ୟ ଗୋଲକ ପୃଷ୍ଟି ପୂର୍ବତନ ସରପଞ୍ଚ ବନମାଳୀ ବେହେରା, ପଞ୍ଚାୟତ ସମିତି ସଭ୍ୟ ଧରଣୀଧର କର, ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ଜେନା , ଓସଡ଼ମାର ଜିଲ୍ଲା ସଂଯୋଜକ ଅମ୍ଲାନ ଅନୁପମ ସେନାପତି, ନୋଡ଼ାଲ ଏନ୍.ଜି.ଓ ସି.ଏଫ୍.ଏସ୍.ଡ଼ବ୍ଲ୍ୟୁର କର୍ମକର୍ତ୍ତା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ୨୩ ଜଣିଆ ଏନ୍.ଡ଼ି.ଆର୍,ଏଫ୍ ଦଳର ଉଦ୍ଧାରକାରୀ ଏବଂ ମେଡ଼ିକାଲ କର୍ମଚାରୀମାନେ ଜଳରୁ ଉଦ୍ଧାର, ପ୍ରାଥମିକ ଚିକିତ୍ସା, ଜଳରେ ବୁଡ଼ି ନଯିବା ପାଇଁ ଘରୋଇ ଉପକରଣ ର ବ୍ୟବହାର, ଆଶ୍ରୟ ସ୍ଥଳୀରେ ଥିବା ଲାଇଫ୍ ଜ୍ୟାକେଟ୍, ଫୋଲଡ଼ିଂ ଷ୍ଟ୍ରେଚର ଆଦିର ବ୍ୟବହାର କୌଶଳ ଲୋକମାନଙ୍କୁ ଦେଖାଇବା ସହ ଶିଖାଇଥିଲେ । ଶେଷରେ ସାଳନ୍ଦୀ ନଦୀ ଜଳରେ ବୋଟ୍ ଚଳାଇ ଜଳରୁ ଉଦ୍ଧାର କାର୍ଯ୍ୟ ସହ ପିଡ଼ିତ ର ପ୍ରାଥମିକ ଚିକିତ୍ସା, ଅକ୍ସିଜେନ୍ ଲଗାଇ ଷ୍ଟ୍ରେଚ୍‌ରରେ ଆମ୍ବୁଲାନ୍ସ ଦ୍ୱାରା ଡ଼ାକ୍ତରଖାନା ପଠାଇବା ପ୍ରକ୍ରିୟାର ଅଭ୍ୟାସ ମୂଳକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଭଦ୍ରକ ବ୍ଲକ୍ ର ଦଇସିଂ ଓ ଅର୍ଣ୍ଣପାଳ ଠାରେ ଥିବା ଆଶ୍ରୟସ୍ଥଳୀରେ ଏହି ମକ୍‌ଡ୍ରିଲ କରାଯାଇଥିଲା । ଅନ୍ୟ ସମସ୍ତ ବ୍ଲକ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନୋଡ଼ାଲ ଅଧିକାରୀ ଭାବେ ବି.ଡ଼ି.ଓମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଶ୍ରୟସ୍ଥଳୀର ସଭାପତି , ସମ୍ପାଦକ ଓ ପରିଚାଳନା କମିଟିର ସଦସ୍ୟ, ନୋକାଲ୍ ଏନ୍.ଜି.ଓ.ମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲାସ୍ତରୀୟ ଅଧିକାରୀମାନେ ମଧ୍ୟ ପର୍ଯ୍ୟବେକ୍ଷକ ଭାବେ ଗସ୍ତକରି ଗତକାଲିର ଟେବୁଲଟପ୍ ଅଭ୍ୟାସ ଓ ଆଜିର ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବର୍ଷା ଯୋଗୁଁ ସିରିଜ ବରାବର....

ଆରମ୍ଭ ହୋଇଥିଲା ବର୍ଷା । ଦଳର ସ୍କୋର ୩.୩ ଓଭରରେ ୨୮ ରନ ହୋଇଥିବା ବେଳେ ବର୍ଷା କାରଣରୁ ପ୍ୟାଭିଲିୟନକୁ ଫେରିଥିଲା ଟିମ୍ ଇଣ୍ଡିଆ । ଆଉ ଏହାପରେ ବର୍ଷା ଥମିବାର ନାଁ ନେଇନଥିଲା । ଦୀର୍ଘ ସମୟ ଅପେକ୍ଷା କରିବା ପରେ ଶେଷରେ ୯ଟା ୪୦ ମିନିଟରେ ମ୍ୟାଚକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ ଅମ୍ପାୟାର । ବାଙ୍ଗାଲୋରରେ ଶେଷ ମ୍ୟାଚ୍ ପୂର୍ବରୁ ଦକ୍ଷିଣ ଆଫ୍ରିକାକୁ ଲାଗିଥିଲା ବଡ ଝଟକା । ଆହତ କାରଣରୁ ଅଧିନାୟକ ତେମ୍ବା ବାଭୁମା ଏହି ମ୍ୟାଚ୍ ଖେଳିନଥିଲେ । ବାଭୁମାଙ୍କ ସ୍ଥାନରେ କେଶବ ମହାରାଜ ଦକ୍ଷିଣ ଆଫ୍ରିକା ଦଳର ମଙ୍ଗ ଧରିଥିଲେ । କିନ୍ତୁ ମ୍ୟାଚ୍ ଆରମ୍ଭରୁ ହିଁ ବର୍ଷା ବାଧକ ସାଜିଥିଲା । ୭ଟା ପରିବର୍ତ୍ତେ ଖେଳ ୭ଟା ୫୦ରେ ଆରମ୍ଭ ହୋଇଥିଲା ଏବଂ ନିର୍ଦ୍ଧାରିତ ଓଭରରୁ ୧ ଓଭର କାଟି ମ୍ୟାଚକୁ ୧୯ ଓଭର କରାଯାଇଥିଲା । ଏହାପୂର୍ବରୁ ୫ ମ୍ୟାଚ୍ ବିଶିଷ୍ଟ ସିରିଜ ୨-୨ରେ ବରାବର ରହିଥିଲା । ଅର୍ଥାତ ଆଜିର ମ୍ୟାଚରେ ଯେଉଁ ଦଳ ବିଜୟୀ ହୋଇଥାନ୍ତା ସେହି ଟିମ୍ ସିରିଜ କବଜା କରିଥାନ୍ତା । ପ୍ରଥମ ୨ଟି ମ୍ୟାଚ୍ ଦକ୍ଷିଣ ଆଫ୍ରିକା ଜିତିଥିବା ବେଳେ ଶେଷ ୨ଟି ମ୍ୟାଚରେ ବିଜୟୀ ହୋଇଥିଲା ଟିମ୍ ଇଣ୍ଡିଆ ।

## ପ୍ରତ୍ୟାହାର ହେବନି 'ଅଗ୍ନିପଥ'....

କରିଛି ତିନି ସେନା । ପ୍ରେସମିଟ୍ କରି କହିଛନ୍ତି, ନୂଆ ସାମରିକ ନିଯୁକ୍ତି ଯୋଜନା ଅଗ୍ନିପଥ, ଦେଶ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ସାମରିକ ବାହିନୀରେ ଅଧିକ ନିଯୁକ୍ତି ମିଳିବ । ଅଧିକ ତରୁଣ ହେବ ଭାରତୀୟ ସେନା । ଏହାରି ଭିତରେ ଅଗ୍ନିପଥ ଯୋଜନାରେ ସ୍ଥଳସେନା, ବାୟୁସେନା ଓ ନୌସେନା ପକ୍ଷରୁ ଅଗ୍ନିବୀର ନିଯୁକ୍ତି ନେଇ ଘୋଷଣା କରାଯାଇଛି । ସ୍ଥଳସେନାରେ ଡିସେମ୍ବର ପ୍ରଥମ ସପ୍ତାହରେ ତାଲିମ୍ ନେବେ ପ୍ରଥମ ବ୍ୟାଚ୍ ଅଗ୍ନିବୀର ନୌସେନାରେ ନଭେମ୍ବରରେ ଓଡ଼ିଶାର ଆଇଏନଏସ୍-ଚିଲିକାରେ ପ୍ରଥମ ବ୍ୟାଚ୍ ଅଗ୍ନିବୀରଙ୍କ ତାଲିମ୍ ଡିସେମ୍ବରରେ ବାୟୁସେନାର ନିଯୁକ୍ତ ଅଗ୍ନିବୀରଙ୍କୁ ତାଲିମ ଦିଆଯିବ ।

## ମୁହଁ ଖୋଲିଲେ ବିଧାୟକ ବିଜୟ....

ବି ରୁଜୁ କରିଛି । ଏହାଛଡା ଅନୈତିକ ଯୁବତୀ ଚାଲାଣ ଆଇନର ଦଫା ୩.୪,୫.୬ ଅନୁସାରେ ମାମଲା ରୁଜୁ କରିଛି । ପ୍ରକୃତରେ ସୋମାଲିକା ଓ ବିଜୟ ଶଙ୍କର ମେ ମାସ ୧୭ ତାରିଖରେ ବିବାହ କରିବା ପାଇ ସବରେଜିଷ୍ଟ୍ରାର ଅଫିସରେ ଆବେଦନ କରିଥିଲେ । ଆଇନ ଅନୁସାରେ, କୌଣସି ଆପତି ନଆସିଲେ ବାହାଘର ୩୦ରୁ ୯୦ ଦିନ ଭିତରେ ହୋଇପାରିବ । କିନ୍ତୁ ଶୁକ୍ରବାର ବିଜୟଶଙ୍କର ଆସିନଥିଲେ । ଫଳରେ ଶନିବାର ଥାନାର ଦ୍ୱାରସ୍ଥ ହୋଇଥିଲେ ସୋନାଲିକା । ଏବେ ବିଜୟଶଙ୍କର ସ୍ପଷ୍ଟୀକରଣ ଦେବା ପରେ ମାମଲା ଆଗକୁ କଣ ହେଉଛି ।

## ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ....

୮୫ ବର୍ଷୀୟ କ୍ୟାଥଲିକ ଚର୍ଚ୍ଚର ଏହି ଧର୍ମଗୁରୁ, ବେସରକାରୀ ସ୍ତରରେ ଯୋଗାଇ ଦିଆଯାଉଥିବା ବିଶ୍ୱରେ ସବୁଠାରୁ ବଡ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମର ମୁଖ୍ୟ । ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ପୋପ ଫ୍ରାନ୍ସିସଙ୍କ ସହ କିଛିଦିନ ପୂର୍ବରୁ ସାକ୍ଷାତ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ୧୦ ବର୍ଷ ପରେ ବିଦେଶ ଗସ୍ତରେ ଯାଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ନୂଆଦିଲ୍ଲୀରୁ ଇଟାଲୀ ଅଭିମୁଖେ ଗସ୍ତ କରିବେ । ରୋମରେ ଆୟୋଜିତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ଖାଦ୍ୟ ସୁରକ୍ଷା ଓ ବିପର୍ଯ୍ୟୟ ପରିଚାଳନା ଉପରେ ବକ୍ତବ୍ୟ ରଖିବା ସହ ୟୁରୋପରେ ପ୍ରବାସୀ ଓଡିଆଙ୍କୁ ଭେଟି ଓଡିଶାର କଳା, ସଂସ୍କୃତିର ପ୍ରଚାର ପ୍ରସାର ନେଇ ଆଲୋଚନା ମଧ୍ୟ କରିବେ । ଭାରତ ଫେରିବା ବେଳେ ନବୀନ ଦୁବାଇରେ ମଧ୍ୟ ଏକ ନିବେଶକ ସମ୍ମିଳନୀରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

## ଅଗ୍ନିପଥ ଯୋଜନା ଯୁବପିଢ଼ି ଏବଂ ସେନା ହିତ ପାଇଁ ନୁହେଁ : ପ୍ରିୟଙ୍କା ଗାନ୍ଧୀ

ନୂଆଦିଲ୍ଲୀ, ୧୯/୦୬ : କଂଗ୍ରେସର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ରବିବାର ଦିନ କହିଛନ୍ତି ଯେ, ସେନାରେ ନିଯୁକ୍ତି ସହ ଜଡ଼ିତ କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା ଯୁବକ ଏବଂ ସୈନ୍ୟବାହିନୀର ସ୍ୱାର୍ଥରେ ନାହିଁ ଏବଂ ଏଭଳି ଲୋକ ବିରୋଧି ସରକାରଙ୍କୁ କ୍ଷମତାରୁ ହଟାଇବା ଉଚିତ । କଂଗ୍ରେସ ରବିବାର ଦିନ ଦିଲ୍ଲୀର ଜନ୍ତର-ମନ୍ତରରେ ସତ୍ୟାଗ୍ରହ ନାମରେ ଅଗ୍ନିପଥ ଯୋଜନା ବିରୋଧରେ ଯୁବକଙ୍କୁ ସମର୍ଥନ କରି ଏକ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ଏହି ସମୟରେ ସେନାରେ ନିଯୁକ୍ତି ସହ ଜଡ଼ିତ ଏହି ନୂତନ ଯୋଜନା ପ୍ରତ୍ୟାହାର କରିବାକୁ କଂଗ୍ରେସ ନେତାମାନେ ଦାବି କରିଥିଲେ । କଂଗ୍ରେସ ସାଂସଦ ତଥା ଦଳର କାର୍ଯ୍ୟ ସମିତିର ଅଧିକାରୀମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଏହି ବିକ୍ଷୋଭରେ ଭାଗ ନେବାକୁ ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଜନ୍ତର ମନ୍ତରରେ ପହଂଚିଥିଲେ । ତାଙ୍କ ସମ୍ବୋଧନରେ ସେ କହିଛନ୍ତି ଯେ, ଅଗ୍ନିପଥ ଯୋଜନା ଦେଶର ଯୁବକମାନଙ୍କୁ ହତ୍ୟା କରିବ । ଏହି ଯୋଜନା ସେନାକୁ ସମାପ୍ତ କରିବ । ଲୋକମାନେ ବର୍ତମାନର କେନ୍ଦ୍ର ସରକାରଙ୍କୁ ଗଣତାନ୍ତ୍ରିକ ଉପାୟରେ ବିମୁଦ୍ରୀକରଣ କରିବା ଉଚିତ୍ ।

# ଶାନ୍ତିଶୃଙ୍ଖଳା ସହିତ ସେବା ସମବାୟ ସମିତି ନିର୍ଦ୍ଦେଶକ ନିର୍ବାଚନ : ବ୍ଲକ ଅଧ୍ୟକ୍ଷ ମଧ୍ୟ ନିର୍ବାଚିତ

ଜଳେଶ୍ୱର, ୧୯/୬ (ନି.ପ୍ର): ଦୀର୍ଘ ୭ବର୍ଷ ପରେ ରାଜ୍ୟରେ ଅନୁଷ୍ଠିତ ହେଉଥିବା ସେବା ସମବାୟ ସମିତି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆଜି ଅନୁଷ୍ଠିତ ହୋଇ ଯାଇଛି । ଦୀର୍ଘବର୍ଷପରେ ନିର୍ବାଚନ ହେଉଥିବାରୁ ସମବାୟ ନିର୍ବାଚନ ଗୁଡିକରେ ମଧ୍ୟ ରାଜନୈତିକ ଦଳର ସମର୍ଥକଙ୍କ ମଧ୍ୟରେ ପ୍ରତିଦ୍ୱିନ୍ଦିତା ଦେଖିବାକୁ ମିଳିଥିଲା । ଶାସକ ବିଜେଡି ଦଳର ସମର୍ଥକମାନେ ଆଜିର ନିର୍ବାଚନରେ ଅଧିକ ସଂଖ୍ୟାରେ ଜିତିଥିବା ଦଳ ପକ୍ଷରୁ କୁହାଯାଇଛି । ଆଜି ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଜଳେଶ୍ୱର ବ୍ଲକର ୧୯ଟି ସେବା ସମବାୟ ସମିତି ମଧ୍ୟରୁ ୧୦ଟିରେ ନିର୍ବାଚନ କାର୍ଯ୍ୟ ଶେଷ ହୋଇଛି । ଏଥି ମଧ୍ୟରେ ୧୫ଟି ଲେଖାଏଁ ନିର୍ବାଚନ ଜୋନ୍ ରହିଛି । ସର୍ବଶେଷ ଖବର ଅନୁଯାୟୀ ରାମନଗର ପାଟଣାରେ ବିଜେଡି ସମର୍ଥୀତ ୯ଜଣ ଓ କଂଗ୍ରେସ ସହିତ ବିଜେପି ୪ଟି ସ୍ଥାନ ପାଇଥିବା ବେଳେ ୨ଜଣ ସ୍ୱାଧିନ ପାର୍ଥୀ ନିର୍ବାଚିତ ହୋଇଛନ୍ତି । ଆମ୍ବଳିଅଠା ସେବା ସମବାୟ ସମିତିରେ ବିଜେଡି ସମର୍ଥୀତ ୯ ଓ କଂଗ୍ରେସ ସହିତ ବିଜେପି ୬ଟି ସ୍ଥାନ, ଜ୍ୟୋତିଜଂଗମ ସେବା ସମିତିରେ ବିଜେଡି ସମର୍ଥୀତ ୫, ବିଜେପି ଓ କଂଗ୍ରେସ ସମର୍ଥୀତ ୯, ନାମ୍ପୋ ସେବାସମବାୟ ସମିତିର ବିଜେଡି ସମର୍ଥୀତ ୧୦, କଂଗ୍ରେସ ସହିତ ବିଜେପି ୫ଜଣ ଜିତିଥିବା ବେଳେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ ଚନ୍ଦ୍ର ଜେନା ବିଜେଡି ସମର୍ଥୀତ ପ୍ରାର୍ଥୀ ହୋଇ ଏଠାରୁ ଜିଣିଛନ୍ତି । ଇକିଡି ସେବା ସମବାୟ ସମିତିରେ ବିଜେଡି ସମର୍ଥନରେ ୧୪ ଓ କଂଗ୍ରେସ ୧ଟି, ଅଲାଲପୁରରେ ବିଜେଡି ସମର୍ଥୀତ ୧୩ ଓ କଂଗ୍ରେସ ୨, ରାୟାଁରାମଚନ୍ଦ୍ରପୁରରେ ୧୫ଟି ଯାକ ଜୋନ୍‌ରେ ବିଜେଡି ସମର୍ଥୀତ ପ୍ରାର୍ଥି ଜିତିଛନ୍ତି । ପାଇକସିଦା ସେବାସମିତିର ବିଜେଡି ସମର୍ଥିତ ୧୨ ଓ କଂଗ୍ରେସ ସହିତ ବିଜେପି ସମିର୍ଥିତ ୩ଟି ରେ ଜିଣିଛନ୍ତି । ପଶ୍ଚିମବାର୍ଡରେ ବିଜେଡି ସମର୍ଥୀତ ୯ ଓ କଂଗ୍ରେସ ସହିତ ବିଜେପି ସମର୍ଥିତ ୬ଜଣ ନିର୍ବାଚିତ ହୋଇଥିବା ବେଳେ ବର୍ତ୍ତନାରେ ଅଦ୍ୟାବଧି ଶେଷ ହୋଇଥିବା ୧୦ଟି ସ୍ଥାନରୁ କଂଗ୍ରେସ ଓ ବିଜେଡି ସମର୍ଥୀତଙ୍କୁ ୫ଟି ଲେଖାଏଁ ମିଳିଥିବା ବେଳେ ଅନ୍ୟ ୫ଟି ଗଣତି କାର୍ଯ୍ୟ ଚାଲୁ ରହିଛି ।

## ଗ୍ରାମ୍ୟ ମହାଦେବ ମନ୍ଦିର ସମ୍ମୁଖ ଖାଲ ସ୍ଥାନରେ ବାଲି ଭର୍ତ୍ତିକୁ ନେଇ ଗୋଷ୍ଠି କନ୍ଦଳ : ୧ ମୁମୁର୍ଷୁ

ଜଳେଶ୍ୱର, ୧୯/୬(ନି.ପ୍ର): ଆଜି ପୂର୍ବାହ୍ନରେ ଜଳେଶ୍ୱର ବ୍ଲକର ରାୟାଁ ରାମଚନ୍ଦ୍ରପୁର ଗାଁର ରଗଡେଶ୍ୱର ମହାଦେବମନ୍ଦିର ନିକଟ ଖାଲସ୍ଥାନରେ ଗ୍ରାମବାସୀମାନେ ବାଲି ପକାଇ ସମତୁଲ କରୁଥିଲେ । କିନ୍ତୁ ସେହି ଗାଁର ଗୋଟିଏ ପରିବାରର ସୁରେନ୍ଦ୍ର ମହାରଣା, ଗଜେନ୍ଦ୍ର ମହାରଣା, ହରେନ୍ଦ୍ର ମହାରଣା, ବିଶ୍ୱଜିତ୍ ମହାରଣା, ଅଜିତ୍ ଓରଫ ବାପି ମହାରଣା ପ୍ରମୁଖ



ବାଲି ଭର୍ତ୍ତିକ ବିରୋଧ କରିଥିଲେ । ଫଳରେ ଦୀର୍ଘ ସମୟଧରି ହଟଗୋଳ ଲାଗି ରହିଥିବାବେଳେ ସେହି ଗାଁର ସୁଶାନ୍ତ ଦାସ ଓରଫ କୁଲୁ(୪୦)ଙ୍କୁ ଭୁଜାଲିରେ ହଣାଯାଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ କରାଯାଇଛି । ମୁମୁର୍ଷୁ ଅବସ୍ଥାରେ ସୁଶାନ୍ତକୁ ପ୍ରଥମେ ଜିକେଭଟ୍ଟର ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଗାଁରେ ଉଭୟ ପକ୍ଷ ମଧ୍ୟରେ ଛକାପଂଝା ଲାଗି ରହିଛି ।

## ବଜ୍ରପାତରେ ଜଣେ ମୃତ

ବସ୍ତା, ୧୯/୦୬ (ନି.ପ୍ର): ବସ୍ତାଥାନା ଅଧିନସ୍ଥ ଦରଡା ପଞ୍ଚାୟତ ପଳାସିଆ ଗ୍ରାମର ଜୈନିକ ବ୍ୟକ୍ତି ବିଲରେ ମାଟି ଖୋଳି ସାରି ଘରକୁ ଫେରୁଥିବା ବେଳେ ରବିବାର ଅପରାହ୍ନରେ ବର୍ଷାସହିତ ବଜ୍ରପାତ ହୋଇଥିଲା । ତେବେ ସାଗର ହେମରମ୍ (୫୫)ଫେରୁଥିବା ବେଳେ ବଜ୍ରପାତ ଘଟାଥିଲା ଫଳରେ ସେ ମୂର୍ଛିତ ହୋଇ ପଡିଯାଇଥିଲେ । ନିକଟରେଥିବା ଲୋକେ ତାକୁ ଉଦ୍ଧାରକରି ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଆସିଥିଲେ ହେଲେ ଡାକ୍ତର ମୃତ ଘୋଷଣା କରିଛନ୍ତି । ତେବେ ମୃତ ସାଗର ର ୨ଟି ପୁଅ ୧ଟି ଝିଅ ଛୋଟଛୋଟ ହୋଇଥିବାରୁ ବର୍ତ୍ତମାନ ବିଧବା ସ୍ତ୍ରୀ କେମିତି ପୋଷିବ ପିଲାମାନଙ୍କୁ । ସରକାରପକ୍ଷରୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ଗୋଟିଏ ଦିନରେ ୫୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୯/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୫୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୪୩୩ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୩୯ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୩୦ ଜଣ ସଂଗରୋଧରୁ ଓ ୨୧ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରୁ ୪, ବୌଦ୍ଧ ଜିଲ୍ଲାରୁ ୧. କଟକ ଜିଲ୍ଲାରୁ ୩, ଗଂଜାମ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଜଗତସିଂଗପୁର ଜିଲ୍ଲାରୁ ୨, ଝାରସୁଗୁଡା ଜଲ୍ଲାରୁ ୧, ଖୋର୍ଧା ଜିଲ୍ଲାରୁ ୨୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ବନ୍ଦ କୋଠରୀ ଭିତରୁ ଗଳିତ ଶବ ଉଦ୍ଧାର : ହତ୍ୟା ସନ୍ଦେହ

ବାଲିଆପାଳ, ୧୯/୦୬ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ନୁଆଗାଁ ପଞ୍ଚାୟତ ଯମୁନାଶୂଳ ଗ୍ରାମରେ ଆଜି ଏକ ବନ୍ଦ କୋଠରୀ ଭିତରୁ ଜନୈକ ଦିବ୍ୟାଙ୍ଗ ଯୁବକଙ୍କ ପୋକଶାଳୁବାଲୁ ଗଳିତଶବ ଉଦ୍ଧାର କରାଯାଇଛି ।ମୃତ ବ୍ୟକ୍ତି ଜଣଙ୍କ ହେଲେ ଗ୍ରାମର ସନ୍ତୋଷ ଖିଲାର (୪୫) ।ପରିବାର ଲୋକଙ୍କ କହିବା ଅନୁଯାୟୀ ସନ୍ତୋଷ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ।ଗତ ୧୩ ତାରିଖରେ ସନ୍ତୋଷ ପତ୍ନୀ ଚାରିଜଣ ପିଲାଙ୍କୁ ଧରି ନିଜର ଶ୍ୱଶୁରଘରେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଚୌମୁଖ ଯାଇଥିଲେ । ୧୪ ତାରିଖ ସକାଳେ ସନନୋଷ ଘରକୁ ଫେରିଆସିଥିଲେ । ୧୭ ତାରିଖ ରିସେପସନକୁ ସନ୍ତୋଷଷ ଯାଇନଥିଲେ । ପରିବାର ଲୋକେ ଯେତେ ଫୋନ କରିଥିଲେ ମଧ ଫୋନ ସୁଇଚ ଅଫ ରହିଥିଲା ।ତାଙ୍କୁ ଖୋଜି ଘରେ ପହଂଚି ସମ୍ପର୍କୀୟମାନେ ଦେଖିବାରୁ ଘର ବାହାହାରେ ତାଙ୍କର ଚାରିଚକିଆ ଗାଡିଟି ବାହାରେ ଥୁଆ ହହୋଇଥିଲା । ଘରର କବାଟ ବନ୍ଦ ରହିଥିବା ।ବେଳେ ଝରକାକ ଦୁଇଟି ଖୋଲା ରହିଥିଲା ।ଝରକା ପଟେ ପଚା ଦୁର୍ଗନ୍ଧ ବାହାରୁଥିଲା । ଏନେଇ କାମକୁଣ୍ଡା ଫାଣ୍ଡିକୁ ଖବର ଦଦେବା ପରରେ ଫାଣ୍ଡିଅଧିକାରୀ ଶାରଦା ପ୍ରସନ୍ନ ମୁଦୁଲି ଘଟଣାସ୍ଥଳରେେ ପହଂଚି ତଦନ୍ତ କରିଥିଲେ । ଆଜି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବାଲିଆପାଳ ତହସିଲଦାର ଦୀପକ କୁମାର ଦାସଙ୍କ ଉପସ୍ଥିତିରେ ପୋଲଲିସ କବାଟ ଖୋଲିବା ।ପରେ ଘର ଭିତରେ ସନ୍ତୋଷଙ୍କ ମୃତଦେହ ପୋକସାଲୁବାଲୁ ଅବସ୍ଥାରେ ଫୁଲି ଯାଇଥିବା ବେଳେ ପଚା ଦୁର୍ଗନ୍ଧରେ ଫାଟିପଡୁଥିଲା । ଏନେଇ ବାଲିଆପାଳ ଥାନାରେ ୨୧/୨୨ରରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ପୋଲିସ ଶବକୁ ଜବତକରି ବ୍ୟବେଚ୍ଛଦ ପାଇଁ ପଠାଇଛି ।ତେବେ ପରିବାର ଲୋକେ ୧୪ ତାରିଖରେ ସନ୍ତୋଷଷ ଘରକୁ ଆସିଥିବା କହୁଥିବା ବେଳେ ସନ୍ତୋଷ ଘର ଭିତରେ ମୃତ୍ୟୁବରଣ କରିବବା ଚାରରିଦିନ ଭିତରେ ଶବ ପଚି ଶଢି ପୋକ ସାଲୁବାଲୁ ହେବା କୁ ନେଇ ସନ୍ଦେହ ଜାତ ହେଉଛି । ଏହା ପଛରେ ଏକ ସୁଚିନ୍ତିତ ହତ୍ୟା ଷଡଯନ୍ତ୍ର ଥାଇପାରେ ବୋଲି ଲୋକେ ସନ୍ଦେହ ପ୍ରକଟ କରିଛନ୍ତି । ଏହାର ଉଚ୍ଚସ୍ତରୀୟ ତଦନ୍ତ କଲେ ପ୍ରକୃତ ସତ୍ୟ ବାହାରକୁ ଆସିପାରିବ ବୋଲି ଅଂଚଳବାସୀ ଦାବୀ କରିଛନ୍ତି ।

## ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ସେମିନାର

ଭୁବନେଶ୍ୱର, ୧୯/୦୬ (ନି.ପ୍ର): ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ତରଫରୁ ଏକ ଦ୍ୱିଦିବସୀୟ ସେମିନାର ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତର ସଂସ୍କୃତ ବିଭାଗରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରଫେସର ବ୍ରଜକିଶୋର ସ୍ୱାଇଁ, ପ୍ରଫେସର ବିନୟ କୁମାର ଦାସ, ପ୍ରଫେସର ସୁବାସ ଚନ୍ଦ୍ର ଦାଶ, ପ୍ରଫେସର ମହେଶ୍ୱର ସାହୁ, ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ, ଡକ୍ଟର ବ୍ରଜକିଶୋର ମିଶ୍ର, ଡକ୍ଟର ପବିତ୍ର କୁମାର ରଥ, ଡକ୍ଟର ଧର୍ମେନ୍ଦ୍ର ଦାସ ପ୍ରମୁଖ ଭାଗନେଇ ଭାରତ ଇତିହାସର କିଛି ଅନାଲୋଚିତ ଅଧ୍ୟାୟ ଉପରେ ଆଲୋକପାତ କରିଥିଲେ। 'ସତ୍ୟମେବ ଜୟତେ', 'ବସୁଧୈବ କୁଟୁମ୍ବକମ', 'ଧର୍ମଚକ୍ର ପ୍ରବର୍ତନ' ପରି ଧ୍ୟେୟବାକ୍ୟକୁ ସର୍ବାନ୍ତଃକରଣରେ ଗ୍ରହଣ କରିନେବା ପାଇଁ ସେମାନେ ପରାମର୍ଶ ଦେଇଥିଲେ। ଉଭୟ ଦିନ ଡକ୍ଟର ପବିତ୍ର କୁମାର ପ୍ରାରମ୍ଭିକ ସୂଚନା ଦେଇଥିଲେ ଓ ଡକ୍ଟର ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଦୀପକ କୁମାର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


OFFICE OF THE SPECIAL PLANNING AUTHORITY; UDALA

UDALA, MAYURBHANJ, ODISHA, PIN-757041

Ph.: 06795-232268, Email: udalanac@gmail.com

No.: 1452/SPA Dt.: 18/06/2022, Udala

EMPANEL FOR ACCREDITATION OF REGISTERED TECHNICAL PERSON

Application for designated as an accredited person are invited from the intending registered technical person or architect under provision of any rule made under the act of Odisha Development Authority Act 1982 or under any other Act or rule made there under as a Registered technical person for empanelling in Udala NAC for detail site and field verification to submit report for approval of Building Plan. The registered Technical person or Architect will submit the application accompanied by fees of **Rs. 5000/- (Rupees five thousand)** only in shape of demand draft in favour of **Executive Officer Udala NAC payable at Udala**. The Application should be submitted in attached format i.e. Form No1 which will be downloaded from Udala NAC Website i.e. udalanac@gmail.com / in NAC office and submit the filled application put in the Tender Box on or before **dt. 29-06-2022** up to **2 PM**.

**ELIGIBLE CRITERIA :** (1) Application form completely filled in signed in full. (2) Demand Draft Rs. 5000/- registration Fee. (3) Filled affidavit in Form-V which is attached in application from. (4) Copy of registration Certificate with Council of Architecture / Associate membership of Institute of Engineers / Membership Certificate of Institute of Town Planners, India/ Others. (5) Copy of certificate in support of Educational Qualification. (6) Copy of Certificate in support of Experience and professional practice. (7) Copy of documents in support of requisite fees.

**NB:** Without submission of the original copy of deposit Challan and all documents signed in full, the application is liable rejection.

The undersigned reserved the right to reject any or all application without assigning any reason thereof.

*Sd/-Special Planning Authority, Udala NAC, Udala*


# ମୌସୁମୀ ଋତୁରେ ଝଡବାତ୍ୟା ମୁକାବିଲା ନେଇ ଟେବୁଲ ଟପ୍‌ଏକ୍ସାରସାଇଜ ବୈଠକ ଅନୁଷ୍ଠିତ



ବାରିପଦା, ୧୯/୦୬ (ନି.ପ୍ର): ରାଜ୍ୟ ସରକାରରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଗାଇଡ ଲାଇନ ଅନୁସାରେ ଚଳିତ ବର୍ଷ ମୌସୁମୀ ଋତୁରେ ସମ୍ଭାବ୍ୟ ଝଡବାତ୍ୟା / ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ସଂପୃକ୍ତ ବିଭାଗ ଦ୍ୱାରା ସତର୍କ ସଜାଗ ପଦକ୍ଷେପ ଗ୍ରହଣ ପୂର୍ବକ ବିପର୍ଯ୍ୟୟ ମୁକାବିଲା ଦିଗରେ କାର୍ଯ୍ୟ ପରିଚାଳନା କରାଯିବା ନେଇ ଏକ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ତା ୧୮-୦୬-୨୦୨୨ରିଖ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫାସିଲିଟେସନ କେନ୍ଦ୍ରରେ ଜିଲ୍ଲାପାଳ ମୟୂରଭଞ୍ଜ ଶ୍ରୀ ବିନୀତ ଭରଦ୍ୱାଜ ଭାପ୍ରସେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକ ଋଷିକେଶ ଦ୍ୟାନଦେଓ୍ୱ ଖିଲାରୀ, ଭାପୁସେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୟୂରଭଞ୍ଜ, ସୁଚାରୁ ବଳ, ଉପଜିଲ୍ଲାପାଳ, ବାରିପଦା ତଥା ନିର୍ବାହୀ ଅଧରକାରୀ ପୌରପରିଷଦ ବାରିପଦା, ଅନ୍ୟା ଦାସ, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳାନା ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ସୁନିଲ କୁମାର ସାହୁ ପ୍ରମୁଖ ସମେତ ଜିଲ୍ଲା ଜରୁରୀ ଅଧିକାରୀ ଡେପୁଟି କଲେକ୍ଟର ସୁଜୟ କୁମାର ପତି ଓ ପ୍ରକଳ୍ପ ଅଧିକାରୀ ହରିପ୍ରିୟା ନ୍ଦ ଏବଂ ସମ୍ପୃକ୍ତ ବିଭିନ୍ନ ଲାଇନ ବିଭାଗ ଅଧିକାରୀ ମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀବଳ ସମସ୍ତଙ୍କୁ ସ୍ୱାଗତ ଜଣାଇ ଚଳିତ ମୌସୁମୀ ଋତୁରେ ସମ୍ଭାବ୍ୟ ଝଡବାତ୍ୟା / ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଏସଆରସିଙ୍କ ଗାଇଡ ଲାଇନ ଅନୁସାରେ ଟିଟିଇ (ଟେବୁଲ ଟପ୍ ଏକ୍‌ସ୍‌ର୍‌ସାଇଜ୍) ସଂପର୍କରେ ଆଲୋକପାତ କରିଥିଲେ । ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ବୈଠକରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନ ଏବଂ ଓଡିଶା ବିପର୍ଯ୍ୟୟ ପରିଚାଳନା କତୃପକ୍ଷ ନିର୍ଦ୍ଦେଶାନୁଯାଇ ପ୍ରତି ବର୍ଷ ମୌସୁମୀ ଋତୁରେ ଝଡବାତ୍ୟା / ବନ୍ୟା ଆଦି ପ୍ରାକୃତିକ ବିର୍ପ୍ୟୟ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ପ୍ରତ୍ୟେକ ଲାଇନ ବିଭାଗ ଦ୍ୱାରା ଲାଇନ ବିଭାଗ ବିପର୍ଯ୍ୟୟ ପରଚାଳନା ଦିଗରେ ସତର୍କ ସଜାଗ ରହି ଜରୁରୀ କାଳୀନ ବିଭାଗୀୟ ଯୋଜନା କାର୍ଯ୍ୟକ୍ରମ ପ୍ରସ୍ତୁତି ଅନୁସାରେ କାର୍ଯ୍ୟ ସମ୍ପାଦାନ କରିବା ସହିତ ସଂପାଦନ କରିବା ସହିତ ବିଶେଷ କରି ବିପର୍ଯ୍ୟୟ ପୂର୍ବ, ସମୟ ଅବଧି ଏବଂ ବିପର୍ଯ୍ୟୟ ପରବର୍ତୀ ସମୟରେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେଇ ବିପର୍ଯ୍ୟୟର ସଠିକ ମୁକାବିଲା ଓ ସୁପରିଳନା ଦିଗରେ ସଂପୃକ୍ତ ବିଭାଗୀୟ ଅଧରକାରୀ ମାନଙ୍କ ଦାୟୀତ୍ୱ / ଭୂମିକା ସଂପର୍କୀତ ଏସଓପି (ସ୍ୱତନ୍ତ୍ର କାର୍ଯ୍ୟନ୍ନୟନ ରୂପ ରେଖା ଦିଗରେ କାର୍ଯ୍ୟକ୍ରମ ସୁପରିଳନା କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବିଶେଷ କରି ଜଳ ସମ୍ପଦ, କୃଷି, ଉଦ୍ୟାନ କୃଷି, ଫଂଚାୟତରାଜ ଓ ପାନୀୟ ଜଳ ବିଭାଗ ଜଳ ଯୋଗାଣ ଓ ପରିମଳ, ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ, ପ୍ରାଣୀ ସମ୍ପଦ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ସାଧାରଣ ଯୋଗଣ, ଶିଶୁ ସିରକ୍ଷା, ଓଡ୍ରାଫ୍, ଆରକ୍ଷୀ ବିଭାଗ ଏବଂ ସମ୍ପୃକ୍ତ ଅନ୍ୟାନ୍ୟ ବିଭାଗ ଦ୍ୱାରା ବିପର୍ଯ୍ୟୟ ସୁପରିଳନା କ୍ଷେତ୍ରରେ ପ୍ରସ୍ତୁତ (ଏସ୍‌ଓପି) କାର୍ଯ୍ୟାନୟନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି ଅବସରରେ ଓସ୍‌ଡମା ଡିଜିଏମ୍ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀ ସାହୁ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ବିପର୍ଯ୍ୟୟ ପରିଳନାରେ ସମ୍ପୃକ୍ତ ସମସ୍ତ ଲାଇନ ବିଭାଗ ଅଧିକାରୀ ମାନେ ପ୍ରସ୍ତୁତ ରହି କାର୍ଯ୍ୟ ସୁପରିଳନା କରିବା ପାଇଁ ପରାମର୍ଶ ଦେବା ସହିତ ଚଳିତ ବର୍ଷ ରାଜ୍ୟର ସମସ୍ତ ବ୍ଲକ ସ୍ତରରେ ମଧ୍ୟ ଟିଟିଇ ଓ ମକଡ୍ରିଲ୍ କାର୍ଯ୍ୟକ୍ରମ କୁ ଗୁରୁତ୍ୱ ଦିଆଯାଇଥିବା ସୂଚାଇଥିଲେ।

# ସଂସ୍କାର ଭାରତୀ ସଂସ୍ଥାପକ ପଦ୍ମଶ୍ରୀ ବାବା ଯୋଗେନ୍ଦ୍ରଜୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୯/୦୬ (ନି.ପ୍ର): ଅଖିଳ ଭାରତୀୟ ସାଂସ୍କୃତିକ ସଂଗଠନ ସଂସ୍କାର ଭାରତୀର ସଂସ୍ଥାପକ ପଦ୍ମଶ୍ରୀ ବାବା ଯୋଗେନ୍ଦ୍ରଜୀଙ୍କର ଗତ ୧୦ ତାରିଖ ଶୁକ୍ରବାର ଦିନ ଲକ୍ଷ୍ନୌ ଠାରେ ମହାପ୍ରୟାଣ ହୋଇଯାଇଛି । ଯୋଗେନ୍ଦ୍ରଜୀଙ୍କ ସ୍ମୃତି ପ୍ରତି ସମ୍ମାନପ୍ରଦର୍ଶନ ଉଦ୍ଦେଶ୍ୟରେ ସଂସ୍କାର ଭାରତୀ ଉତ୍କଳ ପୂର୍ବପ୍ରାନ୍ତ ପକ୍ଷରୁ ଭୁବନେଶ୍ୱର ୟୁନିଟ-୩ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସଂଗଠନର ଓଡିଶା ପୂର୍ବ ପ୍ରାନ୍ତର ଅଧ୍ୟକ୍ଷ ଶାନ୍ତନୁ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ୧୯୮୧ ମସିହା ବେଳକୁ ଯୋଗେନ୍ଦ୍ରଜୀଙ୍କ ନେତୃତ୍ୱରେ ସର୍ବଭାରତୀୟ ସ୍ତରରେ ଦେଶର କଳା ଓ କଳାକାରମାନଙ୍କୁ ଏକତ୍ରୀତ କରି ଏକ ରାଷ୍ଟ୍ରୀୟ ସଂଗଠନ ପ୍ରତିଷ୍ଠା ହୋଇଥିଲା । ଏହାର ନାମ ରହିଲା ସଂସ୍କାର ଭାରତୀ । ଅଦମ୍ୟ ଉତ୍ସାହ, ଅବିରତ ସଂକଳ୍ପ ଶକ୍ତି ବଳରେ ବାବା ଯୋଗେନ୍ଦ୍ରଜୀ ଏହି ଅନୁଷ୍ଠାନକୁ ଏକ ବିଶାଳ ଅନୁଷ୍ଠାନରେ ପରିଣତ କରିଛନ୍ତି । ବାବା ଯୋଗେନ୍ଦ୍ରଜୀଙ୍କ ଜନ୍ମ ୧୯୨୪ ମସିହା ଉତରପ୍ରଦେଶର ବସ୍ତି ଜିଲ୍ଲାରେ ହୋଇଥିଲା । ୧୯୪୨ ମସିହାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘରେ ଯୋଗଦେବା ପରଠାରୁ ସେ ୯୮ ବର୍ଷରେ ଦେହାନ୍ତ ହେବା ପର୍ଯ୍ୟନ୍ତ ଅତ୍ୟନ୍ତ ସକ୍ରିୟତାର ସହ ସଂସ୍କାର ଭାରତୀର ମାର୍ଗ ଦର୍ଶକ ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କର ଦେହାନ୍ତ ଭାରତୀୟ ସାଂସ୍କୃତିକ ସଂଗଠନରେ ଏକ ଅପୂରଣୀୟକ୍ଷତି । ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ, ସମ୍ବର୍ଦ୍ଧନ କରିବାରେ ସମର୍ପିତ ହୋଇଥିଲା ତାଙ୍କର ଜୀବନ । ନିଜେ ଜଣେ କଳାକାର ଭାବରେ କଳାକାରମାନଙ୍କ ସମସ୍ୟାକୁ ଉପଲବ୍ଧ କରି ସେମାନଙ୍କ କଲ୍ୟାଣ ସାଧନ ପାଇଁ ସେ ବହୁବିଧ ଉଦ୍ୟମ କରି ଆସିଥିଲେ ।

# ନୃତ୍ୟ ସଙ୍ଗୀତ କଳା ମନ୍ଦିରର ବାର୍ଷିକ ଉତ୍ସବ




ବାଲେଶ୍ୱର,୧୯/୦୬ (ନି.ପ୍ର): ବାଲେଶ୍ୱର ଜିଲାର ପୁରାତନ ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟସଙ୍ଗୀତ କଳାମନ୍ଦିରର ୬୬ତମ ବାର୍ଷିକ ଉତ୍ସବ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ମୁଖ୍ୟ ଅତିଥି ଭାବରେ ଶାନ୍ତିଲତା ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦଘାଟନ ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଏହିଠାରୁ ବହୁ ଛାତ୍ରଛାତ୍ରୀ ନୃତ୍ୟ ସଙ୍ଗୀତ ଓ କଳାରେ ପ୍ରଶିକ୍ଷଣ ପାଇଁ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ଉଚ୍ଚକୋଟିର ପ୍ରଦର୍ଶନ କରିବା ଅନୁଷ୍ଠାନ ପାଇଁ ଗୌରବର ବିଷୟ ବୋଲି ସେ କହିଥିଲେ । ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାର ପୁରାତନ ଏହି ଅନୁଷ୍ଠାନର ଉନ୍ନତି ପାଇଁ ସେ ସବୁ ପ୍ରକାର ସହଯୋଗ କରିବେ ବୋଲି କହିଥିଲେ । ଅନୁଷ୍ଠାନର ଉପ-ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟ କରିଥିଲେ । ନୃତ୍ୟ ସଙ୍ଗୀତ କଳାମନ୍ଦିରର ସମ୍ପାଦକ ଶରତ ଚନ୍ଦ୍ର ଦାଶ ଅନୁଷ୍ଠାନ ପ୍ରତିଷ୍ଠା ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ । ଅନୁଷ୍ଠାନର ଅନ୍ୟତମ ଉପ-ସଭାପତି ସମାଜସେବୀ ସୁବାସିନୀ ଜେନା ନୃତ୍ୟ ସଙ୍ଗୀତ କଳା ମନ୍ଦିରର ଗୁଣାତ୍ମକ ଶିକ୍ଷାଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ନୃତ୍ୟ ସଙ୍ଗୀତ ଓ କଳା କ୍ଷେତ୍ରରେ ଉଲେଖନୀୟ ଅବଦାନ ଥିବା ଗୁରୁ ଅଖିଳ କୁମାର ବେହେରାଙ୍କୁ ସଙ୍ଗୀତ ଶିରୋମଣୀ ସମ୍ମାନ, ଇତିଶ୍ରୀ ମହାନ୍ତିଙ୍କୁ ଉଷାମଣୀ ସମ୍ମାନ, ଗୁରୁ ନାରାୟଣ ଦାସଙ୍କୁ କାର୍ତ୍ତିକ ଚନ୍ଦ୍ର ପତି ସମ୍ମାନ ଓ ଇଂ ପ୍ରଶାନ୍ତ ଦତ୍ତଙ୍କୁ ମରଣୋତର କାମିନିକାନ୍ତ ମହାନ୍ତି ସମ୍ମାନ ପ୍ରଦାନ କରାଯାଇଥିଲା । ଶେଷରେ ଯୁଗ୍ମ ସମ୍ପାଦିକା ଲକ୍ଷ୍ମୀ ଘୋଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଅନୁଷ୍ଠାନର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମ ଗୁରୁ ଉର୍ମିଳା ସାହୁ, ନନ୍ଦକିଶୋର ଦାସ, ଭୁବନ ମୋହନ ପ୍ରଧାନ , ମନୋରଞ୍ଜନ ପଣ୍ଡା, ଭାସ୍କର ଚନ୍ଦ୍ର ଖିଲାର, ପ୍ରଭାକର ଜେନା ପ୍ରମୁଖ ପରିଚାଳନା କରିଥିଲେ । ଅନୁଷ୍ଠାନର ପୂର୍ବତନ ଛାତ୍ରୀ ଅଭିବନ୍ଦିତା ରଥ ଘୋଷିକା ଭାବେ ଦାୟିତ୍ୱ ତୁଲାଇଥିଲେ ।

# ବସ୍ତା ସମବାୟ ନିର୍ବାଚନ : ଶ୍ୟାମା ପ୍ରସାଦଙ୍କ ବିଜୟ



ବସ୍ତା, ୧୯।୦୬ (ନିପ୍ର): ପ୍ରଥମ ପର୍ଯ୍ୟାୟ ସମବାୟ ନିର୍ବାଚନରେ ବସ୍ତା ବ୍ଲକର ୧୨ ରୁ ୬ ଟି ସେବା ସମବାୟ ସମିତି ର ନିର୍ବାଚନ ରବିବାର ଶେଷ ହୋଇଛି।ମଥାନୀ ସମିତି ରେ ୧୧ ଜଣ କଂଗ୍ରେସ ଓ ୪ ବିଜେଡି ସମର୍ଥିତ, ରାଉତପଡ଼ା ରେ ୯ ବିଜେଡି ଓ ୬ ଭାଜପା ସମର୍ଥିତ, ଅମରଦାରୋଡ଼ ରେ ୧୩ ବିଜେଡି ଓ ୨ କଂଗ୍ରେସ ସମର୍ଥିତ, ସନ୍ତୋଷପୁରରେ ୧୪ ବିଜେଡି ଓ ୧ କଂଗ୍ରେସ ସମର୍ଥିତ, ବସ୍ତାରେ କଂଗ୍ରେସ ଓ ବିଜେଡି ମେଣ୍ଟ ସମର୍ଥନରେ ୧୫ଟି ଏବଂ ବ୍ରାହ୍ମଣଦା ମା ଭଗବତୀ ରେ ବିଜେଡି ୧୧ ଓ କଂଗ୍ରେସ ୪ ସମର୍ଥିତ ପ୍ରାର୍ଥୀ ଜିତିଛନ୍ତି।ବିଶେଷ କରି ଏହି ବ୍ରାହ୍ମଣଦା ସମିତି ରେ ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ଶ୍ୟାମାପ୍ରସ।ଦ ବେହେରା ନିର୍ବାଚିତ ହୋଇଥିବାରୁ ସବୁ ମହଲରୁ ବଧାଇ ଦିଆଯାଇଛି।

# ‘ସୁନାଝିଅ ମୋର ଜଗତଜିତା’ ଓ ‘ଫେରିଯିବାର ବେଳ’ ପୁସ୍ତକ ଲୋକାର୍ପିତ




ବାଲିଆପାଳ, ୧୯/୦୬ (ନି.ପ୍ର): ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସଭାଗୃହରେ ବାଲିଆପାଳ ଦୁଇ ଜଣ ବିଶିଷ୍ଟ ଲେଖକଙ୍କ ପୁସ୍ତକ ଲୋର୍କାପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ପୌରହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ ରେବତୀ ପତ୍ରିକାର ସଂପାଦିକା ସୁବାସିନୀ ଜେନା ଯୋଗ ଦେଇ ସାହିତ୍ୟିକ ଓ କବି ମାନେ ନିଜର ଉନ୍ନତ ଲେଖନୀ ଶୈଳୀ ମାଧମରେ ସମାଜ ପରିବର୍ତନରେ ସହାୟକା ହେବା ସହିତ ଆମ ମାତୃଭାଷାର ବିକାଶ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟାମାନଙ୍କ ମଧ୍ୟରେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳିପଦ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଦୀନକୃଷ୍ଣ ସ୍ମୃତିପରିଷର ପ୍ରତିଷ୍ଠାତା ସଂପାଦକ ପ୍ରାଧାପକ ବିପିନ ବିହାରୀ ବିଶ୍ୱାଳ, ବରିଷ୍ଠ ନାଗରିକ ପରିଷଦ ସଭାପତି ନାରାୟଣ ପ୍ରସାଦ ସାହୁ, କବି ବ୍ରଜେନ୍ଦ୍ର ନାଥ ଗିରି, ପ୍ରାଧପକ କୁଞ୍ଜକାନ୍ତ ପାତ୍ର , ଡା ବଙ୍କିମ ଚନ୍ଦ୍ର ଜେନା ପ୍ରମୁଖ ମଂଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଝାଡେଶ୍ୱର ପ୍ରଧାନଙ୍କର କ୍ଷୁଦ୍ରନାଟକ "ସୁନାଝିଅ ମୋର ଜଗତଜିତା" ଏବଂ କବୟତ୍ରୀ ଅନିତା ପ୍ରଧାନ ଆଚାର୍ଯ୍ୟଙ୍କ କବିତା ସଂଙ୍କଳନ "ଫେରିଯିବାର ବେଳ"କୁ ଅତିଥିମାନେ ଲୋକାର୍ପଣ କରିଥିଲେ । ଡ. କୃଷ୍ଣାକୁମାରୀ ନାୟକ ଅତିଥି ମାନଙ୍କୁ ମଂଚ ଆହ୍ୱାନ କରିଥିବାବେଳେ ଡ.ରଶ୍ମିତା ପ୍ରାଣୀଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମାଜସେବୀ ବ୍ୟୋମକେଶ ସାହୁ ସ୍ୱାଗତ ଅଭିଭାଷଣ, କବି ସନ୍ୟାସୀ ବେହେରା ବେଦ ପାଠ, ଗୀତିକାର ରମାନାଥ କର, ଶିକ୍ଷୟିତ୍ରୀ ପୂଜାରାଣୀ ଦାସ, ସଙ୍ଗୀତଜ୍ଞ ରାଧାରମଣ ରାଉତ, ପ୍ରକାଶ ଚନ୍ଦ୍ର ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ମୌସୁମୀ କବିତା ଆସରକୁ ସଂପାଦକ କବି ନଳିନୀକାନ୍ତ ପାଢୀ ସଂଯୋଜନା କରିଥିଲେ । କବି ବିଜୟ ପାତ୍ର, ସେକ ନିମାଜି, ପ୍ରଫୁଲ ବାଗ, ଭୀମଚରଣ ବେହେରା, ମନ୍ମଥ କୁମାର ସାହୁ, ପଂଚାନନ ସାହୁ, ରାମକୃଷ୍ଣ ଦାସ ଅଧିକାରୀ, ବ୍ରଜସୁନ୍ଦର ପାଣୀଗ୍ରାହୀ, ଶ୍ରୀ ହରି ମଣ୍ଡଳ, ପୂର୍ବତନ ଏବିଇଓ ମନ୍ମଥ ସାହୁ, ଜନ୍ମେଜୟ ସାହୁ,ମିଡିଆ ଫୋରମ ସଭାପତି ପ୍ରତାପ କୁମାର ପାତ୍ର, ଅଞ୍ଜଳୀ ଶତପଥୀ, ସେହ୍ନଲତା ନାୟକ, ଡ.ସିପ୍ରା ସରକାର, କବିତା ଗିରି, ଭାରତୀ ବେହେରା, ବାଗମିତା ପାଳ, ଗୀତାରାଣୀ ସାହୁ,ବିଷ୍ଣୁପ୍ରିୟା ମହାପାତ୍ର ପ୍ରମୁଖ ସାହିତ୍ୟ ଆଲୋଚନା ଓ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମକୁ ସାମ୍ବାଦିକ ଉମାକାନ୍ତ ନାୟକ,ପଙ୍କଜ ସାହୁ, ସାଗର ପଟ୍ଟନାୟକ, ପ୍ରଦୀପ ଜେନା, ଇନ୍ଦ୍ରଜିତ ଜେନା, ରମେଶ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ବ୍ୟଙ୍ଗ କବି ଅର୍ଦ୍ଧେନ୍ଦୁ ପ୍ରାଣୀଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ଧାର ହେଲା କାଳ : ବିଦ୍ୟୁତ ଆଘାତରେ ଚାଲିଗଲା ଜୀବନ

ଭଦ୍ରକ, ୧୯/୦୬ (ନି.ପ୍ର): ପଡିଥିଲା ତଳେ ବିଦ୍ୟୁତ ତାର । ଘରକୁ ଫେରିବା ବେଳେ ଅନ୍ଧାରରେ ଜାଣି ନପାରି ତାର ଉପରେ ଚଢ଼ିଯାଇଥିଲେ । ଯାହାଫଳରେ ତାଙ୍କର ମୃତ୍ୟୁ ହୋଇଛି । ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅଧିନ ନାଲଗରା ଗାଁରେ ଏମିତି ଅଭାବନୀୟ ଘଟଣା ଘଟିଛି । ମୃତକ କାଉପୁର ପଞ୍ଚାୟତ ସିରାପୁର ଗାଁର ସୁବାସ ସାହୁ । ଖବର ଅନୁଯାୟୀ, ସୁବାସ ସନ୍ଧ୍ୟାରେ କାମରୁ ଆସି ବଜାରକୁ ଯାଇଥିଲେ । ରାତିରେ ନାଲଗରା, ଇଟାଭାଟି ପଡିଆ ଦେଇ ଘରକୁ ଆସୁଥିଲେ । ଅନ୍ଧାରରେ ଆସୁଥିବାରୁ ତଳେ ପଡିଥିବା ବିଦ୍ୟୁତ ତାରକୁ ଜାଣି ନପାରି ଚଢି ଯାଇଥିଲେ ସୁବାସ । ଘଟଣାସ୍ଥଳରେ ସୁବାସଙ୍କର ମୃତ୍ୟୁ ହୋଇଥିଲା । ସକାଳେ ଲୋକେ ଦେଖି ସୁବାସଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ସୁବାସଙ୍କ ଦେହରେ ତାର ଗୁଡ଼ାଇ ହେବା ଲାଗି ପୋଡି ଯାଇଥିବା ଅନୁମାନ କରାଯାଉଛି । ବିଦ୍ୟୁତ ବିଭାଗର ଅବହେଳା ପାଇଁ ସୁବାସଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆଣିଛନ୍ତି ମୃତକଙ୍କ ପରିବାର ସହ ସରପଞ୍ଚ ମୁକ୍ତିକାନ୍ତ ସାହୁ ।

# ସର୍ପାଘାତରେ ଆଦିବାସୀ ମହିଳାଙ୍କ ମୃତ୍ୟୁ

ବାଲିଆପାଳ, ୧୯/୦୬ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ଦେଉଳାପଞ୍ଚାୟତ ଦେଉଳା ଗ୍ରାମରେ ଆଜି ଜନୈକା ଆଦିବାସୀ ମହିଳାଙ୍କ ସର୍ପାଘାତରେ ମୃତ୍ୟୁ ହୋଇଯାଇଛି । ମୃତା ମହିଳାଜଣଙ୍କ ହେଲେ ଛୋଟରାୟ ହେମ୍ବ୍ରମଙ୍କ ପତ୍ନୀ ମାହେଶ୍ୱରୀ(୩୫) ।ମାହେଶ୍ୱରୀ ଆଜି ସକାଳେ ଘରପାଖରେ ଥିବା ଏକ ପୋଖରୀକୁ ଶାଗ ତୋଳିବାକୁ ଯାଇଥିବା ।ବେଳେ ଏକ ବିଷଧର ସାପ ତାଙ୍କ ଗୋଡରେ କାମୁଡିଦେଇଥିଲା । ପରିବାରଲୋକେ ମାହେଶ୍ୱରିଙ୍କୁ ତୁରନ୍ତ ବାଲିଆପା।ଳ ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରିଥିଲେ ।ତେବେ ଡାକ୍ତର ସେଠାରେ ତାଙ୍କୁ ମୃତା ଘୋଷଣା କରିଥିଲେ ।ଏନେଇ ବାଲିଆପା।ଳ ଥାନା।ରେ ୨୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ଶବବ୍ୟବେଚ୍ଛେଦ କରାଯାଇଛି । ମାହେଶ୍ୱରୀଙ୍କ ଦୁଇଜଣ ଛୋଟ ପୁଅ ଓ ଝିଅ ଅଛନ୍ତି ।ଏହି ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ସରୋଜ କୁମାର ପିଳା ଦାବି କରିଛନନ୍ତି ।

# ପୋଖରୀରେ ଗାଧୋଉଥିବାବେଳେ ବୁଡିଗଲେ ତିନି ନାବାଳିକା : ଜଣେମୃତ, ଦୁଇ ଗୁରୁତର



ବାଲିଆପାଳ, ୧୯/୦୬ (ନି.ପ୍ର): ପୋଖରୀରେ ଗାଧୋଉଥିବା ବେଳେ ବୁଡିଯାଇ ଜଣେ ନାବାଳିକାର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଦୁଇଜଣ ଗୁରୁତତର ଅବସ୍ଥାରେ ଚିକିତ୍ସା ପାଇଁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହହୋଇଛନ୍ତି । ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳବ୍ଲକ ରେମୁଁ ଗ୍ରାମରେ ।ମିଳିଥିବା ସୂଚନା ମୁତାବକ ରେମୁଁ ଗ୍ରାମର ଗଦାଧର ଜେନାଙ୍କକ ପୁଅ ବାହାଘରର ପାଇଁ ବନ୍ଧୁବାନ୍ଧବ ଆସିଥିଲେ । ଆଜିଥିଲା ରିସେପସନ ପାର୍ଟୀ ।ହସଖୁସିରେ ରିସେପସନ ପ୍ରସ୍ତୁତିରେ ଲାଗିପଡିଥିଲେ ପରିବାର ତଥା ବନ୍ଧୁ ବାନ୍ଧବ ।ତେବେ ସକାଳେ ଗାଧୋଇବାକୁ ଯିବାକୁ କହି ଲଙ୍ଗଳେଶ୍ୱର ଗ୍ରାମର ଅନନ୍ତ ପାତ୍ରଙ୍କ ଝିଅ ଅନନ୍ୟା (୧୨), କାଳନ୍ଦା ଗ୍ରାମର ନରୋତ୍ତମ ପରିଡାଙ୍କ ଝିଅ ଜୟଲକ୍ଷ୍ମୀ(୧୪),କାଠଶଗଡା ଗ୍ରାମର ଶ୍ରୀନିବାସ ପାତ୍ରଙ୍କ ଝିଅ କାମିନୀ (୧୩) ତିନି ସଂମ୍ପର୍କୀୟ ଭଉଣୀ ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ତିନିଜଣ ପୋଖରୀ ଭିତରରକୁ ଗାଧୋଇବାକୁ ଯାଇଥିବା ବେଳେ ୬ ବର୍ଷର ଝିଅଟି ପୋଖରୀ ହୁଡାରେ ବସିଥିଲା ।ଏହି ସମୟରେ କାମିନୀର ଗୋଡ ଖସିଯିବାରୁ ତାକୁ ଉଦ୍ଧାରକରିବାକୁ ଅନ୍ୟଦୁଇଜଣ ଚେଷ୍ଟାକରିଥିଲେ । ପରେ ସମସ୍ତେ ବୁଡିଯାଇଥିଲେ । ପାଣି ଭିତରୁ ଉପରକୁ ନ ବାହାରିବା ଦେଖି ହୁଡାରେ ବସିଥିବା କକୁନି ଝିଅ ଜଣଙ୍କ ଘରକୁ ଆସି ସବୁକଥା କହିଥିଲା । ପରିବାର ଲୋକେ ପୋଖରୀ ଭିତରେ ପଶି ଖୋଜା ଖୋଜି ପରେ ତିନିଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲିଆପାଳ ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରିଥିଲେ । ତେବେ ଅବସ୍ଥା ସଙ୍କଟାପନନ୍ନ ଥିବାରୁ ତିନିଜଣଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା ।।ବାଲେଶ୍ୱରରେ ଡା।କ୍ତର କାମିନୀଙ୍କୁ ମୃତ ଘୋଷଣାକରିଥିବା ବେଳେ ଅନନ୍ୟା ଓ ଜୟଲକ୍ଷ୍ମୀ ଚିକିତ୍ସିତ ହେଉଛନ୍ତି । ଏହି ଘଟଣା ପରେ ଡାକ୍ତରଖାନା ପରିସରରେ ସମ୍ପର୍କୀୟମାନଙ୍କ ଭିଡ ଜମିବା ।ସହ ଡାକ୍ତରଖା।ନା ପରିସରରେ ଏକ ଶୋ।କାକୂଳ ପରିବେଶ ସୃଷ୍ଟି ହୋଇଥିଲା ।

# ବାଲେଶ୍ୱର ଜେଲରେ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ଉଦ୍‌ଘାଟିତ



ବାଲେଶ୍ୱର,୧୯/୦୬ (ନି.ପ୍ର): ଲାୟନ୍ସ କ୍ଲବ ପକ୍ଷରୁ ଏକ ବିଶୁଦ୍ଧ ତଥା ଥାଣ୍ଡା ପାନୀୟ ଜଳ ବ୍ୟବସ୍ଥା ବାଲେଶ୍ୱର ବାଲେଶ୍ୱର ଜିଲା କାରଗାରରେ ରବିବାର ଉଦଘାଟିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଏହି ପ୍ରକଳ୍ପକୁ ଉଦଘାଟନ କରିବା ସହିତ ଲାୟନ୍ସ କ୍ଲବର କର୍ମକର୍ତ୍ତାଙ୍କ ସହଯୋଗକୁ ଭୂୟସୀ ପ୍ରଶଂସା କରିଥିଲେ । ଜେଲ ଅନ୍ତେବାସୀଙ୍କ ପାଇଁ ଏହି ବ୍ୟବସ୍ଥା ବେଶ ଉପାଦେୟ ହେବ ବୋଲି ସେ ମତ ଦେଇଥିଲେ । କ୍ଲବର ସଭାପତି ଚନ୍ଦ୍ର ପ୍ରକାଶ ଭର୍ତ୍ତିଆ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହିତ ଜେଲ ପରିସରରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ସ୍ଥାପନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଲାୟନ୍‌ସ କ୍ଲବ ୩୨୨୫ ଜିଲ୍ଲା ପକ୍ଷରୁ ଚାଲିଥିବା ସମାଜସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ଜଳଧାରା ପ୍ରକଳ୍ପ ମାଧ୍ୟମରେ ବିଭିନ୍ନ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା ସ୍ଥାପନ କରାଯାଉଥିବା ସେ କହିଥିଲେ । କ୍ଲବର ବରିଷ୍ଠ ସଦସ୍ୟ ତଥା ପ୍ରିମିୟର ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ଶିବୁ ପୋଦାର, ଭଗବାନ ଗୁପ୍ତା, ସଞ୍ଜୟ ଦାସ, ଶ୍ୟାମସୁନ୍ଦର ଖଣ୍ଡେଲୱାଲ, ରାଜ କୁମାର ଖଣ୍ଡେଲୱାଲ, ରାଜେନ୍ଦ୍ର ଗୁପ୍ତା, କୋମଲ ମୋଦି, ଅନୀଲ ଖଣ୍ଡେଲୱାଲ, ରାଜେନ୍ଦ୍ର ମହାବର, ମଧୁସୁଦନ ହୋତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଜେଲ ଅଧୀକ୍ଷକ ଲାୟନ୍ସ କ୍ଲବ କର୍ମକର୍ତ୍ତାଙ୍କ ସମେତ ଜିଲାପାଳଙ୍କୁ ସାଧୁବାଦ ଜଣାଇଥିଲେ ।

# ନିଖୋଜ ପତ୍ନୀର ଉଦ୍ଧାର ପାଇଁ ସ୍ୱାମୀର ନିବେଦନ

ବାଲେଶ୍ୱର,୧୯/୦୬ (ନି.ପ୍ର): ସଦର ଥାନା ଅନ୍ତର୍ଗତ ମେଘଡମ୍ବରୁ ଅଞ୍ଚଳର ଜଣେ ଅନୁସୂଚିତ ଜନଜାତି ମହିଳାଙ୍କ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ସ୍ୱାମୀ ମଙ୍ଗଳ ମୁର୍ମୁ ଥାନାରେ ଏତଲା ଦେଇଛନ୍ତି । ଗତ ୯ ତାରିଖରେ ସେ କାମକୁ ଯାଇଥିବା ବେଳେ ତାଙ୍କ ପତ୍ନୀ ଜୟସ୍ମିତା ମୁର୍ମୁ (୨୫) ଦୁଇପୁଅଙ୍କୁ ଛାଡ଼ି କୁଆଡ଼େ ଚାଲିଯାଇଥିବା ଶ୍ରୀ ମୁର୍ମୁ ଏତଲାରେ ଉଲେଖ କରିଛନ୍ତି । ପୂର୍ବାହ୍ନ ୧୧ଟା ୩୦ ମିନିଟରେ ଘରେ ପହଞ୍ଚିବା ପରେ ପତ୍ନୀଙ୍କୁ ନ ପାଇ ସେ ୮ବର୍ଷର ବଡ଼ପୁଅକୁ ପଚାରିବାରୁ ‘ମାଆ ଡ୍ରେସ ପିନ୍ଧି ବାହାରକୁ ଯାଇଥିବା କହିଥିଲା । ଫୋନ କଲେ ବି ତାହା ସୁଇଚ ଅଫ ଦେଖାଉଛି । ତେବେ ପତି-ପତ୍ନୀଙ୍କ ମଧ୍ୟରେ କୌଣସି ଝଗଡ଼ାଝାଣ୍ଟି ନଥିବା ବେଳେ ଜୟସ୍ମିତାଙ୍କର ନିଖୋଜରେ ଶ୍ରୀ ମୁର୍ମୁ ମ୍ରିୟମାଣ ହୋଇପଡ଼ିଛନ୍ତି । ମାଆକୁ ନପାଇ ୫ବର୍ଷର ସାନପୁଅ ସବୁବେଳେ କାନ୍ଦୁଥିବା ବେଳେ ତୁରନ୍ତ ତା’ର ସନ୍ଧା ନେବାକୁ ସେ ସଦରଥାନା ଅଧିକାରୀଙ୍କୁ ନିବେଦନ କରିଛନ୍ତି ।

# ରସାଲପୁର ସମବାୟ ସମିତିରେ ୨ ନିର୍ଦ୍ଦେଶକ ନିର୍ବାଚିତ

ବାଲେଶ୍ୱର,୧୯/୦୬ (ନି.ପ୍ର): ପ୍ରଥମ ପର୍ଯ୍ୟାୟ ସମବାୟ ନିର୍ବାଚନରେ ରସାଲପୁର ପ୍ରାଥମିକ କୃଷି ସମବାୟ ସିମିତିର ୨ ଗୋଟି ଜୋନରେ ନିର୍ଦ୍ଦେଶକ ପଦ ପାଇଁ ରବିବାର ମତଦାନ ସହ ଫଳ ପ୍ରକାଶ ପାଇଛି । ୩ ନଂର ଜୋନର ପ୍ରାର୍ଥୀ ଚିତ୍ତରଞ୍ଜନ ପାଣିଗ୍ରାହୀ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ଆଲୋକ କୁମାର ଜୀଙ୍କଠାରୁ ୧୩ ଖଣ୍ଡ ଭୋଟ ବ୍ୟବଧାନରେ ଓ ୧୫ ନଂ ଜୋନ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ବେହେରା ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବିସ୍ମୟ କୁମାର ଦାସଙ୍କଠାରୁ ୧୩ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ଏହି ସମିତିର ଅନ୍ୟ ୧୩ ଗୋଟି ଜୋନର ଜଣେ ଲେଖାଏଁ ପ୍ରାର୍ଥୀ ଥିବାରୁ ସେମାନେ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ଦ୍ଦେଶକ ଭାବେ ନିର୍ବା।ଚିତ ହୋଇସାରିଛନ୍ତି ।

# ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ : ବାତ୍ୟା ଆଶ୍ରୟସ୍ଥଳୀରେ ଦମକଳବାହିନୀ ପକ୍ଷରୁ ମକ୍‌ଡ୍ରିଲ



ଜଳେଶ୍ୱର, ୧୯/୬(ନି.ପ୍ର): ଆଜି ବିପର୍ଯ୍ୟୟ ପ୍ରଶମନ ଦିବସ ଅବସରରେ ଜଳେଶ୍ୱର ଅଂଚଳରେ ଥିବା ୩ଟି ବାତ୍ୟା ଆଶ୍ରୟସ୍ଥଳୀରେ ଜଳେଶ୍ୱର ଦମକଳ ବାହିନୀ ପକ୍ଷରୁ ମଂକଡ୍ରିଲ ପ୍ରଦର୍ଶିତ ହୋଇଛି । ଏଥିରେ ନିକଟସ୍ଥ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ, ଯୁବକସଂଘ, ଛାତ୍ରଛାତ୍ରୀ, ଅଶାକର୍ମୀ, ଗ୍ରାମବାସୀ ତଥା ପରିଚାଳନା କମିଟି ସଦସ୍ୟ ମାନଙ୍କୁ ଦୀର୍ଘ ସମୟଧରି ବିପର୍ଯ୍ୟୟ ବେଳେ ଉଦ୍ଧାରକାର୍ଯ୍ୟ ସମ୍ପର୍କୀତ ପ୍ରଶିକ୍ଷଣ ଦିଆଯାଇଛି । ଏହି ଅବସରରେ କମାରଶାଳିଆ ବାତ୍ୟା ଆଶ୍ରୟସ୍ଥଳୀରେ ଆୟୋଜିତ ଶିବିରରେ ସରପଂଚ ବେଣୁଧର ଜେନା ସଭାପତିତ୍ୱ କରିଥିଲେ । ବ୍ଲକ ପକ୍ଷରୁ ଯୋଗାଣ ନିରିକ୍ଷକ ସାଗରିକା ରାଉତରାୟ, ପରିଚାଳନା କମିଟି ସଂପାଦକ ଶରତ ପରିଡା, ରଣଜିତ୍ ହୁଇ, ଲାଇଫ ସ୍ୱେଛାସେବୀ ସଂଗଂନର ତ୍ରିଲୋଚନ ଗିରି ଯୋଗ ଦେଇ ବିପର୍ଯ୍ୟୟ ବେଳେ ବାତ୍ୟା ଆଶ୍ରୟସ୍ଥଳୀରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧା ସଂପର୍କରେ କହିଥିଲେ । ପାଇକସିଦା ବାତ୍ୟା ଆଶ୍ରୟସ୍ଥଳୀରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ଯୁଗଳ କିଶୋର ଜେନା ସଭାପତିତ୍ୱ କରିଥିଲେ । ବ୍ଲକର ମଂଗଳ ଅଧିକାରୀ ସୁଜୟ କୁମାର ଚାନ୍ଦ, ପରିଚାଳନା କମିଟି ସଂପାଦକ ବଂଶୀଧର ଗିରି,ସମବାୟ ସମିତି ସଦସ୍ୟ ଦିଲ୍ଲିପ ଗିରି ଓ ସ୍ୱେଚ୍ଛାସେବି ସଂଗଂନ ପକ୍ଷରୁ ଉମାକାନ୍ତ ଅଣ୍ଡିଆ ଓ ସୁବାସିଶ ଗିରି ଯୋଗ ଦେଇ ବିପର୍ଯ୍ୟୟ ପୂର୍ବ ଓ ପର ସମୟର ସହାୟତା, ଚିକିତ୍ସା ସଂପର୍କରେ କହିଥିଲେ । ଗୁଆଗଡିଆ ବାତ୍ୟା ଆଶ୍ରୟସ୍ଥଳିରେ ସରପଂଚ ପ୍ରତିନିଧି ଗୌରାଙ୍ଗ ଜେନା ସଭାପତିତ୍ୱ କରିଥିଲେ । ପରିଚାଳନା କମିଟି ସଂପାଦକ ଜୟନ୍ତ ଦେ, ସ୍ୱେଚ୍ଛାସେବୀ ସଂଗଠନର ମୁଖ୍ୟ ତ୍ରିଲୋଚନା ଗିରି ଘଟଣାସ୍ଥଳରେ ପହଞ୍ଚି ଉପସ୍ଥିତ ଯୁବଗୋଷ୍ଠିକୁ ଜରୁରୀକାଳୀନ ପରିସ୍ଥିତିରେ ସେବା ଓ ଚିକିତ୍ସା ସଂପର୍କରେ ବୁଝାଇଥିଲେ । ଦମକା।ବାହିନୀ ପକ୍ଷରୁ ଉକ୍ତ ସ୍ଥାନମାନଙ୍କରେ ମଂକଡ୍ରିଲ କରାଯିବା ସହିତ ପ୍ରଶିକ୍ଷଣ ଦିଆଯାଇଥିଲା ।

# ବୋହୂର ଠେଙ୍ଗା ମାଡ଼ରେ ଶ୍ୱଶୁର ମୃତ

ଗଞ୍ଜାମ, ୧୯/୦୬ (ନି.ପ୍ର): ପାରିବାରିକ କଳହକୁ କେନ୍ଦ୍ର କରି ବୋହୂର ଠେଙ୍ଗା ମାଡ଼ରେ ଘଟଣାସ୍ଥଳରେ ଶ୍ୱଶୁରଙ୍କ ମୃତ୍ୟୁ ଘଟିଛି । ଆଜି ସକାଳେ ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ କିଶୋରଚନ୍ଦ୍ରପଲ୍ଲୀ ଗ୍ରାମରେ । ମୃତକ ଜଣକ ହେଲେ ସୀମାଚଂଳ ନାୟକ (୫୫) । ଖବର ପାଇ ଆସିକା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଆସିକା ଡାକ୍ତରଖାନାକୁ ପଠାଇଛି । ଥାନାରେ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ ହୋଇଛି । ଅଭିଯୁକ୍ତା ବୋହୂକୁ ଥାନାରେ ଅଟକ ରଖି ହତ୍ୟାକାଣ୍ଡ ବାବଦରେ ପଚରା ଉଚୁରା ଚଳାଇଛି ପୋଲିସ ।

# ଅଣସର ପିଣ୍ଡିରେ ପୂଜା ପାଇବେ ପଟିଦିଅଁ

ପୁରୀ, ୧୯/୦୬ (ନି.ପ୍ର): ପବିତ୍ରଧାମ ଶ୍ରୀକ୍ଷେତ୍ର । ଭକ୍ତପ୍ରିୟ ଭାବର ଠାକୁର ଭାବଗ୍ରାହୀ ଶ୍ରୀଜଗନ୍ନାଥ । ସ୍ନାନ ବେଦିରେ ଶ୍ରୀଜୀଉ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଅବସ୍ଥାନ କରିବେ । ଏହି ସମୟରେ ଭକ୍ତମାନେ ପ୍ରଭୁଙ୍କ ଦର୍ଶନ କରିନପାରି ପଟିଦିଁଅଙ୍କୁ ପ୍ରତୀକ ଦର୍ଶନ କରିବେ । ଦଇତାପତି ସେବକମାନେ ମହାପ୍ରଭୁଙ୍କୁ ସୁସ୍ଥ କରିବା ପାଇଁ ବିଭିନ୍ନ ଆୟୁର୍ବେଦିକ ଉପଚାର ସହ ଗୁପ୍ତ ସେବା ସମାପାନ କରିବେ । ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଅନନ୍ତ ନାରାୟଣ , ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଓ ମା ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା ଭୁବନେଶ୍ୱରୀ ପଟିଦିଅଁ ପୂଜା ପାଇବେ । ଉତ୍କଳୀୟ ସଂସ୍କୃତିରେ ପଟଚିତ୍ରର ପ୍ରଭାବ ଶ୍ରୀମନ୍ଦିରରେ ଦେଖିବାକୁ ମିଳିଥାଏ । ଏହି ପଟିଦିଁଅଙ୍କୁ ଚିତ୍ରକର ସେବାୟତମାନେ ନିର୍ମାଣ କରିଥାନ୍ତି । ଶୀତଳଷଷ୍ଠୀ ଦିନ ପରମ୍ପରା ଅନୁଯାୟୀ ଅନନ୍ତ ନାରାୟଣଙ୍କ ପଟିଚିତ୍ର ଅନୁକୂଳ ହୋଇଥିଲା । ପଂଚମୀ ତିଥିରେ ବଳଭଦ୍ରଙ୍କ ଅନନ୍ତ ବାସୁଦେବଙ୍କ ପଟିଚିତ୍ର ଅନୁକୂଳ ହୋଇଥିଲା । ସ୍ନାନଯାତ୍ରା ଦିନ ଶ୍ରୀବିଗ୍ରହମାନେ ବାହୁଡ଼ା ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିବା ପରେ ଶ୍ରୀମନ୍ଦିରରୁ ଘଂଟ,ଛତା,କାହାଳୀ ବାଜିବା ସହ ଚିତ୍ର ସେବକଙ୍କ ଘରକୁ ଯିବେ । ଚିତ୍ରକର ପରିବାରର ମହିଳାମାନେ ପଟିଦିଁଅଙ୍କୁ ବନ୍ଦାପନା କରିବା ପରେ ପଟିଦିଁଅ ଶ୍ରୀମନ୍ଦିରକୁ ବିଜେ କରିବେ । ଶିତଳଷଷ୍ଠୀ ଦିନ ପନ୍ତି ଭୋଗ ସରିବା ପରେ ଚିତ୍ରକର ସେବକମାନେ ପଟିଲାଗି କରିଥିବା ବେଳେ ରୁକୁଣୀ ହରଣ ଏକାଦଶୀ ଠାରୁ ପଟିରେ ରଙ୍ଗ ଦେଇ ଚିତ୍ରିତ କରିବା ଆରମ୍ଭ କରିଥିଲେ । ହେଙ୍ଗୁଳ, ହରିତାଳ, ଶଙ୍ଖ, ଦୀପକଳା, ଖଣ୍ଡନେଳି, ପଟା, ଗେରୁ, କଇଁଥ ଅଠା ଆଦି ପାରମ୍ପରିକ ରଙ୍ଗରେ ପଟିଦିଁଅଙ୍କୁ ଚିତ୍ରକର ସେବକମାନେ ନିର୍ମାଣ କରୁଛନ୍ତି । ପ୍ରଥମେ ନୂଆ କନାରେ ଅଠା,ଖଡ଼ି ପ୍ରଲେପ ଦେଇ ଘସା ପଥର ଦ୍ୱାରା ଘସି ଘସି ଚିକ୍କଣ କରିବା ସହ ପଟି ପ୍ରସ୍ତୁତ କରିଥାନ୍ତି । ପଟିକୁ ଆଙ୍କିବା ପାଇଁ ଗେରୁ ରଙ୍ଗ ଟିପଣା କରାଯାଏ । ପଟି ପସ୍ତୁତ ପରେ ଉକ୍ତ ପଟିରେ ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ ଓ ଭୁବନେଶ୍ୱରୀଙ୍କ ପ୍ରତିକୃତି ଅଙ୍କନ କରାଯାଇଥାଏ । ଶ୍ରୀମନ୍ଦିର ଜୟବିଜୟ ଦ୍ୱାର ନିକଟରେ ଖଟ ଉପରେ ମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ. ମାଧବ ଓ ଶ୍ରୀ ନୃସିଂହଙ୍କ ସହ ପଟିଦିଁଅଙ୍କୁ ପୂଜା କରାଯିବ । ପଣାପ୍ରିୟା ସାହିର ଚିତ୍ରକର ସେବକ ଦେବଦତ ମହାରଣାଙ୍କ ନେତୃତ୍ୱରେ ରିତୁରାଜ ମହାରଣା, ରମେଶ ଚନ୍ଦ୍ର ମହାରଣା, ବିପିନ ମହାରଣା, ସଚ୍ଚିକାନ୍ତ ମହାରଣା, ଧର୍ମେନ୍ଦ୍ର ମହାରଣା, ଜିତେନ୍ଦ୍ର ମହାରଣା,ଚନ୍ଦ୍ରଶେଖର ମହାରଣା ଓ ମାନସ କୁମାର ମହାପ୍ରଭୁଙ୍କ ପଟଚିତ୍ର ଅନନ୍ତ ନାରାୟଣ ନିର୍ମାଣ କରୁଛନ୍ତି । ଶ୍ରୀବଳଭଦ୍ରଙ୍କ ଅନନ୍ତ ବାସୁଦେବ ଓ ମା ଦେବୀ ସୁଭଦ୍ରାଙ୍କ ସ୍ଥାନରେ ପୂଜିତ ହେବାକୁ ଥିବା ମା ଭୁବନେଶ୍ୱରୀ ପଟଚିତ୍ରକୁ ଚିତ୍ରକର ସାହିର ରବି ଶଙ୍କର ମହାରଣାଙ୍କ ନିର୍ଦ୍ଦେଶନାରେ ଅନନ୍ତ ମହାରଣା, ମଦନ ମହାପାତ୍ର, ରାକେଶ ମହାପାତ୍ର, ନିରଞ୍ଜନ ମହାପାତ୍ର, ଡ଼ମ୍ବୁରଧର ମହାପାତ୍ର ଓ ପ୍ରଭାକର ମହାରଣା ପ୍ରମୁଖ ନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ରହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo